# ନିତିଦିନ
NITIDIN


RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
18 SEPTEMBER 2026
ଶୁକ୍ରବାର
୧୮ ସେପ୍ଟେମ୍ବର ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 109 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୧୦୯ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


## ୨୨କୁ ଘୁଞ୍ଚିଲା ଡିଜିପି ନିଯୁକ୍ତି ଶୁଣାଣି



**ଭୁବନେଶ୍ୱର,୧୭।୯/ଏନ୍ଏନ୍ଏସ୍:**

ସୁପ୍ରିମକୋର୍ଟରେ ଚାଲିଥିବା ଓଡ଼ିଶା ଡିଜିପି ନିଯୁକ୍ତି ସମ୍ପର୍କିତ ମାମଲା ପୁଣି ଘୁଞ୍ଚିଛି । ଏହାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ ତାରିଖରେ ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ଡିଜିପ ଚୟନ ପ୍ରକ୍ରିୟାରେ ଏମ୍ପାନେଲମେଣ୍ଟ ଓ ଯୋଗ୍ୟ ତାଲିକାକୁ ନେଇ ଆମିକସ କ୍ୟୁରି ରାଜୁ ରାମଚନ୍ଦ୍ରନଙ୍କ ରିପୋର୍ଟରେ ଉଠାଯାଇଥିବା ପ୍ରଶ୍ନ ଉପରେ ଆଜି ଆଲୋଚନା ହୋଇଛି । ବିଶେଷକରି ବରିଷ୍ଠ ଆଇପିଏସ ଅଧିକାରୀ ସୁଶାନ୍ତ କୁମାର ନାଥଙ୍କୁ ଯୋଗ୍ୟ ତାଲିକାରୁ ବାଦ ଦିଆଯିବା, ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ସମ୍ପର୍କିତ ପ୍ରଶ୍ନ ଏବଂ ଦୁଇଜଣ ଅତିରିକ୍ତ ଡିଜିପିଙ୍କ ପଦୋନ୍ନତି ପରେ ସେମାନଙ୍କୁ ଡିଜିପ ଚୟନ ପ୍ରକ୍ରିୟାରେ ଆଣିବା ପ୍ରସଙ୍ଗ ଉପରେ କୋର୍ଟ ଶୁଣାଣି କରିଥିଲେ ।

ଡିଜିପି ନିଯୁକ୍ତି ଶୁଣାଣି ଘୁଞ୍ଚିବା ସମ୍ପର୍କରେ ଏଜି ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ଗୁରୁବାର ସୁପ୍ରିମକୋର୍ଟରେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଶୁଣାଣି ୨୨ ତାରିଖକୁ ଘୁଞ୍ଚିଛି । ମୁଁ ଓ ▶▶ ୫



## ୩ ସପ୍ତାହ ପରେ ଦାରା ମୁକ୍ତି ମାମଲାର ଶୁଣାଣି

**ଭୁବନେଶ୍ୱର,୧୭।୯/ଏନ୍ଏନ୍ଏସ୍:**

ବହୁଚର୍ଚ୍ଚିତ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଦାରା ସିଂ ଓରଫ ରବୀନ୍ଦ୍ର କୁମାର ପାଲଙ୍କ ମୁକ୍ତି ନେଇ ସୁପ୍ରିମକୋର୍ଟରେ ଚାଲିଥିବା ମାମଲାର ଶୁଣାଣିକୁ ଘୁଞ୍ଚା ଦିଆଯାଇଛି । ସର୍ବୋଚ୍ଚ ନ୍ୟାୟାଳୟ ୩ ସପ୍ତାହ ପର୍ଯ୍ୟନ୍ତ ଶୁଣାଣି ଘୁଞ୍ଚାଇଛନ୍ତି । ଦାରା ସିଂଙ୍କ ଓକିଲ ଏ.ପି ସିଂହ ସମୟ ମାଗିବାରୁ ଏହାର ଶୁଣାଣିକୁ ଘୁଞ୍ଚାଇ ଦିଆଯାଇଛି । ଓଡ଼ିଶା ସରକାର ଦାରାଙ୍କ ଆଗୁଆ ମୁକ୍ତି ଆବେଦନକୁ ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡ (ଏସଏସଆରବି) ଖାରଜ କରିଥିବା ନେଇ ସୁପ୍ରିମକୋର୍ଟଙ୍କୁ ଅବଗତ କରିଛନ୍ତି । ସମାଜ ଉପରେ ଏହାର ପ୍ରଭାବ ପଡ଼ିବା ସହ ଆଗକୁ ସାମ୍ପ୍ରଦାୟିକ ଅଶାନ୍ତିର ଆଶଙ୍କା ଥିବା ଦର୍ଶାଇ ବୋର୍ଡ ଦାରାଙ୍କ ଆବେଦନ ଖାରଜ କରିଥିଲେ । ତେବେ ଦାରାଙ୍କ ମୁକ୍ତି ଆବେଦନକୁ ଓଡ଼ିଶା ସରକାର ଖାରଜ କରିବା ପରେ ସୁପ୍ରିମକୋର୍ଟ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ▶▶ ୫



## ଭୁବନେଶ୍ୱର ଡିସିପିଙ୍କ ଇସ୍ତଫା ଗୃହୀତ



### ବ୍ୟକ୍ତିଗତ କାରଣ ଦର୍ଶାଇ ଦେଇଥିଲେ ଇସ୍ତଫା

### ଅନୁମୋଦନ ପାଇଁ କେନ୍ଦ୍ରକୁ ପଠାଇଥିଲେ ରାଜ୍ୟ ସରକାର

**ଭୁବନେଶ୍ୱର,୧୭।୯/ଏନ୍ଏନ୍ଏସ୍:** ଭୁବନେଶ୍ୱର ଡିସିପି ଭାବେ କାର୍ଯ୍ୟ କରୁଥିବା ୨୦୧୩ ବ୍ୟାଚର ଆଇପିଏସ୍ ଅଫିସର ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ ହୋଇଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ ରାଷ୍ଟ୍ରପତି ତାଙ୍କ ଇସ୍ତଫା ଗ୍ରହଣ କରିଛନ୍ତି ଓ ଏହା ଚଳିତ ସେପ୍ଟେମ୍ବର ୧୧ ତାରିଖରୁ କାର୍ଯ୍ୟକାରୀ ହୋଇଛି । ଜଗମୋହନ ମୀନାଙ୍କ ସ୍ୱେଚ୍ଛାକୃତ ଇସ୍ତଫା ଆବେଦନକୁ ରାଜ୍ୟ ସରକାର ଆନୁଷ୍ଠାନିକ ଭାବେ ସ୍ୱୀକାର କରି ଚୂଡ଼ାନ୍ତ ଅନୁମୋଦନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ପଠାଇଥିଲେ । ଶ୍ରୀ ମୀନା ବ୍ୟକ୍ତିଗତ କାରଣ ଦର୍ଶାଇ ଗତ ଜୁନ୍ ମାସରେ ଚାକିରି ଛାଡ଼ିବା ପାଇଁ ରାଜ୍ୟ ସରକାରଙ୍କୁ ଇସ୍ତଫା ପତ୍ର ପଠାଇଥିଲେ । ରାଜ୍ୟ ସରକାର ତାଙ୍କର ଇସ୍ତଫା ପତ୍ର ଉପରେ ବିଚାରବିମର୍ଶ କରିବା ପରେ ନିଜର ମଞ୍ଜୁରୀ ଦେବା ସହ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଚୂଡ଼ାନ୍ତ ଅନୁମୋଦନ ପାଇଁ ପଠାଇଥିଲେ । ଶ୍ରୀ ମୀନା ଇସ୍ତଫା ଦେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ,ପରିବାର ସଦସ୍ୟ ଓ ବନ୍ଧୁମାନଙ୍କ ସହ ବିସ୍ତୃତ ଆଲୋଚନା ପରେ ହିଁ ସେ ଏହି ପଦକ୍ଷେପ ନେଇଛନ୍ତି । ଏହି ନିଷ୍ପତ୍ତି ପଛରେ କୌଣସି ପ୍ରକାରର ବାହ୍ୟ ଚାପ କିମ୍ବା ରାଜନୀତିକ ହସ୍ତକ୍ଷେପ ନଥିବା ସେ ସ୍ପଷ୍ଟ ▶▶ ୫

**ସେବା ସଂକଳ୍ପ ଅଭିଯାନର ଶୁଭାରମ୍ଭ**

## ‘ମୋଦୀ ହେଉଛନ୍ତି ବିକଶିତ ଭାରତର ବିନ୍ଧାଣୀ’

### ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ହେଲା ମେଗା-ରକ୍ତଦାନ ଶିବିର

### ଯୁବବର୍ଗଙ୍କୁ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



**ଭୁବନେଶ୍ୱର,୧୭।୯/ଏନ୍ଏନ୍ଏସ୍:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହେଉଛନ୍ତି ‘ବିକଶିତ ଭାରତର ବିନ୍ଧାଣୀ’ । ତାଙ୍କର ଦୀର୍ଘ ୫୦ ବର୍ଷର ଜନସେବା ଏବଂ ୨୫ ବର୍ଷର ନିରବଚ୍ଛିନ୍ନ ଶାସନ ଦେଶରେ କାୟାକଳ୍ପ ଆଣିଛି । ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଏକ ପ୍ରଭାବଶାଳୀ ଭୂ-ରାଜନୈତିକ ଓ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି । ପ୍ରତିରକ୍ଷା ଆମଦାନୀ ୭୦%ରୁ ହ୍ରାସ ପାଇ ୩୫%ରେ ପହଞ୍ଚିବା ସହ ସେମିକଣ୍ଡକ୍ଟର ଓ ସ୍ପେସ୍ ଟେକ୍ନୋଲୋଜି କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେଉଛି । ୨୦୪୭ ପୂର୍ବରୁ ବିକଶିତ ଭାରତର ଲକ୍ଷ୍ୟ ହାସଲ ହେବା ସୁନିଶ୍ଚିତ । ମୋଦୀଙ୍କ କଲ୍ୟାଣକାରୀ ଆଦର୍ଶରେ ଅନୁପ୍ରାଣିତ ହୋଇ ପାଳିତ ହେଉଥିବା ଏକ ମାସ ବ୍ୟାପୀ ‘ସେବା ସଂକଳ୍ପ ଅଭିଯାନ’ ▶▶ ୫

### ରକ୍ତଦାନରେ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ

**୮,୮୧୦ ୟୁନିଟ୍ ସଂଗ୍ରହ**


ପ୍ରଧାନମନ୍ତ୍ରୀଙ୍କ ୭୬ ତମ ଜନ୍ମ ଦିବସ ଅବସରରେ ଓଡ଼ିଶାରେ ରକ୍ତଦାନର ମହାକୁମ୍ଭ । ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ରାଜ୍ୟସ୍ତରୀୟ ମେଗା ରକ୍ତଦାନ ଶିବିରରେ ମୋଟ୍ ୮,୧୧୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି, ଯାହା ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି । ଏହି ଅବସରରେ ‘ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ’ ସଂସ୍ଥାର ପ୍ରତିନିଧି ସାର୍ଟିଫିକେଟ ପ୍ରଦାନ କରିଥିଲେ ।

**ଡବଲ୍ ମର୍ଡର ମାମଲା**

## ୧୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ

**ଗଜପତି,୧୭।୯/ଏନ୍ଏନ୍ଏସ୍:**

ଏକ ଡବଲ ମର୍ଡର ମାମଲାରେ ୧୨ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଗଜପତି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ହର ପ୍ରସାଦ ପଟ୍ଟନାୟକ । ଗତ ୨୦୨୧ ମସିହା ଜୁନ ୧୨ ତାରିଖ ସନ୍ଧ୍ୟାରେ ଗଜପତି ଜିଲ୍ଲା ଅଡ଼ବା ଥାନା ଅନ୍ତର୍ଗତ ମୁଠାଗୁଡା ଗାଁର ଲୁକା




ଦଳବେହେରାଙ୍କୁ ଗୁଣିଆ ସନ୍ଦେହରେ ଗାଁ ଲୋକେ ଆକ୍ରମଣ କରିଥିଲେ । ଏହାର ପ୍ରତିବାଦ କରିବାରୁ ଲୁକା ଦଳବେହେରାଙ୍କ ପୁଅ ଅନୁଖ ଦଳବେହେରାଙ୍କ ଉପରେ ମଧ ଆକ୍ରମଣ କରାଯାଇଥିଲା ।

ପ୍ରଥମେ ଆକ୍ରମଣକାରୀମାନେ ଉଭୟ ବାପପୁଅ ମରିଗଲେ ଭାବି ଛାଡ଼ିଦେଇଥିଲେ । ହେଲେ ପରବର୍ତ୍ତୀ ସମୟରେ ସେମାନେ ବଞ୍ଚିଥିବା ଜାଣି ପୁଣି ବିଷ ଦେଇ ହତ୍ୟା କରିଥିଲେ । ଏନେଇ ଅଡ଼ବା ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଜସୁଆ ଗମାଙ୍ଗଙ୍କ ସମେତ ଅନ୍ୟ ୧୧ଜଣଙ୍କୁ ଗିରଫ କରି କୋର୍ଟ ▶▶ ୫

## ଲୋକସେବା ଭବନ ‘ତମାଖୁମୁକ୍ତ ଅଞ୍ଚଳ’ ଘୋଷିତ

**ଭୁବନେଶ୍ୱର,୧୭।୯/ଏନ୍ଏନ୍ଏସ୍:**

ଜନସ୍ୱାସ୍ଥ୍ୟର ସୁରକ୍ଷା, ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସୃଷ୍ଟି ତଥା ତମାଖୁ ବ୍ୟବହାରର କୁପ୍ରଭାବରୁ କର୍ମଚାରୀ ଓ ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଲୋକସେବା ଭବନ ପରିସରକୁ ‘ତମାଖୁମୁକ୍ତ ଅଞ୍ଚଳ’ ଭାବେ ଘୋଷଣା କରାଯାଇଛି । ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ନୋଟିଫିକେସନ୍ ଜାରି କରାଯାଇଛି । ତମାଖୁ ବ୍ୟବହାର କ୍ୟାନ୍ସର, ହୃଦ୍‌ରୋଗ ଓ ଫୁସଫୁସଜନିତ ରୋଗ ସମେତ ବିଭିନ୍ନ ଅଣସଂକ୍ରାମକ ରୋଗର ଏକ ପ୍ରମୁଖ କାରଣ । ତମାଖୁ ବ୍ୟବହାର ଯୋଗୁଁ ଦେଶରେ ପ୍ରତିବର୍ଷ ପ୍ରାୟ ୧୩ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଥିବା ନୋଟିଫିକେସନ୍‌ରେ ଉଲ୍ଲେଖ କରାଯାଇଛି । ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, “ସ୍ୱଚ୍ଛ ଭାରତ, ସ୍ୱସ୍ଥ ଭାରତ ଏବଂ ‘ନିଶାମୁକ୍ତ ଭାରତ ଅଭିଯାନ’ର ଲକ୍ଷ୍ୟକୁ ସୁଦୃଢ଼ କରିବା ସହ ଲୋକସେବା ଭବନକୁ ଏକ ସ୍ୱଚ୍ଛ, ସୁସ୍ଥ ଓ ତମାଖୁମୁକ୍ତ କାର୍ଯ୍ୟସ୍ଥଳ ଭାବେ ଗଢ଼ି ତୋଳିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ତମାଖୁ ସେବନ ବିରୋଧୀ ଅଭିଯାନକୁ ଆହୁରି ସୁଦୃଢ଼ କରାଯାଉଛି । ଆମ ଆଗାମୀ ପିଢ଼ିକୁ ଏକ ସୁସ୍ଥ ଜୀବନ ଓ ସଠିକ୍ ବାର୍ତ୍ତା ଦେବା ପାଇଁ ଆମେ ସର୍ବଦା ତତ୍ପର ଅଛୁ । ତମାଖୁ ବ୍ୟବହାରରୁ ସମ୍ପୂର୍ଣ୍ଣ ବିରତି ପାଇଁ ଆଗାମୀ ଦିନରେ ମଧ ଆମର ପ୍ରୟାସ ଜାରି ରହିବ । ନୋଟିଫିକେସନ୍ ଅନୁଯାୟୀ, ଲୋକସେବା ଭବନ ପରିସରରେ ଧୂମପାନ, ତମାଖୁ ସେବନ ଏବଂ ତମାଖୁ ଛେପ ପକାଇବା ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ଏହି ନିୟମର ଉଲ୍ଲଂଘନକୁ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯିବ ।



**ସେମିକନ୍ ଇଣ୍ଡିଆ ୨୦୨୬: ୫ମ ସଂସ୍କରଣ ଉଦ୍‌ଘାଟିତ**

## ‘ସେମିକଣ୍ଡକ୍ଟର ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟରେ ଭାରତ’

**ଦଶନ୍ଧି ଲାଗୁଥିବା ଲକ୍ଷ୍ୟକୁ ମାତ୍ର ୪ ବର୍ଷରେ ହାସଲ**



**ନୂଆଦିଲ୍ଲୀ, ୧୭।୯/ଏଜେନ୍ସି:** ନୂଆଦିଲ୍ଲୀ ସ୍ଥିତ ‘ୟଶୋଭୂମି କନ୍‌ଭେନ୍‌ସନ୍ ସେଣ୍ଟର୍’ରେ ‘ସେମିକନ୍ ଇଣ୍ଡିଆ ୨୦୨୬’ର ୫ମ ସଂସ୍କରଣ ଆୟୋଜିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଏହି ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୋଦୀ ନିଜ ସମ୍ବୋଧନରେ କହିଛନ୍ତି ଯେ ‘ସେମିକଣ୍ଡକ୍ଟର ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟରେ ପାଦ ଥାପିଛି ଭାରତ । ଯାହା ମାଧ୍ୟମରେ ଭାରତ ଏବେ ପ୍ରାରମ୍ଭିକ ଭିତ୍ତିଭୂମି ନିର୍ମାଣରୁ ବ୍ୟାବସାୟିକ ଚିପ୍ ଉତ୍ପାଦନ ଆଡ଼କୁ ଅଗ୍ରସର ହେଉଛି । ଯେଉଁ କାମ ପାଇଁ ସାଧାରଣତଃ ଗୋଟିଏ ଦଶନ୍ଧି ଲାଗିଥାଏ, ଭାରତ ତାହା ମାତ୍ର ୪ ବର୍ଷରେ ହାସଲ କରିଛି ।’ ମୋଦୀଙ୍କ କହିବାନୁସାରେ ବିଶ୍ୱସ୍ତରୀୟ ସପ୍ଲାଇ ଚେନ୍‌ରେ ଦେଖାଦେଉଥିବା ଅସ୍ଥିରତାକୁ ଦୃଷ୍ଟିରେ ରଖି ବିଶ୍ୱକୁ ଏକ ବିଶ୍ୱସନୀୟ ଉତ୍ପାଦନ କେନ୍ଦ୍ରର ଆବଶ୍ୟକତା ରହିଛି । ଭାରତ ନିଜକୁ ବିଶ୍ୱର ଏକ ଆସ୍ଥାଭାଜନ ଚିପ୍ ଗନ୍ତବ୍ୟସ୍ଥଳ ଭାବେ ଗଢ଼ିତୋଳୁଛି ।

‘ସିଲିକନ୍‌ରୁ ସିଷ୍ଟମ୍: ପରିସଂସ୍ଥାର ନିର୍ମାଣ’ ବିଷୟବସ୍ତୁ ଉପରେ ଆଧାରିତ ଏହି ▶▶ ୫

## ଓଡ଼ିଶାରେ ହେବ ୩ଟି ପ୍ୟାକେଜିଂ ୟୁନିଟ୍

**ଅଶ୍ୱିନୀ ବୈଷ୍ଣବଙ୍କ ଘୋଷଣା**

**ନୂଆଦିଲ୍ଲୀ, ୧୭।୯/ଏଜେନ୍ସି:**

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ‘ସେମିକନ୍ ଇଣ୍ଡିଆ ୨୦୨୬’ ସମ୍ମିଳନୀରେ ଭାରତର ‘ସେମିକନ୍ ଇଣ୍ଡିଆ ୨.୦’ ଯୋଜନାର ରୂପରେଖ ସମ୍ପର୍କରେ ଘୋଷଣା କରିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି ଯେ ୨ୟ ପର୍ଯ୍ୟାୟରେ ସେମିକଣ୍ଡକ୍ଟର ନିର୍ମାଣ ଯନ୍ତ୍ରପାତି ଓ ସାମଗ୍ରୀ ପାଇଁ ୫ ବିଲିୟନ୍ ଆମେରିକୀୟ ଡଲାର ନିବେଶ କରାଯିବ ଯାହା ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ସେହିପରି ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଅଧିକ ମାନୁଫାକ୍ଚରିଂ ୟୁନିଟ ସ୍ଥାପନକୁ ସହାୟତା କରାଯିବ । ଏଥିରେ ସିଲିକନ୍ ୱେଫର ଫ୍ୟାବ୍, କମ୍ପାଉଣ୍ଡ ସେମିକଣ୍ଡକ୍ଟର ▶▶ ୫

## ସରକାର-ଚାଷୀ ଆଲୋଚନା ବିଫଳ

# ପଞ୍ଜାବରେ ଗର୍ଜିଲା କିଷାନ୍ ମଜଦୁର ମୋର୍ଚ୍ଚା



**ଅମୃତସର, ୧୭।୯/ଏଜେନ୍ସି:** ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ସ୍ପଷ୍ଟତା ଏବଂ ଶମ୍ଭୁ-ଖନୌରୀ ଆନ୍ଦୋଳନର ବାକି ଥିବା କ୍ଷତିପୂରଣ ସମେତ ବିଭିନ୍ନ ଅସମାହିତ ଦାବି ନେଇ ପଞ୍ଜାବରେ କୃଷକ ଏବଂ କୃଷି ଶ୍ରମିକମାନେ ରେଳ ଧାରଣା ଅବରୋଧ କରିଛନ୍ତି। ଫଳରେ ପଞ୍ଜାବର ଅନେକ ଜିଲ୍ଲାରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ରିପୋର୍ଟ ଅନୁସାରେ ଗୁରୁବାର କିଷାନ୍ ମଜଦୁର ମୋର୍ଚ୍ଚା (କେଏମ୍‌ଏମ୍) ବ୍ୟାନର ତଳେ ପ୍ରତିବାଦ ଚଳାଇଥିବା ଚାଷୀ ଓ କୃଷି ଶ୍ରମିକମାନେ ଆଜି ପଞ୍ଜାବରେ ରେଳ ରୋକ୍ କରିଛନ୍ତି। ଫଳରେ ଦୀର୍ଘ ସମୟ ଧରି ଅମୃତସର-ନୂଆଦିଲ୍ଲୀ ରୁଟ୍ ଟ୍ରେନ୍‌ଗୁଡ଼ିକ ଅଟକି ରହିଥିଲା। ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ପୂର୍ବରୁ, ପଞ୍ଜାବର ଚାଷୀମାନେ ଏପ୍ରକାର ଧାରଣାକୁ ଓହ୍ଲାଇବା ରାଜ୍ୟର ଭଗବନ୍ତ ମାନ ସରକାରଙ୍କ ଚିନ୍ତା ବଢାଇଦେଇଛି।

## ‘ରେଳ ରୋକ’ ଯୋଗୁଁ ରାଜ୍ୟବ୍ୟାପୀ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ

ରାଜ୍ୟ ସରକାରଙ୍କ ଦାବି ପୂରଣ ସମୟ ସୀମା ମଧ୍ୟାହ୍ନରେ ଶେଷ ହେବା ପରେ ଚାଷୀମାନେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବିଶେଷକରି ଅମୃତସରରେ ସରୱାନ ସିଂହ ପାନ୍ଧେର ଏବଂ ଅମୃତସରର ଡେପୁଟି କମିଶନର ଦଲୱିନ୍ଦରଜିତ ସିଂହ ଏବଂ ସୀମା ରେଞ୍ଜ ଇନ୍ସପେକ୍ଟର ଜେନେରାଲ ଗୁରପ୍ରୀତ ସିଂହ ଭୁଲରଙ୍କ ନେତୃତ୍ୱରେ ୟୁନିଅନ ପ୍ରତିନିଧିଙ୍କ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ଶେଷ ମୁହୂର୍ତ୍ତରେ ବିଫଳ ହେବା ପରେ ପରିସ୍ଥିତି ଆହୁରି ଖରାପ ହୋଇଥିଲା। ଆମ ଆଦମୀ ପାର୍ଟି (ଆପ) ସରକାର ଆଲୋଚନା ପାଇଁ ବାରମ୍ବାର ଆହ୍ୱାନକୁ ଅଣଦେଖା କରୁଥିବା ଅଭିଯୋଗ କରି,ଚାଷୀମାନେ ରେଳ ଟ୍ରାକ ଉପରେ ବସିଥିଲେ। ଯାହାପରେ ସେଠାରେ ବହୁ ସଂଖ୍ୟାରେ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ଅମୃତସର ଓ ମୋଗା ବ୍ୟତୀତ, କେଏମଏମ୍ ପକ୍ଷରୁ ସଙ୍ଗରୁର-ସୁନାମ, ଗୁରୁଦାସପୁର ଓ ଫିରୋଜପୁରରେ ମଧ୍ୟ ରେଲୱେର ଗୁରୁତ୍ୱପୂର୍ଣ୍ଣ ପଏଣ୍ଟରେ ଜାମ୍ ଲଗାଇଛି।

କେଏମଏମ ମୁଖ୍ୟତଃ ସମସ୍ତ ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ର ଆଇନଗତ ଗ୍ୟାରେଣ୍ଟି,ଚାଷୀ ଏବଂ କୃଷି ଶ୍ରମିକଙ୍କ ଋଣ ସମ୍ପୂର୍ଣ୍ଣ ଛାଡ, ଭୂମିହୀନ ଶ୍ରମିକଙ୍କ ପାଇଁ ଜମି ଏବଂ ସ୍ୱାମୀନାଥନ କମିଶନଙ୍କ ସୁପାରିଶ କାର୍ଯ୍ୟକାରୀ କରିବା ଦାବିରେ ପ୍ରତିବାଦ କରୁଛି। ଏହା ବ୍ୟତୀତ,ସେମାନେ କୃଷି ଆଇନ ବିରୋଧରେ ପୂର୍ବ ପ୍ରତିବାଦରେ ମୃତ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଏବଂ ଚାକିରି, ୭୦୦ ଟଙ୍କାର ଦୈନିକ ମଜୁରୀ ସହିତ ୨୦୦ ଦିନ କାମର ଗ୍ୟାରେଣ୍ଟି ଏବଂ ୟୁନିଅନ କାର୍ଯ୍ୟକର୍ତ୍ତାଙ୍କ ବିରୁଦ୍ଧରେ ବିଚାରାଧୀନ ପୋଲିସ କେସ୍ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରୁଛନ୍ତି।

## ହୁତି ବିଦ୍ରୋହୀଙ୍କ ସହ ଆମେରିକାର ଗୁପ୍ତ ଚୁକ୍ତି

# ଆମେରିକୀୟ ଜାହାଜ ଉପରେ ଆଉ ହେବନି ଆକ୍ରମଣ

**ୱାଶିଂଟନ୍, ୧୭।୯/ଏଜେନ୍ସି:** ଆମେରିକା ୟେମେନର ହୁତି ବିଦ୍ରୋହୀଙ୍କ ସହ ଏକ ଗୁପ୍ତ ଚୁକ୍ତି କରିଛି। ‘ଏକ୍ସିଓସ୍’ର ଏକ ରିପୋର୍ଟ ଅନୁଯାୟୀ, ଏହି ଚୁକ୍ତି ଅଧୀନରେ ହୁତିମାନେ ଆମେରିକାକୁ ଆଶ୍ୱାସନା ଦେଇଛନ୍ତି ଯେ ସେମାନେ କେବଳ ସାଉଦି ଜାହାଜଗୁଡ଼ିକୁ ବାଦ୍ ଦେଇ ଲୋହିତ ସାଗରରେ ଆଉ ଆମେରିକୀୟ କିମ୍ବା ଅନ୍ୟ ଅନ୍ତର୍ଜାତୀୟ ଜାହାଜଗୁଡ଼ିକୁ ଟାର୍ଗେଟ୍ କରିବେ ନାହିଁ। ଏହା ପ୍ରତିବଦଳରେ ଆମେରିକା ମଧ୍ୟ ୟେମେନରେ ହୁତିମାନଙ୍କ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଚଳାଉଥିବା ସାଉଦିଆରବକୁ ଆଉ ସାମରିକ ସହାୟତା ଯୋଗାଇବ ନାହିଁ।


ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ, ଏହି ଚୁକ୍ତି ଅନ୍ତରାଳେ ହୁତି ବିଦ୍ରୋହୀ ଗୋଷ୍ଠୀ ଆମେରିକା ନିକଟରେ ସ୍ପଷ୍ଟ କରିଛନ୍ତି ଯେ ଲୋହିତ ସାଗରରେ ସାଉଦିର ଜାହାଜ ଏବଂ ସାଉଦି ତେଲ ପରିବହନ କରୁଥିବା ଜାହାଜଗୁଡ଼ିକୁ ସେମାନେ ପୂର୍ବବତ୍ ଆକ୍ରମଣ କରିବା ଜାରି ରଖିବେ। ହୁତିଙ୍କ ଯୁକ୍ତି ହେଉଛି ଯେ ୟେମେନ ଉପରେ ସାଉଦି ଆରବର ଅବରୋଧ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ସାଉଦି ଜାହାଜକୁ ଆକ୍ରମଣ କରିବା ସେମାନଙ୍କର ଅଧିକାର। ଯାହାକୁ ଆମେରିକା ସ୍ୱୀକାର କରିବା ପରେ ହିଁ ଏହି ଚୁକ୍ତି ସମ୍ଭବ ହୋଇପାରିଛି।



## ବଦଳରେ ସାଉଦିଆରବକୁ ସାହାଯ୍ୟ କରିବନି ୱାଶିଂଟନ୍

ରିପୋର୍ଟ ଅନୁସାରେ ଆମେରିକୀୟ ଅଧିକାରୀ ଏବଂ ହୁତି ନେତାଙ୍କ ମଧ୍ୟରେ ଏହି ଆଲୋଚନା ଗତ ସପ୍ତାହରେ ଓମାନର ରାଜଧାନୀ ମାସ୍କଟ ସ୍ଥିତ ଆମେରିକୀୟ ଦୂତାବାସରେ ହୋଇଥିଲା। ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ସୋମବାର ସ୍ପଷ୍ଟ କରିଛନ୍ତି ଯେ ଆମେରିକା ହୁତିମାନଙ୍କ ସହ ସିଧାସଳଖ ଯୋଗାଯୋଗରେ ଅଛି। ପ୍ରକାଶ, ୨୦୨୫ରେ ଆମେରିକା ଏବଂ ହୁତିଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧବିରାମ ବଳବତ୍ତର ରହିଛି। ଗତ ସପ୍ତାହରେ ହୁତିମାନେ ୟେମେନର ପଶ୍ଚିମ ଭାଗରେ ଥିବା ଲୋହିତ ସାଗର ଉପକୂଳର ଏକ ବଡ଼ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ସାଉଦି ଆରବ ଆଶା କରିଥିଲା ଯେ ଆମେରିକା ତା’ ସହ ଛିଡ଼ା ହେବ। କିନ୍ତୁ ଆମେରିକା ଏପର୍ଯ୍ୟନ୍ତ ହୁତିଙ୍କ ବିରୋଧରେ ସାଉଦି ସମର୍ଥନରେ କୌଣସି ସିଧାସଳଖ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।

# ମୋଦୀଙ୍କ ୭୬ତମ ଜନ୍ମଦିନ: ଉଜ୍ଜୟିନୀରେ ଜଳିଲା ୩୩.୨୭ ଲକ୍ଷ ଦୀପ



**ନୂଆଦିଲ୍ଲୀ, ୧୭।୯/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନକୁ ଦେଶବ୍ୟାପୀ ଅତ୍ୟନ୍ତ ଶ୍ରଦ୍ଧା ତଥା ହର୍ଷୋଲ୍ଲାସର ସହ ପାଳନ କରାଯାଇଛି। ମଧ୍ୟପ୍ରଦେଶରେ ଏକ ବିଶାଳ ଦୀପୋତ୍ସବ ଆୟୋଜିତ ହୋଇଯାଇଛି। ଉଜ୍ଜୟିନୀସ୍ଥିତ କ୍ଷିପ୍ରା ନଦୀ କୂଳରେ ଏକାସଙ୍ଗରେ ୩୩.୨୭ ଲକ୍ଷ ଦୀପ ପ୍ରଜ୍ୱଳିତ କରାଯାଇ ଏକ ନୂତନ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରାଯାଇଛି। ସମଗ୍ର ମଧ୍ୟପ୍ରଦେଶରେ ମୋଟ ୩.୫୫ କୋଟି ଦୀପ ଏକାସାଙ୍ଗରେ ଜଳାଯାଇଥିଲା। ସେହିପରି ଉତ୍ତରାଖଣ୍ଡର ଡେରାଡୁନ୍ ସ୍ଥିତ ଯମୁନା ଘାଟରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନାମରେ ପ୍ରଥମ ପୂଜା ଏବଂ ଆରତୀ କରିଥିଲେ। ସମଗ୍ର ବିହାରରେ ୨୧ ଲକ୍ଷ ଦୀପ ପ୍ରଜ୍ୱଳନ କରାଯାଇଥିଲା। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍ କାଙ୍କରିଆ ହ୍ରଦ ଠାରେ ଆରତୀ କରିଥିଲେ। ବଡ଼ନଗରରୁ ବାରାଣସୀ ପର୍ଯ୍ୟନ୍ତ ପ୍ରାୟ ୧୩୦୦ କିଲୋମିଟର ଦୀର୍ଘ ଏକ ବାଇକ୍ ରାଲି ଆୟୋଜନ କରାଯାଇଛି।

## ବିଳମ୍ବିତ ରାତିରେ ସୁରକ୍ଷାବଳଙ୍କ ଅପରେସନ୍

# ଉଧମପୁର ଜଙ୍ଗଲରେ ୨ ଆତଙ୍କୀ ନିହତ



**ଶ୍ରୀନଗର, ୧୭।୯/ଏଜେନ୍ସି:** ଜମ୍ମୁ-କାଶ୍ମୀରର ଉଦ୍ଧମପୁର ଜିଲ୍ଲା ମଜାଲତା ବ୍ଲକ୍‌ର ବ୍ରାୱାଲ୍ ଜଙ୍ଗଲ ଅଞ୍ଚଳରେ ସୁରକ୍ଷା ବଳ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ହୋଇଥିବା ଏକ ପାରସ୍ପରିକ ଗୁଳିବିନିମୟ ଘଟଣାରେ ଜୈଶ୍-ଏ-ମହମ୍ମଦ (ଜେଇଏମ୍)ର ଶାଖା ସଂଗଠନ ‘କାଶ୍ମୀର ଟାଇଗର୍ସ’ ସହ ଜଡ଼ିତ ୨ ବିଦେଶୀ ଆତଙ୍କବାଦୀ ନିହତ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଗତିବିଧି ନେଇ ଗୁପ୍ତ ସୂଚନା ମିଳିବା ପରେ ଭାରତୀୟ ସେନାର ‘ୱାଇଟ୍ ନାଇଟ୍ କର୍ପ, ରାଷ୍ଟ୍ରୀୟ ରାଇଫଲ୍ସ, ପାରା ଏସଏଫ୍, ଜମ୍ମୁ-କାଶ୍ମୀର ପୁଲିସ୍ ଏବଂ ସିଆରପିଏଫ୍ ପକ୍ଷରୁ ଏକ ମିଳିତ କର୍ଡନ ଏବଂ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ପ୍ରତିକୂଳ ପାଣିପାଗ ସାଙ୍ଗକୁ ଦୁର୍ଗମ ଜଙ୍ଗଲ ରାସ୍ତା ସତ୍ତ୍ୱେ ସୁରକ୍ଷା ବଳଙ୍କ ଟିମ୍ ଏହି ଅଞ୍ଚଳରେ ଅପରେସନ୍‌କୁ ସଫଳ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ଫଳରେ ସୁରକ୍ଷା ବଳଙ୍କ ଗୁଳିରେ ୨ ବିଦେଶୀ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁରୁବାର ସକାଳେ ସେମାନଙ୍କ ଶବ ଉଦ୍ଧାର କରାଯିବା ସହ ସେମାନଙ୍କ ଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କରାଯାଇଛି। ଅନ୍ୟପକ୍ଷେ ଜଙ୍ଗଲରେ ଅନ୍ୟ କୌଣସି ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହରେ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇ ସମ୍ପୃକ୍ତ ଅଞ୍ଚଳରେ କମ୍ବିଂ ଓ ସର୍ଚ୍ଚ ଅପରେସନ ଜାରି ରହିଛି।

# କର୍ଣ୍ଣାଟକ: ଲାଞ୍ଚୁଆ ତହସିଲଦାର ଗିରଫ

## ୫୦ଲକ୍ଷ ଲାଞ୍ଚ ନେଉଥିବା ବେଳେ ଧରିଲା ଲୋକାୟୁକ୍ତ ପୁଲିସ



**ବେଙ୍ଗାଲୁରୁ, ୧୭।୯/ଏଜେନ୍ସି:** କର୍ଣ୍ଣାଟକର ଧାରୱାଡ ଜିଲ୍ଲା ତହସିଲଦାର ସଚ୍ଚିଦାନନ୍ଦ କୁଚନୁର ଜଣେ ବ୍ୟକ୍ତିଙ୍କ ଠାରୁ ୫୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଲୋକାୟୁକ୍ତ ପୁଲିସ୍ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ଫଳରେ ଏହି ଘଟଣା ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକରେ ହେଉଥିବା ଦୁର୍ନୀତି ଏବଂ ଜମି ଜମା ରେକର୍ଡ ସଂଶୋଧନ ପ୍ରକ୍ରିୟା ଉପରେ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରିପୋର୍ଟ ଅନୁସାରେ ଧାରୱାଡର ୟାରି କୋପ୍ପା ଅଞ୍ଚଳରେ ଜଣେ ଡେଭଲପର (ଜମି ବ୍ୟବସାୟୀ) କିଣିଥିବା ପ୍ରାୟ ୩୩ ଏକର ଜମିର ରେକର୍ଡ ସଂଶୋଧନ ଏବଂ ‘ପୋଡି’ (ଜମିର ଭାଗ ବା ସବ୍-ଡିଭିଜନ୍) କରିବା ପାଇଁ ତହସିଲଦାରଙ୍କୁ ବାରମ୍ବାର ଅନୁରୋଧ କରିଆସୁଥିଲେ। ଶେଷରେ ତହସିଲଦାର କୁଚନୁର ଉକ୍ତ ଜମି ବ୍ୟବସାୟୀଙ୍କୁ ତାଙ୍କ କାମ କରିବା ପାଇଁ ୧ ଏକର ଜମି ଏବଂ ନଗଦ ୧ କୋଟି ଟଙ୍କା ଲାଞ୍ଚ ମାଗିଥିଲେ। ଅନ୍ୟପକ୍ଷେ ଉକ୍ତ ବ୍ୟକ୍ତିଜଣକ ଏସମ୍ପର୍କରେ ଲୋକାୟୁକ୍ତ ପୁଲିସ୍‌କୁ ଅବଗତ କରିଥିଲେ। ଡେଭଲପରଙ୍କ ଅଭିଯୋଗ ଆଧାରରେ ଲୋକାୟୁକ୍ତ ଏସପି ସିଦ୍ଧଲିଙ୍ଗପ୍ପାଙ୍କ ନେତୃତ୍ୱରେ ଜାଲ ବିଛାଯାଇଥିଲା। ଯୋଜନାନୁସାରେ ଉକ୍ତ ଜମି ବ୍ୟବସାୟୀଜଣକ ପ୍ରଥମ ପର୍ଯ୍ୟାୟରେ ଏକ ଲାଲ ବ୍ୟାଗ୍‌ରେ ୫୦ ଲକ୍ଷ ଟଙ୍କାର ନଗଦ ରାଶି ଧରି କେସିଡି ଗ୍ରାଉଣ୍ଡ ନିକଟରେ ତହସିଲଦାରଙ୍କୁ ଏହି ଅର୍ଥ ଦେଉଥିବା ସମୟରେ ଯୋଜନା ମୁତାବକ ଲୋକାୟୁକ୍ତ ପୁଲିସ୍ ତାଙ୍କୁ ଗିରଫ କରିଥିଲା। ପୁଲିସ୍ ଏନେଇ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ତହସିଲଦାରଙ୍କ ସମ୍ପତ୍ତି ଓ ବାସଭବନରେ ଚଢ଼ାଉ କରିବା ସହ ଅଧିକ ତଦନ୍ତ ଜାରି ରଖିଛି। ରାଜ୍ୟରେ ଏପ୍ରକାର ଘଟଣା ନିରନ୍ତର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି।

## ତାମିଲନାଡୁରେ ହିନ୍ଦୀକୁ ବିରୋଧ ଓ ନବୋଦୟ ବିଦ୍ୟାଳୟ ବିବାଦ

# ଟିଭିକେ ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ କଡ଼ା ଭର୍ତ୍ସନା

**ନୂଆଦିଲ୍ଲୀ, ଚେନ୍ନାଇ, ୧୭।୯/ଏଜେନ୍ସି:** ତାମିଲନାଡୁ ସରକାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ପିଟିସନକୁ ସୁପ୍ରିମ୍ କୋର୍ଟ ଖାରଜ କରିଛନ୍ତି। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ

## ୩ ମାସ ମଧ୍ୟରେ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ



ନବୋଦୟ ବିଦ୍ୟାଳୟ ସ୍ଥାପନ ପାଇଁ ଜମି ଚିହ୍ନଟ କରିବାକୁ କୋର୍ଟ ପୂର୍ବରୁ ଦେଇଥିବା ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବା ପାଇଁ ଏହି ଆବେଦନ କରାଯାଇଥିଲା। ଏହି ମାମଲାଟି ତାମିଲନାଡୁର ହିନ୍ଦୀ ଭାଷା ବିରୋଧୀ ଆଭିମୁଖ୍ୟ ସହ ଜଡ଼ିତ, କାରଣ ପ୍ରସ୍ତାବିତ ନବୋଦୟ ସ୍କୁଲଗୁଡ଼ିକରେ ହିନ୍ଦୀ ପଢ଼ାଯିବାର ବ୍ୟବସ୍ଥା ରହିଛି। ଅନ୍ୟପକ୍ଷେ ରାଜ୍ୟ ସରକାର ହିନ୍ଦୀ ପାଠ୍ୟକ୍ରମକୁ ଲାଗୁ କରିବାକୁ ଆଦୌ ଚାହୁଁନାହାନ୍ତି।

ଦେଶର ଏକମାତ୍ର ରାଜ୍ୟ ତାମିଲନାଡୁ ଯେଉଁଠି ଗୋଟିଏ ବି ହେଲେ ନବୋଦୟ ବିଦ୍ୟାଳୟ ନାହିଁ। ଏହାକୁ ନେଇ ଯେତେବେଳେ ସୁପ୍ରିମକୋର୍ଟରେ ମାମଲା ରୁଜୁ କରାଯାଇଥିଲା ସେତେବେଳେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏ ନବୋଦୟ ବିଦ୍ୟାଳୟ ଖୋଲିବା ପାଇଁ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ଏହି ନିର୍ଦ୍ଦେଶର ପୁନର୍ବିଚାର କରିବାକୁ ତଥା ରାଜ୍ୟରେ ହିନ୍ଦୀ ଭାଷା ପଢ଼ାନଯିବାର ଦ୍ୱାହି ଦେଇ ପିଟିସନ୍ ଦାୟର କରିଥିଲେ। ନବୋଦୟ ସ୍କୁଲ ସ୍ଥାପନ କରିବା ଆଳରେ ହିନ୍ଦୀ ଭାଷାକୁ ତାମିଲନାଡୁ ଉପରେ ଲଦି ଦେବାକୁ ଚେଷ୍ଟା କରାଯାଉଛି, ଯାହା ତାମିଲ ଭାଷାର ପ୍ରାଧାନ୍ୟକୁ କ୍ଷୁଣ୍ଣ କରିବ ବୋଲି ରାଜ୍ୟ ସରକାର ଯୁକ୍ତି ବାଢ଼ିଥିଲେ। ରାଜ୍ୟ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଜୟଦୀପ ଗୁପ୍ତା ଦର୍ଶାଇଥିଲେ ଯେ ଏହି ନୀତି ବାଧ୍ୟତାମୂଳକ ନୁହେଁ। ଏହା ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ରାଜ୍ୟସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ସ୍କୁଲ ନିର୍ମାଣ ପାଇଁ ଆସନ୍ତା ୩ ମାସ ମଧ୍ୟରେ ଜମି ଚିହ୍ନଟ କରିବାକୁ ଆଜି ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର। ‘ହିନ୍ଦୀକୁ ରାଜ୍ୟର ମାଟିରୁ ଦୂରେଇ ରଖାଯାଇପାରିବ ନାହିଁ।’ ଭାଷା ବିବାଦର ସମାଧାନ ପାଇଁ ରାଜ୍ୟ ସରକାର କେନ୍ଦ୍ର ସହିତ ଆଲୋଚନା କରିବା ଉଚିତ୍। ନବୋଦୟ ବିଦ୍ୟାଳୟଗୁଡ଼ିକ ରାଜ୍ୟ ନୀତିର ବିରୋଧୀ ନୁହଁନ୍ତି। ସୁତରାଂ କୌଣସି ରାଜ୍ୟ କେନ୍ଦ୍ର ସରକାରଙ୍କ ନୀତିକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିପାରିବ ନାହିଁ ବୋଲି ଜଷ୍ଟିସ୍ ବିଭି ନାଗରତ୍ନା କହିଛନ୍ତି।

ନବୋଦୟ ବିଦ୍ୟାଳୟ ମାଧ୍ୟମରେ ହିନ୍ଦୀ ଭାଷା ଲଦି ଦିଆଯିବାର ଆଶଙ୍କା କରି ରାଜ୍ୟ ସରକାର ଦୀର୍ଘ ଦିନରୁ ଏହାକୁ ବିରୋଧ କରିଆସୁଛନ୍ତି। ମାଡ୍ରାସ ହାଇକୋର୍ଟଙ୍କ ଆଦେଶ ବିରୋଧରେ ତାମିଲନାଡୁ ସରକାର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୪ ରେ ହେବ।

# ବଢ଼ିଲା ଚନ୍ଦ୍ରଶେଖରନ୍‌ଙ୍କ କାର୍ଯ୍ୟକାଳ

## ଆଉ ୫ ବର୍ଷ ପାଇଁ ଟାଟା ସନ୍ସର ଚେୟାରମ୍ୟାନ୍ ରହିବେ

### ଗତ ମାସରେ ନୋଏଲ୍ ଟାଟାଙ୍କ ସହ ମତଭେଦ ଯୋଗୁଁ ଇସ୍ତଫା ଦେଇଥିଲେ



**ନୂଆଦିଲ୍ଲୀ, ୧୭।୯/ଏଜେନ୍ସି:** ଟାଟା ସନ୍ସର ଚେୟାରମ୍ୟାନ୍ ଏନ୍. ଚନ୍ଦ୍ରଶେଖରନ୍‌ଙ୍କ କାର୍ଯ୍ୟକାଳ ୨୦୩୨ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଟାଟା ସନ୍ସ ଲିମିଟେଡ୍‌ର ବୋର୍ଡ ଗୁରୁବାର ଦିନ ଏହି ନୂତନ କାର୍ଯ୍ୟକାଳକୁ ମଞ୍ଜୁରୀ ଦେଇଛି। ଏହା ସହିତ କମ୍ପାନୀକୁ ଶେୟାର ବଜାରରେ ତାଲିକାଭୁକ୍ତ କରିବା ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ବର୍ତ୍ତମାନ ଚନ୍ଦ୍ରଶେଖରନ୍‌ଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଚାଲୁରହିଛି, ଯାହା ଫେବୃଆରୀ ୨୦୨୭ରେ ଶେଷ ହେବାର ଥିଲା। ତେବେ ୧୨ ଅଗଷ୍ଟ ୨୦୨୬ରେ ନୋଏଲ୍ ଟାଟାଙ୍କ ସହ ମତଭେଦ ଏବଂ ଟ୍ରଷ୍ଟ ମଧ୍ୟରେ ଟାଣଓଟରା ଯୋଗୁଁ ସେ ସମୟ ପୂର୍ବରୁ ହିଁ ଇସ୍ତଫା ଦେଇଥିଲେ। କିନ୍ତୁ ବୋର୍ଡ ତାଙ୍କ ନିଯୁକ୍ତି ଅବଧିକୁ ଆଉ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛି। ତେବେ ୬୩ ବର୍ଷୀୟ ଏନ୍. ଚନ୍ଦ୍ରଶେଖରନ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି ନିଷ୍ପତ୍ତିକୁ ବାର୍ଷିକ ସାଧାରଣ ସଭାରେ ଅନୁମୋଦନ ମିଳିବା ବାକି ଅଛି, ଯେଉଁଥିରେ ଟାଟା ଟ୍ରଷ୍ଟର ୬୬% ଅଂଶଧନ ରହିଛି। ଟ୍ରଷ୍ଟ ବୋର୍ଡ ସଦସ୍ୟ ନୋଏଲ୍ ଟାଟା ଏହି ନିଷ୍ପତ୍ତିର ବିରୋଧ କରୁଥିବା ବେଳେ ଭେଣୁ ଶ୍ରୀନିବାସନ୍ ଚନ୍ଦ୍ରଶେଖରନ୍‌ଙ୍କ ପୁନଃନିଯୁକ୍ତିକୁ ସମର୍ଥନ କରିଛନ୍ତି।

ଟାଟା ଗ୍ରୁପ୍‌ରେ ପ୍ରଥମ ଥର ପାଇଁ କୌଣସି ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ନିର୍ଦ୍ଧାରିତ ୬୫ ବର୍ଷ ଅବସର ବୟସ ପରେ ମଧ୍ୟ ପଦବୀରେ ରହିବେ। ଟାଟା ଗ୍ରୁପ୍‌ର ନୀତି ଅନୁଯାୟୀ, କାର୍ଯ୍ୟନିର୍ବାହୀମାନେ ସାଧାରଣତଃ ୬୫ ବର୍ଷ ବୟସରେ ଅବସର ନିଅନ୍ତି। ତେବେ ଅଣ-କାର୍ଯ୍ୟନିର୍ବାହୀ ପଦବୀରେ ସେମାନେ ୭୦ ବର୍ଷ ପର୍ଯ୍ୟନ୍ତ ରହିପାରିବେ। ଚନ୍ଦ୍ରଶେଖରନ୍ ଅକ୍ଟୋବର ୨୦୧୬ରେ ପ୍ରଥମ ଥର ଟାଟା ସନ୍ସ ବୋର୍ଡରେ ସାମିଲ ହୋଇଥିଲେ। ଜାନୁଆରୀ ୨୦୧୭ରେ ତାଙ୍କୁ ଚେୟାରମ୍ୟାନ୍ କରାଯାଇଥିଲା। ଚନ୍ଦ୍ରଶେଖରନ୍ ନିଜ ଇସ୍ତଫା ପତ୍ରରେ ଦର୍ଶାଇଥିଲେ ଯେ ସର୍ବସମ୍ମତ ସମର୍ଥନ ନମିଳିବାରୁ ସେ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କର ଏପରି ନିଷ୍ପତ୍ତି ଫଳରେ କମ୍ପାନୀର ବୃହତ୍ ରଣନୈତିକ ପ୍ରକଳ୍ପ ଏବଂ ନେତୃତ୍ୱକୁ ନେଇ ନିବେଶକ ଓ କର୍ମଚାରୀଙ୍କ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ରହିବ ନାହିଁ।


# ମାଲାବାର ସୌଭାଗ୍ୟନଗର ଷ୍ଟୋର୍‌ରେ ‘ଆର୍ଟିଷ୍ଟ୍ରି ସୋ’ର ଶୁଭାରମ୍ଭ

**ଭୁବନେଶ୍ୱର, ୧୭।୯/ଏଜେନ୍ସି:** ମାଲାବାର୍ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏହାର ଭୁବନେଶ୍ୱର ସ୍ଥିତ ସୌଭାଗ୍ୟନଗର ଷ୍ଟୋରରେ ‘ଆର୍ଟିଷ୍ଟ୍ରି ସୋ’ର ଶୁଭାରମ୍ଭ ଆଜି ଠାରୁ ଅର୍ଥାତ୍ ୧୭ ସେପ୍ଟେମ୍ବରରୁ କରିଛି। ଦେଶର ଅନ୍ୟତମ ବୃହତ୍ତମ ସୁନା ଏବଂ ହୀରା ଖୁଚୁରା ବ୍ୟବସାୟିକ ପ୍ରତିଷ୍ଠାନ ‘ମାଲାବାର୍ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍’ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଜାରି ରଖିବ।ପ୍ରଦର୍ଶନୀରେ ପାରମ୍ପରିକ ଏବଂ ଆଧୁନିକ ଶୈଳୀର ହାତତିଆରି ଗହଣାର କଳାତ୍ମକ କାରୁକାର୍ଯ୍ୟ ପ୍ରଦର୍ଶିତ ହେଉଛି। ପ୍ରଦର୍ଶନୀକୁ ଭୁବନେଶ୍ୱରସ୍ଥିତ ‘ସ୍ମିତାସ୍ ଆସ୍ଥେଟିକ୍’ର ପ୍ରତିଷ୍ଠାତା, ଦନ୍ତଚିକିତ୍ସକ ତଥା ଉଦ୍ୟୋଗୀ ଡକ୍ଟର ସ୍ମିତ ପ୍ରଜ୍ଞା ବେହେରା ଏବଂ ମାଲାବାର୍ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଅନ୍ୟାନ୍ୟ ପ୍ରବନ୍ଧକ ଅଧିକାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଛି।

## ୨୭ ପର୍ଯ୍ୟନ୍ତ ଚାଲିବ, ସୁଯୋଗର ଲାଭ ଉଠାଇବାକୁ ଗ୍ରାହକଙ୍କ ଭିଡ଼

ମାଲାବାର ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିବା ପ୍ରତ୍ୟେକ ଗହଣା ଅନନ୍ୟ ଏବଂ ଭାରତୀୟ ଶିଳ୍ପକଳାର ଉଚ୍ଚକୋଟୀର କାରିଗରୀର ପ୍ରତୀକ। ଏଥିରେ ମାଲାବାର୍‌ର ବିଶେଷ ବ୍ରାଣ୍ଡ ଯେପରିକି ମାଇନ୍ ଡାଇମଣ୍ଡ, ଇରା ଅନ୍‌କଟ୍ ଡାଇମଣ୍ଡ, ପ୍ରିସିଆ ଜେମ୍‌ଷ୍ଟୋନ୍, ଏଥନିକ୍ସ ହ୍ୟାଣ୍ଡକ୍ରାଫ୍‌ଟେଡ୍, ଭିରାଜ୍ ରୟାଲ୍ ପୋଲ୍‌କି ଭଳି ମୂଲ୍ୟବାନ ଧାତୁରେ ନିର୍ମିତ ଭିନ୍ନଭିନ୍ନ ତଥା ଆକର୍ଷଣୀୟ ଗହଣା ଆଦିର ବହୁବିଧ ସଂଗ୍ରହ ଉପଲବ୍ଧ ରହିଛି।

ମାଲାବାର୍ ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି. ଅହମ୍ମଦ କହିଛନ୍ତି ଯେ, ସୌଭାଗ୍ୟନଗର ସୋ’ରୁମ୍‌ରେ ଗ୍ରାହକମାନେ ଉଚ୍ଚ ଗୁଣବତ୍ତା, ବିଶୁଦ୍ଧତା ଏବଂ ଉଚିତ୍ ମୂଲ୍ୟର ନିଶ୍ଚୟତା ସହ ଏହି ଅପୂର୍ବ ଗହଣାସବୁ କ୍ରୟ କରିପାରିବେ। ମାଲାବାର୍ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ତାର ସ୍ୱଚ୍ଛତା ଏବଂ ‘ଫେୟାର ପ୍ରାଇସ୍ ପ୍ରମିସ୍’ ଅଧୀନରେ ସୁଲଭ ମେକିଂ ଚାର୍ଜରେ ଗହଣା ଯୋଗାଇଦିଏ। ଏହାସହ ‘ୱାନ୍ ଇଣ୍ଡିଆ ୱାନ୍ ଗୋଲ୍ଡ ରେଟ୍’ ଯୋଜନା ମାଧ୍ୟମରେ ସାରା ଦେଶରେ ଗୋଟିଏ ସମାନ ସୁନା ଦର ପ୍ରଦାନ କରେ। ଗହଣାର ପଥର ଓଜନ, ନିଟ୍ ଓଜନ ଏବଂ ପଥର ମୂଲ୍ୟ ଦର୍ଶାଉଥିବା ସ୍ୱଚ୍ଛ ପ୍ରାଇସ୍ ଟ୍ୟାଗ୍, ମାଲାବାର୍‌ର ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ହୋଇ ରହିଆସିଛି, ଯାହାକି ଗ୍ରାହକଙ୍କ ସନ୍ତୁଷ୍ଟି ତଥା ବିଶ୍ୱାସନୀୟତା ଜିତିପାରିଛି। ସେହିପରି ଆଜୀବନ ମାଗଣା ରକ୍ଷଣାବେକ୍ଷଣ, ପୁରୁଣା ସୁନା ଓ ହୀରା ଗହଣା ବିକ୍ରି କଲେ ୧୦୦% ମୂଲ୍ୟ ସୁବିଧା, ୧୦୦% ଏଚ୍‌ୟୁଆଇଡି-ସମ୍ମତ ସୁନା ଆଦିର ଲାଭ ମଧ୍ୟ ମାଲାବାରକୁ ଏହାର ଗ୍ରାହକଙ୍କ ପାଖରେ ଏକ ଅତୁଳନୀୟ ବ୍ରାଣ୍ଡ ଭାବେ ସ୍ୱତନ୍ତ୍ର ବିଶ୍ୱାସନୀୟତା ପ୍ରଦାନ କରିଛି। ୧୯୯୩ ମସିହାରେ ପ୍ରତିଷ୍ଠିତ ମାଲାବାର କମ୍ପାନୀର ବାର୍ଷିକ ବ୍ୟବସାୟ ୭.୩୬ ବିଲିୟନ୍ ଆମେରିକୀୟ ଡଲାର। ବିଶ୍ୱର ୫ମ ବୃହତ୍ତମ ଗହଣା ଖୁଚୁରା ବିକ୍ରେତା ସାଜିଥିବା ମାଲାବାରର ନେଟୱାର୍କ ସମ୍ପ୍ରତି ୧୪ଟି ଦେଶରେ ୪୫୦ରୁ ଅଧିକ ଷ୍ଟୋର ପର୍ଯ୍ୟନ୍ତ ପରିବ୍ୟାପ୍ତ। ମାଲାବାର ଅନ୍‌ଲାଇନ୍ ଷ୍ଟୋର ମାଧ୍ୟମରେ ଅର୍ଥାତ୍ ଘରେ ବସି ଗହଣା ସୁନା, ହୀରା ଗହଣା ଆଦି କିଣିବାର ସୁବିଧା ମଧ୍ୟ ଗ୍ରାହକଙ୍କୁ ପ୍ରଦାନ କରୁଛି। ଏତଦ୍‌ବ୍ୟତୀତ ସ୍ୱାସ୍ଥ୍ୟ, ବାସଗୃହ, କ୍ଷୁଧା ଦୂରୀକରଣ, ଶିକ୍ଷା, ପରିବେଶ ଏବଂ ମହିଳା ସଶକ୍ତୀକରଣ ଆଦି ଦିଗରେ ମାଲାବାର ନିଜ ସିଏସ୍‌ଆର୍ ନୀତି ଅନ୍ତର୍ଗତ ନିୟମିତ କାର୍ଯ୍ୟ କରିଆସୁଛି। କମ୍ପାନୀ ଯେଉଁସବୁ ଦେଶରେ ବ୍ୟବସାୟ କରୁଛି ନିଜ ଲାଭାଂଶର ୫% ଅଂଶ ଉକ୍ତ ଦେଶର ସାମାଜିକ କାର୍ଯ୍ୟକ୍ରମ ପାଇଁ ବିନିଯୋଗ କରିଥାଏ।



# ଟିଏମ୍‌ସି ଚିହ୍ନକୁ ଫ୍ରିଜ୍ କଲେ ନିର୍ବାଚନ ଆୟୋଗ

**କୋଲକାତା, ୧୭।୯/ଏଜେନ୍ସି:** ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନିର୍ବାଚନ ଚିହ୍ନ (‘ଦୁଇଟି ଫୁଲ-ଘାସ’) ଓ ନାମ’କୁ ଫ୍ରିଜ୍ ବା ସ୍ଥଗିତ ରଖିଛନ୍ତି କେନ୍ଦ୍ର ନିର୍ବାଚନ ଆୟୋଗ। ଗୁରୁବାର ଟିଏମ୍‌ସିର ନିର୍ବାଚନୀ ଚିହ୍ନ ଉପରେ କାହାର ଅଧିକାର ରହିବ ସେସମ୍ପର୍କରେ ନିଷ୍ପତ୍ତି ଶୁଣାଇବା ପରିପ୍ରେକ୍ଷୀରେ ଏପ୍ରକାର ଏକ ଅନ୍ତରୀଣ ଆଦେଶ ଦେଇଛନ୍ତି ଆୟୋଗ। ମମତା ବାନାର୍ଜୀ ଏବଂ ବିଦ୍ରୋହୀ ନେତା ଅରୂପ ରୟଙ୍କ ମଧ୍ୟରେ ଦଳୀୟ ଚିହ୍ନକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ନିର୍ବାଚନ ଆୟୋଗଙ୍କ ଏପ୍ରକାର ନିଷ୍ପତ୍ତି ସାମ୍ନାକୁ ଆସିଛି। ଦୁଇ ଗୋଷ୍ଠୀଙ୍କୁ ବିକଳ୍ପ ନାମ ଏବଂ ପ୍ରତୀକ ଦାଖଲ କରିବାକୁ ନିର୍ବାଚନ ପ୍ୟାନେଲ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଆଗାମୀ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ବର୍ତ୍ତମାନର ତୃଣମୂଳ ପରିଚୟ ଏବଂ ପ୍ରତୀକକୁ ସ୍ଥଗିତ ରଖାଯାଇଛି। ସର୍ବଭାରତୀୟ ତୃଣମୂଳ କଂଗ୍ରେସ (ଏଆଇଟିଏମ୍‌ସି) ଅନ୍ତର୍ଗତ ନେତୃତ୍ୱ ବିବାଦରେ ନିର୍ବାଚନ ଆୟୋଗ ଏକ ଅନ୍ତରୀଣ ଆଦେଶ ଜାରି କରିଛନ୍ତି, ଯେଉଁଥିରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀଙ୍କୁ ଦଳର ନାମ ଏବଂ ନିର୍ବାଚନ ପ୍ରତୀକ ବ୍ୟବହାର କରିବାରୁ ବାରଣ କରାଯାଇଛି।








ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ 'ସେବା ସଂକଳ୍ପ ଅଭିଯାନ' ଅବସରରେ ୟୁନିଟ୍-୩ ସ୍ଥିତ ଇଡ୍କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ମେଗା-ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ



- ମୁକ୍ତେଶ୍ୱର ପ୍ରାଙ୍ଗଣରେ ଦୀପ ଜାଳିଲେ ସିଏମ୍
- ଜଳିଲା ୧୧ ହଜାର 'ଆଶୀର୍ବାଦର ଦୀପ'
- ୩୦ ଜିଲ୍ଲାରେ ପ୍ରଜ୍ୱଳିତ ହେଲା କୋଟିଏ ଦୀପ

### ସେବା ସଂକଳ୍ପ ଅଭିଯାନ: ଜଳିଲା ଆଶୀର୍ବାଦର ଦୀପ

# ମୋଦୀଙ୍କ ସ୍ୱପ୍ନ ପୂରଣ କରିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୭।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନକୁ ଓଡ଼ିଶା ପୂରଣ କରିବ। ଭାରତ ନିଶ୍ଚୟ ବିଶ୍ୱଗୁରୁ ହେବ। ମୋଦୀଜୀଙ୍କ ସ୍ୱପ୍ନ ସାକାର କରିବାକୁ ଆମେ ନିରନ୍ତର ଉଦ୍ୟମ ଜାରି ରଖିବୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜୟନ୍ତୀ ଅବସରରେ 'ସେବା ସଂକଳ୍ପ ଅଭିଯାନ–୨୦୨୬' ଅନ୍ତର୍ଗତ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱରର ଐତିହାସିକ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି।

ସଞ୍ଜ ନଇଁଆସୁଥିଲା। ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଧୀରେ ଧୀରେ ଜମୁଥିଲା ଆଲୋକର ବାତାବରଣ। ସେ ଆଲୋକ କୌଣସି କୃତ୍ରିମ ବୈଦ୍ୟୁତିକ ଲାଇଟ ନଥିଲା, ବରଂ ତାହା ଥିଲା ଆମ ପରମ୍ପରା ଓ ସଂସ୍କୃତିର ପ୍ରତୀକ ସ୍ୱରୂପ ପବିତ୍ର ସଳିତାର ଶିଖା। ଧାଡ଼ିରେ ଜଳୁଥିଲା ହଜାର ହଜାର ଦୀପ। ସନ୍ଧ୍ୟା ଆରତୀର ଘଣ୍ଟ ଘଣ୍ଟା-ଶଙ୍ଖ ଧ୍ୱନି ଏବଂ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଗାୟନରେ ମୁକ୍ତେଶ୍ୱର'ର ପ୍ରାଚୀନ ପାଷାଣ ପ୍ରାଚୀର ଗୁଞ୍ଜରିତ ହୋଇଉଠିଥିଲା। ଭକ୍ତିର ଏହି ମାଦକତା ଭିତରେ, ହଜାର ହଜାର ମହିଳା ଏକାଠି ହୋଇ ଜାଳିଥିଲେ ୧୧,୦୦୦ ରୁ ଅଧିକ ଦୀପ। ଗୋଟିଏ ପରେ ଗୋଟିଏ ସଳିତା ଜଳିଉଠିବା କ୍ଷଣି ସମ୍ପୂର୍ଣ୍ଣ ମନ୍ଦିର ପରିସର ଏକ ସ୍ୱର୍ଣ୍ଣାଭ ପ୍ରଭାରେ ପ୍ରଜ୍ୱଳିତ ହୋଇଉଠିଥିଲା, ଯେମିତି ମନେହେଉଥିଲା ଆକାଶର ତାରାସବୁ ମାଟିକୁ ଓହ୍ଲାଇ ଆସିଛନ୍ତି। ଏହି 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମରେ ହଜାର ହଜାର ମହିଳା ତଥା ଯୁବବର୍ଗଙ୍କ ସମାଗମ ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ ସୃଷ୍ଟି କରିଥିଲା। ହାତରେ ଜଳନ୍ତା ଦୀପ ଧରି ଉପସ୍ଥିତ ସମସ୍ତେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଆୟୁ, ସୁସ୍ଥ ଓ ନିରାମୟ ଜୀବନ ପାଇଁ ନିଷ୍ଠାପର ପ୍ରାର୍ଥନା କରିଥିଲେ।ଏହି ମୁହୂର୍ତ୍ତ ଆହୁରି ଆକର୍ଷଣୀୟ ହୋଇ ଉଠିଥିଲା ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ। ମୁଖ୍ୟମନ୍ତ୍ରୀଙ୍କ ସମେତ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଏକାମ୍ର ବିଧାୟକ ବାବୁ ସିଂ ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ।ଏହି ଆଧ୍ୟାତ୍ମିକ ସମାବେଶ ମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜେ ଉପସ୍ଥିତ ସମସ୍ତ ଉତ୍ସାହିତ ଯୁବବର୍ଗଙ୍କ ଗହଣକୁ ଯାଇ ସେମାନଙ୍କ ସହ ଭାବବିନିମୟ କରିଥିଲେ। ସମସ୍ତଙ୍କ ଏହି ଅକୁଣ୍ଠ ଆଶୀର୍ବାଦ, ସମର୍ପଣ ଓ ଶ୍ରଦ୍ଧାଭାବକୁ ସେ ଆନ୍ତରିକତାର ସହ ଉଚ୍ଚ ପ୍ରଶଂସା କରିଥିଲେ।





ଏହି ଅବସରରେ ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ''ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମ ଦିନ ଅବସରରେ ମୁଁ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଏହି ପବିତ୍ର ଦୀପର ଶିଖା ମୋଦୀଜୀଙ୍କ ପ୍ରତି ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ହୃଦୟରୁ ନିସୃତ ଆଶୀର୍ବାଦର ପ୍ରତୀକ।''

ଉଲ୍ଲେଖଯୋଗ୍ୟ ଯେ, 'ସେବା ସଂକଳ୍ପ ଅଭିଯାନ–୨୦୨୬' ଅନ୍ତର୍ଗତ ରାଜ୍ୟର ୩୦ଟି ଜିଲ୍ଲାରେ ୧ କୋଟିରୁ ଅଧିକ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳିତ କରାଯାଇଛି। ପ୍ରତ୍ୟେକ ପରିବାର ନିଜ ଘରେ ଗୋଟିଏ ଲେଖାଏଁ ଦୀପ ପ୍ରଜ୍ୱଳନ କରି ଏହି ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସୁଭଦ୍ରା ଯୋଜନାର ହିତାଧିକାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଛନ୍ତି। ପରିବାର ସ୍ତରରୁ ଆରମ୍ଭ କରି ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସ୍ତର ପର୍ଯ୍ୟନ୍ତ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ବ୍ୟାପକ ଭାବେ ଆୟୋଜିତ ହୋଇଛି। ସମସ୍ତ ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ସାମୂହିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଦେବାଳୟମାନଙ୍କରେ ଝୋଟି ଚିତା ସହ ସାମୂହିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସୁଭଦ୍ରା ହିତାଧିକାରୀ, ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧିମାନଙ୍କ ବ୍ୟାପକ ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

### ମୋଦୀଙ୍କୁ ମୋହନଙ୍କ ଜନ୍ମଦିନ ଶୁଭେଚ୍ଛା

# 'ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ବିଶ୍ୱବିଜୟୀ ହେଉ'

**ଭୁବନେଶ୍ୱର,୧୭।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୭୬ତମ ଜନ୍ମ ଦିନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଲେଖିଛନ୍ତି ଯେ, ବିକଶିତ ଭାରତର ସ୍ୱପ୍ନଦ୍ରଷ୍ଟା, ଦେଶର ସ୍ୱାଭିମାନ ଓ ଜନସେବାର ଅନନ୍ୟ ପ୍ରତୀକ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କୁ ୭୬ତମ ଜନ୍ମଦିବସ ଅବସରରେ ସମଗ୍ର ଓଡ଼ିଶାବାସୀଙ୍କ ତରଫରୁ ଆନ୍ତରିକ ଶୁଭେଚ୍ଛା। ମୋଦୀଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଆଜି ସମଗ୍ର ଦେଶରେ ନବଜାଗରଣର ନୂତନ ଅଧ୍ୟାୟ ରଚନା କରିଛି। ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପ୍ରତି ତାଙ୍କର ଗଭୀର ସ୍ନେହ, ଏବଂ ରାଜ୍ୟର ଭିତ୍ତିଭୂମି ବିକାଶ ପାଇଁ ତାଙ୍କର ଅସୀମ ସହଯୋଗ ନିମନ୍ତେ ଆମେ ସଦା କୃତଜ୍ଞ।



ମୁଖ୍ୟମନ୍ତ୍ରୀ ଆହୁରି ଲେଖିଛନ୍ତି ଯେ, ଏହି ସ୍ମରଣୀୟ ଅବସରରେ, ମୋଦିଜୀଙ୍କ ଜନକଲ୍ୟାଣକାରୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ 'ସେବା ସଂକଳ୍ପ ପର୍ବ' ପାଳନ କରୁଛୁ। ନିଷ୍ଠାପର ଜନସେବା, ଗରିବ କଲ୍ୟାଣ, ଓ ସମାଜର ଶେଷ ଧାଡ଼ିରେ ଥିବା ପ୍ରତ୍ୟେକଟି ବ୍ୟକ୍ତିଙ୍କ ମୁହଁରେ ହସ ଫୁଟାଇ ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଆମେ ପୁନଃ ସଂକଳ୍ପବଦ୍ଧ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ମୋଦିଜୀଙ୍କ ଦୀର୍ଘ, ନିରାମୟ ଜୀବନ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ଅପାର କୃପା କାମନା କରୁଛି। ତାଙ୍କର ଦୀର୍ଘ ଓ ସାଧନାପୂର୍ଣ୍ଣ ଜୀବନଯାତ୍ରା ଭାରତବର୍ଷକୁ ସଦାସର୍ବଦା ନୂତନ ଦିଗଦର୍ଶନ ଦେଉଥାଉ। ମୋଦିଜୀଙ୍କ ସମର୍ଥ ନେତୃତ୍ୱରେ 'ବିକଶିତ ଭାରତ'ର ସ୍ୱପ୍ନ ସାକାର ହେଉ ଏବଂ ଆମଭାରତ ବିଶ୍ୱବିଜୟୀ ହୋଇ ଆଗେଇ ଚାଲୁ ବୋଲି ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରିଛନ୍ତି।

# ବଜ୍ରପାତରେ ଦୁଇ ମହିଳା ମୃତ

**ସୋହେଲା,୧୭।୯/ଏନ୍ଏନ୍ଏସ୍:** ବରଗଡ଼ ଜିଲ୍ଲା ସୋହେଲା ବ୍ଲକ୍ ପାଣିମୋରା ପଞ୍ଚାୟତ କୁସୁର୍ଡ଼ା ଗ୍ରାମରେ ଗୁରୁବାର ବଜ୍ରପାତରେ ଦୁଇଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କଟାପାଲି ଗ୍ରାମର ଜାହ୍ନବୀ ପଧାନ (୪୫) ଓ ରିତା ପଧାନ (୩୨)।

ସୂଚନା ଅନୁସାରେ, ଜାହ୍ନବୀ ଓ ରିତା ଆଜି ସକାଳେ ଚାଷଜମିରେ କାମ କରିବା ପାଇଁ ନିକଟସ୍ଥ ଗାଁ କୁସୁର୍ଡ଼ାକୁ ଯାଇଥିଲେ। କାମ କରୁଥିବା ବେଳେ ମଧ୍ୟାହ୍ନରେ ସେଠାରେ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଫଳରେ ଉଭୟ ମହିଳା ଚାଷଜମିରେ ଟଳି ପଡ଼ିଥିଲେ। ବହୁ ସମୟ ପର୍ଯ୍ୟନ୍ତ ସେମାନେ ଘରକୁ ନଫେରିବାରୁ ପରିବାର ଲୋକେ ସେମାନଙ୍କୁ ଖୋଜିବାକୁ ଯାଇଥିଲେ। ଏହି ସମୟରେ ଉଭୟେ ବିଲରେ ପଡ଼ିଥିବା ଦେଖିଥିଲେ। ବଜ୍ରପାତରେ ଉଭୟଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି।






# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଚାରାରୋପଣ କଲେ ରାଜ୍ୟପାଳ



**ଭୁବନେଶ୍ୱର,୧୭।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁବାର ଲୋକ ଭବନ ପରିସରସ୍ଥିତ ଅଟଳ ବନରେ 'ଏକ ପେଡ୍ ମା କେ ନାମ' ଅଭିଯାନ ଅଧୀନରେ ଚାରା ରୋପଣ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟପାଳଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ତାଙ୍କ ସୁସ୍ଥ, ସୁଖୀ ଓ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି। ଗୁଜରାଟର ମୁଖ୍ୟମନ୍ତ୍ରୀ ଏବଂ ପରେ ଭାରତର ପ୍ରଧାନମନ୍ତ୍ରୀ ଭାବେ ମୋଦୀଙ୍କ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଥିବା ରାଜ୍ୟପାଳ ଉଲ୍ଲେଖ କରିଛନ୍ତି। "ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଜନ୍ମଦିନ। ଗୁଜରାଟର ମୁଖ୍ୟମନ୍ତ୍ରୀ ଏବଂ ପରେ ଭାରତର ପ୍ରଧାନମନ୍ତ୍ରୀ ଭାବେ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। ତାଙ୍କ ଜନ୍ମଦିନ ଅବସରରେ ମୁଁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି," ବୋଲି ରାଜ୍ୟପାଳ କହିଥିଲେ। ଚାରାରୋପଣ କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟପାଳ କହିଥିଲେ ଯେ 'ଏକ ପେଡ୍ ମା କେ ନାମ' ପ୍ରଧାନମନ୍ତ୍ରୀଙ୍କ ଏକ ପ୍ରିୟ କାର୍ଯ୍ୟକ୍ରମ। ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ପାଇଁ ଏଭଳି ପଦକ୍ଷେପର ଗୁରୁତ୍ୱ ରହିଛି ବୋଲି ସେ କହିଥିଲେ।

ମୋଦୀଙ୍କ ସାର୍ବଜନୀନ ଜୀବନ କାଳରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ଜନକଲ୍ୟାଣମୂଳକ ପଦକ୍ଷେପକୁ ମଧ୍ୟ ରାଜ୍ୟପାଳ ସ୍ମରଣ କରିଛନ୍ତି। ଏଥିସହ ଭାରତର ବିକାଶ ସହ ବିଶ୍ୱସ୍ତରରେ ଦେଶର ଛବିକୁ ଅଧିକ ସୁଦୃଢ଼ କରିବା ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ।

## ମୋଦୀଙ୍କ ଜନ୍ମଦିନରେ ଦୀପଦାନ



**କଟକ,୧୭।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଏବଂ ତାଙ୍କର ୨୫ ବର୍ଷର ସେବା ଓ ସୁଶାସନ ପରିପ୍ରେକ୍ଷୀରେ ସେବା ପକ୍ଷ ପାଳନ ଅବସରରେ ରାଜ୍ୟ ଓବିସି ମୋର୍ଚ୍ଚାର ଆଇଟି ସଂଯୋଜିକା ରଞ୍ଜିତା ନାୟକଙ୍କ ନେତୃତ୍ୱରେ ଏକ ଦୀପଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାଟରାସାହିସ୍ଥିତ ଯୁଗଳକିଶୋର ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳାମାନେ ଦୀପଦାନ କରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରିଥିଲେ। ଏଥିସହ ଦେଶର ଉନ୍ନତି, ସମୃଦ୍ଧି ଓ ଜନକଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅମ୍ବିକା ସାମଲ, ମନୋରଞ୍ଜନ ସାହୁ, ଜୟଦେବ ପୃଷ୍ଟି, ଦୀପ୍ତି ସ୍ୱାଇଁ, ଶୋଭାବତୀ କର, ସୁକାନ୍ତି ପଣ୍ଡା, ମେନକା ଚୌଧୁରୀ, ଲିଲି ବେହେରା, ପୁଷ୍ପାଞ୍ଜଳି ବେହେରା, ପୁଷ୍ପଲତା ଝୁନିଆ, ଶାନ୍ତିଲତା ସ୍ୱାଇଁ, ନିତାଇଗୋର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଉଦ୍ଯାପିତ

**କଟକ,୧୭।୯/ଏନ୍ଏନ୍ଏସ୍:** ଗାନ୍ଧୀ ଭବନଠାରେ କମସୋମଲ କଟକ ଜିଲା କମିଟି ଆନୁକୂଲ୍ୟରେ ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଉଦ୍ଯାପିତ ହୋଇଯାଇଛି। ଜିଲା ସଂଗଠକ ପାଭେଲ ପ୍ରିୟଦର୍ଶନ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ସଂଗଠିକା ଭାଗ୍ୟଶ୍ରୀ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଂଯୋଜକ ଡ.ବିଶ୍ୱଜିତଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ସଭାରେ ଏସୟୁସିଆଇ (ସି) କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ ମୁଖ୍ୟ ଅତିଥି ଏବଂ ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ ଅଶୋକ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥିସହ ରାଜ୍ୟ ସଂଗଠକ ସିଦ୍ଧାର୍ଥ ରଥ ଉପସ୍ଥିତ ଥିଲେ। ସହିଦ ବାଜି ରାଉତଙ୍କ ଅସୀମ ସାହସ ଓ ଜୀବନ ସଂଗ୍ରାମ ଆଜିର ଛାତ୍ରଛାତ୍ରୀ ତଥା କିଶୋର-କିଶୋରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ଉଚିତ। ତାଙ୍କ ଅତୁଳନୀୟ ବଳିଦାନରୁ ଶିକ୍ଷା ଗ୍ରହଣ କରି ସମାଜ ଗଠନରେ କିଶୋର କିଶୋରୀ ତଥା ଛାତ୍ର ଯୁବକ ମାନେ ଆଗେଇ ଆସିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ରାଜ୍ୟର ପ୍ରମୁଖ ସ୍ଥାନରେ ସହିଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଏବଂ ଅନ୍ୟାନ୍ୟ ସଂଗ୍ରାମୀମାନଙ୍କ ବୀରତ୍ୱପୂର୍ଣ୍ଣ ଇତିହାସକୁ ପାଠ୍ୟପୁସ୍ତକରେ ସ୍ଥାନିତ କରାଯାଉ ବୋଲି ଦାବି ହୋଇଥିଲା। ଏହି ଅବସରରେ ନାଟକ 'ଅମ୍ଳାନ ଦୀପଶିଖା' ପ୍ରଦର୍ଶନ କରାଯାଇଥିଲା।

## ଫୋର୍ବସ ତାଲିକାରେ ସ୍ଥାନ ପାଇଲେ ନିରଦାନନ୍ଦ

**କଟକ,୧୭।୯/ଏନ୍ଏନ୍ଏସ୍:** ଓଡ଼ିଆ ପୁଅ ନିରଦାନନ୍ଦ ନନ୍ଦ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ଫୋର୍ବସଇଣ୍ଡିଆ ମାଗାଜିନରେ ସ୍ଥାନ ପାଇ ଓଡ଼ିଶା ତଥା ଦେଶ ପାଇଁ ଗର୍ବ ଆଣିଛନ୍ତି। ଓଡ଼ିଶାର ରିୟଲ ଇଷ୍ଟେଟ କ୍ଷେତ୍ରରେ ସେ ଜଣେ ଉଦୀୟମାନ ବ୍ୟକ୍ତିତ୍ୱ।



ଢେଙ୍କାନାଳରେ ଜନ୍ମିତ ନିରଦାନନ୍ଦ ନିଜର ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଏବଂ ଉତ୍କୃଷ୍ଟ ସେବା ପାଇଁ ସଫଳତାର ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରି ଚାଲିଛନ୍ତି। ଶ୍ରୀ ନନ୍ଦଙ୍କ ନାମ ଅନେକ ଜାତୀୟ ସ୍ତରର ପ୍ରତିଷ୍ଠିତ ଗଣମାଧ୍ୟମର ବିଶିଷ୍ଟ ବ୍ୟବସାୟୀ ତାଲିକାରେ ମଧ୍ୟ ସ୍ଥାନ ପାଇଛି। ଏହା ଭିତରେ ରହିଛି ଜୀ ନ୍ୟୁଜ୍ ଏବଂ ହିନ୍ଦୁସ୍ତାନ ଟାଇମ୍ସ ଭଳି ପ୍ରମୁଖ ଗଣମାଧ୍ୟମ। ଗୁଣବତା, ବିଶ୍ୱସ୍ତତା ଓ ଭିତିଭୂମି ବିକାଶରେ ନୂତନ ମାନଦଣ୍ଡ ସ୍ଥାପନ କରିବାରେ ତାଙ୍କର ନିରନ୍ତର ଉତ୍ସର୍ଗୀକୃତ ଅବଦାନକୁ ଏହା ପ୍ରତିଫଳିତ କରୁଛି। ତାଙ୍କ ନେତୃତ୍ୱରେ, ଭୂମି ଇନଫ୍ରା ଏଲଏଲପି ଆଧୁନିକ ସ୍ଥାପତ୍ୟର ମାନଦଣ୍ଡକୁ ଆଧାର କରି ନିଜ ପ୍ରକଳ୍ପଗୁଡ଼ିକୁ ନିରନ୍ତର ସଫଳତାର ସହ ଆଗକୁ ବଢ଼ାଉଛି। ଶ୍ରୀ ନନ୍ଦଙ୍କ ଏହି ଯାତ୍ରା ରାଜ୍ୟ ଓ ଦେଶର ଉଦୀୟମାନ ଉଦ୍ୟୋଗୀଙ୍କ ପାଇଁ ପ୍ରେରଣାର ସ୍ରୋତ ପାଲଟିଛିବୋଲି କୁହାଯାଇଛି।

## ଚେକ୍ ବାଉନ୍ସ ମାମଲାରେ ୨ ମାସ ଜେଲ୍‌ଦଣ୍ଡ

**କଟକ,୧୭।୯/ଏନ୍ଏନ୍ଏସ୍:** ଏକ ଚେକ୍ ବାଉନ୍‌ସ ମାମଲାରେ ଅଭିଯୁକ୍ତ ଶ୍ରୀକୁମାର ପରିଜାଙ୍କୁ ୨ ମାସ ଜେଲ୍‌ଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି କଟକର ପ୍ରଥମ ବିଚାର ବିଭାଗୀୟ ଅଧିକାରୀ। ପୁରୀଘାଟ ଥାନା ଅଧିନସ୍ଥ ସାମନ୍ତସାହି ଅଂଚଳର ଅଭିଯୋଗକାରୀ ଅକ୍ଷୟ କୁମାର ଦାସ ମଙ୍ଗଳବାବାଗ ଥାନା ଅଧିନସ୍ଥ ତାରେଣୀ ଲେନ୍ ଅଂଚଳର ଶ୍ରୀପରିଜାଙ୍କ ବିରୁଦ୍ଧରେ ଏକ ଚେକ୍ ବାଉନ୍ସ ମାମଲା କଟକର ପ୍ରଥମ ବିଚାର ବିଭାଗୀୟ ଅଧିକରୀଙ୍କ ନିକଟରେ ରୁଜୁ କରିଥିଲେ। ୨୦୧୮ ମସିହାରୁ ମସିହାରୁ ବିଚାରାଧୀନ ଥିବା ଏହି ମାମଲାରେ ଅଦାଲତ ତାଙ୍କର ରାୟ ଶୁଣାଇ ଶ୍ରୀକୁମାରଙ୍କୁ ଦୁଇମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏତତ୍ ବ୍ୟତିତ ଚେକ୍ ବାଉନ୍ସ ଟଙ୍କା ସହ ସମସ୍ତ ସୁଧକୁ ମିଶାଇ ମୋଟ ୧୩ ଲକ୍ଷ ୫୦ ହଜାର ଟଙ୍କା ଜରିମାନା ଆକାରରେ ଅଭିଯୋଗକାରୀଙ୍କୁ ପ୍ରଦାନ କରିବାପାଇଁ କୋର୍ଟ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଏହି ଟଙ୍କା ନ ଦେଇପାରିଲେ ସମ୍ପୃକ୍ତ ଅପରାଧୀଙ୍କୁ ଆଉ ଏକ ମାସ ଜେଲ ଦଣ୍ଡ ଭୋଗ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ଆଇନଜୀବୀ ଚନ୍ଦ୍ର ମାଧବ ସିଂହ ଏବଂ ତାଙ୍କ ସହଯୋଗୀ ବିଶ୍ୱଜିତ୍ ଲେଙ୍କା ପରିଚାଳନା କରିଥିଲେ।

### ହାଇକୋର୍ଟରେ ଓସିଏ ନିର୍ବାଚନ ମାମଲା

# ବିସିସିଆଇ ସପକ୍ଷରେ ପ୍ରତିଜବାବ ଦାଖଲ କଲେ ସଭାପତି

**କଟକ,୧୭।୯/ଏନ୍ଏନ୍ଏସ୍:** ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ନିର୍ବାଚନକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ଆଜି ହୋଇଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଶୁଣାଣି ବେଳେ ତାଙ୍କର ପ୍ରତି ଜବାବ ଦାଖଲ କରିଛନ୍ତି। ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ) ସପକ୍ଷରେ ସଭାପତି ମହାନ୍ତି ତାଙ୍କର ସତ୍ୟପାଠ ଦାଖଲ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ ତାରିଖକୁ ଧାର୍ଯ୍ୟ ହୋଇଛି। ସଭାପତି ଶ୍ରୀ ମହାନ୍ତି ତାଙ୍କ ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବିସିସିଆଇ ପ୍ରଣୀତ ନିୟମ ଅନୁଯାୟୀ ଓସିଏ ନିର୍ବାଚନ ପ୍ରତି ତିନି ବର୍ଷରେ ଥରେ ହୋଇଥାଏ। ମାତ୍ର ଓସିଏ ନିର୍ବାଚନ ଆଜକୁ ଏକ ବର୍ଷ ବିଳମ୍ବିତ ହୋଇଯାଇଛି। ତଥାପି ନିର୍ବାଚନ କରାଯାଉ ନାହିଁ। କ୍ରିକେଟ ଖେଳ ପାଇଁ ବିସିସିଆଇର ଏକ ସଦସ୍ୟ ହେଉଛି ଓସିଏ। ବିସିସିଆଇ ନିୟମ ଓ ନିର୍ଦ୍ଦେଶନାମା ଅନୁସାରେ ଓସିଏ କାର୍ଯ୍ୟ କରିବ। ବିସିସିଆଇ କ୍ରିକେଟ ଖେଳ ପାଇଁ ଓସିଏକୁ ଅନୁଦାନ ରାଶି ଯୋଗାଇଥାଏ। ବିସିସିଆଇ ଓସିଏକୁ ନିର୍ବାଚନ କରାଇବା ପାଇଁ କହିବା ସତ୍ତ୍ୱେ ବି ଓସିଏ ପକ୍ଷରୁ ନିର୍ବାଚନ କରାଯାଉ ନାହିଁ। ଏପରିସ୍ଥଳେ ବିସିସିଆଇ ଚାହିଁଲେ ଓସିଏ ସଦସ୍ୟତାକୁ ରଦ୍ଦ କରିଦେଇପାରେ। ତେଣୁ ବିସିସିଆଇ ନିର୍ଦ୍ଦେଶକୁ କେବେ ଅବମାନନା କରାଯାଇ ପାରିବ ନାହିଁ। ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ନାସନାଲ ସ୍ପୋର୍ଟସ ଗର୍ଭନାନ୍ସ ଆକ୍ଟ ୨୦୨୫ ଅଧିନରେ ବିସିସିଆଇ ଆସୁଛି କି ନାହିଁ ସେନେଇ କୌଣସି ସ୍ପଷ୍ଟତା ନାହିଁ। ମାତ୍ର ଓସିଏ କର୍ମକର୍ତ୍ତାମାନେ ନାସନାଲ ସ୍ପୋର୍ଟସ ଗର୍ଭନାନ୍ସ ଆକ୍ଟ ୨୦୨୫କୁ ଆଳ କରି ୨୦୨୫ ଅଗଷ୍ଟ ୩୧ରେ ଅନୁଷ୍ଠିତ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ ନିର୍ବାଚନକୁ ଘୁଂଚାଇ ଦିଆଗଲା। ୨୦୨୫ ଡିସେମ୍ବର ୯ ତାରିଖରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍‌କୁ ଦୃଷ୍ଟିରେ ରଖି ଏପରି କରାଗଲା। ଅପରପକ୍ଷେ ବିସିସିଆଇ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ଜବାବରେ କୌଣସି ଷ୍ଟେଟ କ୍ରିକେଟ ଆସୋସିଏଶନ ନାସନାଲ ସ୍ପୋର୍ଟସ ଗର୍ଭନାନ୍ସ ଆକ୍ଟ,୨୦୨୫ ଅଧିନରେ ଆସୁନାହିଁ ବୋଲି ସ୍ପଷ୍ଟ କରାଯାଇଥିଲା। ଏପରିକି କ୍ରିକେଟ ଖେଳ ନାସନାଲ ସ୍ପୋର୍ଟସ ଗର୍ଭନାନ୍ସ ଆକ୍ଟ ୨୦୨୫ ଅଧିନରେ ନାହିଁ ବୋଲି ବିସିସିଆଇ ପ୍ରତି ଜବାବ ମାଧ୍ୟମରେ କୋର୍ଟଙ୍କୁ ଅବଗତ କରାଇଥିଲା। ଆହୁରି ମଧ୍ୟ ବିସିସିଆଇ ସ୍ପଷ୍ଟ କରିଛି ଯେ, ବିସିସିଆଇ ନୀତି, ନିୟମଗୁଡ଼ିକ ସୁପ୍ରିମକୋର୍ଟଙ୍କ ଦ୍ୱାରା ଅନୁମୋଦିତ। ବିସିସିଆଇ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଅନୁଦାନ ପାଏ ନାହିଁ, ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ। ଏହା ସରକାରଙ୍କ ଉପରେ ନିର୍ଭରଶୀଳ ନୁହେଁ କି ସରକାରଙ୍କ ଦ୍ୱାରା ପରିଚାଳିତ ମଧ୍ୟ ନୁହେଁ। ବିସିସିଆଇର ସ୍ଥାୟୀ ଭାବେ ଆଫିଲିଏଟେଡ୍ ବଡି ହେଉଛି ଓସିଏ। ତେଣୁ ବିସିସିଆଇ ନୀତି, ନିୟମ ବିରୋଧରେ ଓସିଏ କୌଣସି ଭିନ୍ନ ମତପୋଷଣ କରିପାରିବ ନାହିଁ। ଏଥିରେ ବ୍ୟତିକ୍ରମ ହେଲେ ବିସିଆଇ ସଦସ୍ୟତା ରଦ୍ଦ କରିବା ସହ ଓସିଏକୁ ସମସ୍ତ ଅନୁଦାନ ଯୋଗାଇବା ବନ୍ଦ କରିଦେଇପାରେ ବୋଲି ସଭାପତି ଶ୍ରୀ ମହାନ୍ତି ପ୍ରତି ଜବାବରେ ହାଇକୋର୍ଟଙ୍କୁ ଅବଗତକରାଇଥିବା ସୂଚନା ଦେଇଛନ୍ତି।

## ମହିଳାଙ୍କ ପାଇଁ 'କ୍ଲାଉଡ୍ କିଚେନ୍' କର୍ମଶାଳା

**କଟକ,୧୭।୯/ଏନ୍ଏନ୍ଏସ୍:** ମୋକିମ ଫାଉଣ୍ଡେସନ ପକ୍ଷରୁ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବା



ଉଦ୍ଦେଶ୍ୟରେ ଏକ ଦିନିକିଆ 'କ୍ଲାଉଡ୍ କିଚେନ୍' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ତଥା ଫାଉଣ୍ଡେସନ ଟ୍ରଷ୍ଟି ସୋଫିଆ ଫିରଦୋସ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଓ.ଏ.ଏସ.ଏମ.ଇ ର ରାଜ୍ୟ ସଂପାଦକ ଅନ୍ୱେଷା ରାଉତ ଯୋଗଦେଇ ଉପସ୍ଥିତ ମହିଳାମାନଙ୍କୁ କିପରି ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବେ ସେ ଦିଗରେ ବାର୍ତ୍ତା ଦେଇଥିଲେ। କଟକ ସହରର ବିଭିନ୍ନ ସାହି ଓ ବସ୍ତି ଅଂଚଳରୁ ବହୁ ସଂଖ୍ୟାରେ ମହିଳା ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି ଘରେ ରହି କିପରି ସ୍ୱଳ୍ପ ପୁଞ୍ଜିରେ 'କ୍ଲାଉଡ୍ କିଚେନ୍' ମାଧ୍ୟମରେ ଖାଦ୍ୟ ବ୍ୟବସାୟ ଆରମ୍ଭକରାଯାଇପାରିବ, ସେ ନେଇ ବିଶେଷଜ୍ଞମାନେ ମହିଳାମାନଙ୍କୁ ତାଲିମ ଓ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୀନା ବେହେରା,ନିଲମ ପଟ୍ଟନାୟକ, ଶିବ ପ୍ରସାଦ ସାମଲ, ସୂରଜ ବାରିକ,ଅଭିଲିପ୍ସା ଜେଠି ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ପ୍ରଜ୍ଞା ପ୍ରେରଣା ମହୋତ୍ସବ



**କଟକ,୧୭।୯/ଏନ୍ଏନ୍ଏସ୍:** କୈବଲ୍ୟ ସାହିତ୍ୟ ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ 'ପ୍ରଜ୍ଞା ପ୍ରେରଣା ମହୋତ୍ସବ' ସ୍ଥାନୀୟ ପଂଚମୁଖୀ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଦିକ ଓ ସନାତନ ଧାର୍ମିକ ପରମ୍ପରା ଅନୁଯାୟୀ ସଂସଦର କର୍ମକର୍ତ୍ତାମାନେ ପଂଚମୁଖୀ ହନୁମାନଙ୍କ ନିକଟରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ, ନିରାମୟ ଓ କର୍ମମୟ ଜୀବନ କାମନା କରି ପୂଜାର୍ଚ୍ଚନା କରିବା ସହ ସମୂହ ଆଳତି କରିଥିଲେ। ସଂସଦର ପୃଷ୍ଠପୋଷକ କୈଳାଶ ଚନ୍ଦ୍ର ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ ,ପଣ୍ଡିତ ଦିଲ୍ଲୀପ ଆଚାର୍ଯ୍ୟ ,ବ୍ରହ୍ମାନନ୍ଦ ମହାନ୍ତି, ଶତ୍ରୁଘ୍ନ ସ୍ୱାଇଁ , ସଂଯୋଜ ସାମନ୍ତରାୟ ଯୋଗଦେଇଥିଲେ।ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ପ୍ରସ୍ତୁତ ସ୍ୱତନ୍ତ୍ର ପ୍ରକାଶନ 'ଆମ ଆଶୀର୍ବାଦ' ଲୋକାର୍ପିତ ହୋଇଥିଲା। ଡକ୍ଟର ବସନ୍ତ କୁମାରୀ ନନ୍ଦ କବିତା ପାଠ କରିଥିଲେ।

## ମା'କଟକ ଚଣ୍ଡୀ ମନ୍ଦିରରେ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ



**କଟକ,୧୭।୯/ଏନ୍ଏନ୍ଏସ୍:** ରାଜ୍ୟବ୍ୟାପୀ ଆଜିଠାରୁ ଆରମ୍ଭ ହୋଇଥିବା ସେବା ସଙ୍କଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅଧିନରେ ଆଜି ସନ୍ଧ୍ୟାରେ ମା' କଟକ ଚଣ୍ଡୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆଶୀର୍ବାଦର ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ମନ୍ଦିର ପରିସରରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ 'ଆଶୀର୍ବାଦ ର ଦୀପ' ଏହି କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନା ହିତାଧିକାରୀ, ଆଶା, ଅଙ୍ଗନବାଡ଼ି କର୍ମୀ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ସମୂହ ଦୀପ ଦାନ କରିବା ସହ ସେଠାରେ ରଙ୍ଗୋଲି ମଧ୍ୟ କରିଥିଲେ। ଏହି ଅବସରରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ସମୂହ ଦୀପଦାନ କାର୍ଯକ୍ରମରେ ଯୋଗ ଦେଇଥିଲେ। ଆଜି ସମଗ୍ର କଟକ ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରର ଅନ୍ୟ ମନ୍ଦିର ମାନଙ୍କରେ ଆଶିର୍ବାଦ ର ଦୀପ କାର୍ଯ୍ୟକ୍ରମ ସ୍ୱରୂପ ଦୀପ ପ୍ରଜ୍ୱଳନ କରାଯାଇଛି। ଚଣ୍ଡୀ ମନ୍ଦିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ,ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସଦସ୍ୟା ମାନେ ଯୋଗଦେଇଥିଲେ।

## ସତ୍‌ସଙ୍ଗ ଆଶ୍ରମରେ ପୂଜ୍ୟପୂଜା ଶ୍ରଦ୍ଧାଭକ୍ତି ଉଦ୍ଯାପିତ

**କଟକ,୧୭।୯/ଏନ୍ଏନ୍ଏସ୍:** ପୁରୁଷୋତମ ସ୍ୱସ୍ତିସେବା ସତ୍‌ସଙ୍ଗ ଆଶ୍ରମର ୨୬ ତମ ପୂଜ୍ୟପୂଜା ଶ୍ରଦ୍ଧାଭକ୍ତି କାର୍ଯ୍ୟକ୍ରମ ଉଦ୍ଯାପିତ ହୋଇଯାଇଛି। ଏହି ଅବସରରେ ବସନ୍ତ ଦା'ଙ୍କ ଦ୍ୱାଦଶ ପୁଣ୍ୟତିଥି ପାଳିତ ହୋଇଥିଲା। ସକାଳ ଅଧିବେଶନରେ ଚାରାରୋପଣ କାର୍ଯ୍ୟକ୍ରମ ଓ ସନ୍ଧ୍ୟା ଅଧିବେଶନରେ ପିତାମାତା ଓ ଗୁରୁଜନମାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜୁଲି ଦାସ ପରିଚାଳନା କରିଥିଲେ। ଶକ୍ତିର ଉତ୍ସ ଯୁବ ସମାଜ ସଭାପତି ଇଂ. ହରିହର ସେଠୀ, ଉପସଭାପତି ପ୍ରଫେସର ଡା.ଅକ୍ଷୟ ମିଶ୍ର ଓ ସ୍ୱାମୀ ସତ୍ୟ ଚୈତନ୍ୟଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ



**କଟକ,୧୭।୯/ଏନ୍ଏନ୍ଏସ୍:** କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ ମାରୁତିମଣ୍ଡପ ସ୍ଥିତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ଦିଲ୍ଲିପ କୁମାର ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଲୋକସଂପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ସର୍ବବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିଭାବରେ ବିଜେପି ନେତା ଶ୍ରୀତମ ଦାସ ଯୋଗଦେଇଥିଲେ ।କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର ଆଜିର ଦିବସ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଶୋକ କୁମାର ଦାଶ, ସନ୍ତୋଷ କୁମାର ମଲ୍ଲିକ,ଶିବଦାସ ପୂର୍ଣ୍ଣଚନ୍ଦ୍ର ସିଂହ,ଶାନ୍ତିଲତା ସେଠୀ,ଯତିନ୍ଦ୍ର କୁମାର ଦାସ,ଶିବଚରଣ ସିହ୍ନା,ଦେବୀପ୍ରସନ୍ନ ମହାପାତ୍ର,ରବିନ୍ଦ୍ର ଅଗରୱାଲ,ଲକ୍ଷ୍ମୀନାରାୟଣ ମଲ୍ଲିକ,ନିବାସ ଚନ୍ଦ୍ରମିଶ୍ର,ରଂଜିତ କୁମାର ସେନ,ପ୍ରାଣକୃଷ୍ଣ ସ୍ୱାଇଁ, ଜିତୁବାରିକ, ବିବେକାନନ୍ଦ ଦାସ, ଦୈତାରୀ ସାହୁ, ନମିତା ବେହେରା, ତୁଷାରକାନ୍ତି ବୋଷ,କୁନି ନାୟକ, ବସନ୍ତ କୁମାର ବେହେରା,କାଳନ୍ଦି ନାରାୟଣ ମଲ୍ଲିକ, ସୁବାଷ ଚନ୍ଦ୍ର ମୁଖି, ପ୍ରଦୀପ ସେନାପତି, ହରିଶ୍ଚନ୍ଦ୍ର ଦେ,ରାମଶଙ୍କର ମଲ୍ଲିକ, ସଂପଦ କୁମାର ମଲ୍ଲିକ, ପତିତପାବନ ଲାହା, ଅମରେଶ ପାଣ୍ଡେ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ନଳିନ କୁମାର ସେନାପତି ରାମଧୁନ ଗାନ କରିଥିଲେ।

### ଜିଲ୍ଲାପାଳମାନଙ୍କ ସହ ମୁଖ୍ୟସଚିବଙ୍କ ବୈଠକ

# ଯୋଜନା ଓ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା

**ଭୁବନେଶ୍ୱର,୧୭।୯/ଏନ୍ଏନ୍ଏସ୍:** ଲୋକସେବା ଭବନଠାରେ ଗୁରୁବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଜିଲ୍ଲାପାଳମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ଜିଲ୍ଲାପାଳ ଆଭାସୀ ମାଧ୍ୟମରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗୀୟ ପ୍ରମୁଖ ଯୋଜନା ଓ ପ୍ରକଳ୍ପର ଅଗ୍ରଗତି, ଜମି ସମ୍ବନ୍ଧୀୟ ସମସ୍ୟା, ଅନୁମୋଦନ, କାର୍ଯ୍ୟାନ୍ୱୟନରେ ରହୁଥିବା ସମସ୍ୟା ଏବଂ ଆବଶ୍ୟକ ଜିଲ୍ଲାସ୍ତରୀୟ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା। ଗୃହ ଓ ନଗର ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା , ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ବିଭିନ୍ନ ପ୍ରସଙ୍ଗ ସ୍ଥାନ ପାଇଥିଲା। ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଳଯୋଗାଣ ଓ ବିଭିନ୍ନ ପ୍ରକଳ୍ପଗୁଡ଼ିକରେ ଜମି ସମ୍ବନ୍ଧୀୟ ସମସ୍ୟା ଦୂର କରିବା ଉପରେ ଆଲୋଚନା ହୋଇଥିଲା। ଖୋର୍ଦ୍ଧା, ସମ୍ବଲପୁର ଓ କଟକ ଜିଲ୍ଲାର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଜମି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳମାନଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ କ୍ରେଡିଟ୍ ରିପେମେଣ୍ଟ ଗ୍ୟାରେଣ୍ଟି ସବ୍-ସ୍କିମ୍ ଅଧୀନରେ ଛୋଟ ସହରାଞ୍ଚଳ ସଂସ୍ଥାଗୁଡ଼ିକୁ ବଜାରଭିତ୍ତିକ ଅର୍ଥ ସଂଗ୍ରହର ସୁଯୋଗ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ଜ୍ୟ ପରିଚାଳନା ନିୟମର ଜିଲ୍ଲାସ୍ତରୀୟ ଅନୁପାଳନର ସମୀକ୍ଷା କରାଯାଇଥିଲା। ଶ୍ରମ ଓ ଇଏସ୍‌ଆଇ ବିଭାଗ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ୍ ପାଇଁ ଜମିର ସୁବ୍ୟବସ୍ଥା, ଶିଶୁ ଶ୍ରମ ନିରାକରଣ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ, ଶ୍ରମ ନିରୀକ୍ଷଣ କମିଟି ଏବଂ ରାସାୟନିକ ଦୁର୍ଘଟଣା ପାଇଁ ଜିଲ୍ଲା ଓ ସ୍ଥାନୀୟ ସଙ୍କଟ ପରିଚାଳନା ଗୋଷ୍ଠୀର ନିୟମିତ ବୈଠକ ଓ ମକ୍ ଡ୍ରିଲ୍ ଉପରେ ଆଲୋଚନା ହୋଇଥିଲା। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ମାସ-୨୦୨୬, 'ସୁପୋଷିତ ଓଡ଼ିଶା' ମିଶନ, ଡିଜିଟାଲ୍ ନିରୀକ୍ଷଣ ଫର୍ମ ଆଦି ବିଭିନ୍ନ ପ୍ରସଙ୍ଗ ସମୀକ୍ଷା କରାଯାଇଥିଲା। ପୋଷଣ ମାସ ସମୟରେ ଶିଶୁମାନଙ୍କ ଅପପୋଷଣ ଚିହ୍ନଟ ଓ ରେଫରାଲ୍, ଗର୍ଭବତୀ ମହିଳାଙ୍କ ପଞ୍ଜୀକରଣ, ପିତାମାନଙ୍କ ଅଂଶଗ୍ରହଣ ଏବଂ ସମ୍ବେଦନଶୀଳ ଅଞ୍ଚଳରେ ପୋଷଣ ସେବାର ପହଞ୍ଚ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବାୟୋମେଡିକାଲ୍ ବର୍ଜ୍ୟ ପରିଚାଳନା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଜମି, ଆୟୁଷ ମେଡିକାଲ୍ କଲେଜ୍, 'ଆମ ହସ୍ପିଟାଲ୍' କାର୍ଯ୍ୟ ଏବଂ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାଭିତ୍ତିକ ଅଗ୍ରଗତି ଆଲୋଚନା ହୋଇଥିଲା। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ 'ସୃଜନିକା' କ୍ରାଫ୍ଟ କ୍ଲଷ୍ଟର, ପ୍ରମୁଖ କ୍ରାଫ୍ଟ କ୍ଲଷ୍ଟର, ହସ୍ତଶିଳ୍ପ, ହସ୍ତତନ୍ତ, ରେଶମ ଓ ବୟନ କ୍ଷେତ୍ରର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା'ର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜିଲ୍ଲାଭିତ୍ତିକ ଜମି ଆବଣ୍ଟନ, ପ୍ରକଳ୍ପ ଡିପିଆର୍ ଏବଂ ବିଭିନ୍ନ କାର୍ଯ୍ୟାନ୍ୱୟନ ବାଧା ଦୂର କରିବା ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏଗ୍ରିଷ୍ଟାକ୍ ଅଧୀନରେ କୃଷକ ପଞ୍ଜୀକରଣ ଏବଂ ଖରିଫ-୨୦୨୬ ଡିଜିଟାଲ୍ କ୍ରପ୍ ସର୍ଭେର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆବାସିକ ହଷ୍ଟେଲ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ସହ ଛାତ୍ରଛାତ୍ରୀଙ୍କ ଆପାର୍ ଆଇଡି ସୃଷ୍ଟି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ଅନୁଷ୍ଠିତ ହେବା, ଏମ୍‌ଏସ୍‌ଏମ୍‌ଇ ପାର୍କ, ଓଡ଼ିଶା ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଏବଂ କ୍ରେଡିଟ୍ ସୁବିଧା ସମ୍ପର୍କରେ ଅଗ୍ରଗତି ସମୀକ୍ଷା ହୋଇଥିଲା। ରାଜ୍ୟରେ ୩୦ଟି ଜିଲ୍ଲାରେ ୩୦ଟି ଏମ୍‌ଏସ୍‌ଏମ୍‌ଇ ପାର୍କ ବିକଶିତ କରିବାର ଯୋଜନା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ବୈଠକରେ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ନିଜ ଜିଲ୍ଲାରେ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରଖି ଜମି ଅଧିଗ୍ରହଣ, ପ୍ରକଳ୍ପ ଅନୁମୋଦନ, ନିର୍ମାଣ ଓ କାର୍ଯ୍ୟାନ୍ୱୟନ ସମ୍ପର୍କିତ ସମସ୍ୟାଗୁଡ଼ିକର ସମୟସୀମା ମଧ୍ୟରେ ସମାଧାନ କରିବା ସହ ନିୟମିତ ଭାବେ ପ୍ରଗତିର ସମୀକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାସ୍ତରୀୟ ନିରୀକ୍ଷଣ ଓ ବିଭାଗୀୟ ସମନ୍ୱୟ ମାଧ୍ୟମରେ ଅନୁମୋଦିତ ପ୍ରକଳ୍ପ ଓ ଯୋଜନାଗୁଡ଼ିକର ଲାଭ ଲୋକଙ୍କ ନିକଟରେ ଯେପରି ଶୀଘ୍ର ପହଞ୍ଚି ପାରିବ, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ।

## 'ବିଶ୍ୱାସ ଯୋଜନା' ସଚେତନତା ଅଭିଯାନ

**କଟକ,୧୭।୯/ଏନ୍ଏନ୍ଏସ୍:** କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ଦ୍ୱାରା 'ବିଶ୍ୱାସ ଯୋଜନା ୨୦୨୬' ଉପରେ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀ ଭବିଷ୍ୟନିଧି ଆୟୋଗ ପକ୍ଷରୁ କଟକ ଜିଲା କାର୍ଯ୍ୟାଳୟ ଦ୍ୱାରା ପ୍ରମୋଦ କନଭେନସନ୍‌ଠାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ତଥା କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ ମୌସୁମୀଲତା ପାଢ଼ୀ କେନ୍ଦ୍ର ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟର ଚାରିଗୋଟି ଯୋଜନା ଉପରେ ଆଲୋକପାତ କରିଥିଲେ। ସହାୟକ ଭବିଷ୍ୟନିଧି ଆୟୁକ୍ତ ବିପ୍ଳବୀସିଂହ ଚୌହାନ ଯୋଜନାଗୁଡ଼ିକର ମୁଖ୍ୟ ଗୁଣାବଳୀ ବର୍ଣ୍ଣନା କରିଥିଲେ। ପ୍ରବର୍ତ୍ତନ ଅଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ ଅନ୍‌ଲାଇନରେ ବିଶ୍ୱାସ ପ୍ରମାଣପତ୍ର ଆବେଦନ କରିବାର ମାର୍ଗ ଦର୍ଶାଇଥିଲେ। ମନୋରଞ୍ଜନ ମହାପାତ୍ର, ରଘୁନାଥ ବେହେରା, ସୂର୍ଯ୍ୟନାରାୟଣ ବେହେରା ଓ ଦେବେନ୍ଦ୍ର ସାହୁ ପ୍ରମୁଖ ନିଯୁକ୍ତିଦାତାମାନଙ୍କୁ ସମସ୍ତ ଯୋଜନା ବୁଝାଇଥିଲେ।

ନିତିଦିନ NITIDIN



### ‘ସ୍ୱଚ୍ଛ ସାଗର, ସୁସ୍ଥ ସାଗର’ ଅଭିଯାନ ସଚେତନତା ବୈଠକ

# ‘ବେଳାଭୂମି ସ୍ୱଚ୍ଛ ରହିଲେ ପର୍ଯ୍ୟଟନ ପ୍ରୋତ୍ସାହିତ ହେବ’

**ପୁରୀ,୧୭।୯/ଏନ୍ଏନ୍ଏସ୍:** ବେଳାଭୂମି ସବୁବେଳେ ପର୍ଯ୍ୟଟକ ଙ୍କୁ ଆକୃଷ୍ଟ କରିଥାଏ। ପୁରୀ ଆଧାତ୍ମିକ ଓ ପର୍ଯ୍ୟଟନ କ୍ଷେତ୍ର ପାଇଁ ବେଶ ଖ୍ୟାତି ଅର୍ଜନ କରିଛି। ଏହାକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ନୋଡାଲ ଅଫିସର ଶରତ ଚନ୍ଦ୍ର ବେହେରା। ଆଜି ପେଣ୍ଠକଟା ସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ସ୍ୱଚ୍ଛ ସାଗର, ସୁସ୍ଥ ସାଗର ଅଭିଯାନ ସମ୍ପର୍କରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପେଣ୍ଠକଟା ସମୁଦାୟ କୂଳ ଅଞ୍ଚଳର ଲୋକ ମାନେ ସମୁଦ୍ର ଉପରେ ନିର୍ଭରଶୀଳ ଓ ସେମାନଙ୍କ ଅର୍ଥନୀତି ସମୁଦ୍ର ସହ ଜଡିତ। ଏହାସହ ମତ୍ସ୍ୟ ଉତ୍ପାଦନ ଦୃଷ୍ଟିରୁ ଏଠାରେ ଭବିଷ୍ୟତରେ ମତ୍ସ ଅବତରଣ କେନ୍ଦ୍ର ହୋଇପାରେ। ସେତେବେଳେ ଅଧିକରୁ ଅଧିକ ପର୍ଯ୍ୟଟକ ଏଠାକୁ ଆସିବେ। ଯାହା ଆମ




ଅର୍ଥନୀତିକୁ ସମୃଦ୍ଧ କରିବ। ତେଣୁ ଆମ ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଆମେ ସଂକଳ୍ପ ବଦ୍ଧ ହେବାକୁ ଶ୍ରୀ ବେହେରା ପରାମର୍ଶ ଦେବା ସହ ପେଣ୍ଠକଟା ର ଅଧିବାସୀ ମାନେ ସମୁଦ୍ର କୂଳ କୁ ସ୍ୱଚ୍ଛ ରଖି ଆଦର୍ଶ ସୃଷ୍ଟି କରିବାକୁ ଅନୁରୋଧ କରିଥିଲେ। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱଚ୍ଛ ସାଗର ଓ ସୁରକ୍ଷିତ ସାଗର ଶପଥ ପାଠ କରାଇଥିଲେ। ବୈଠକରେ ଟିଏଫଡବ୍ଲୁଡିର ପୁରୀ ଜିଲ୍ଲା ସଭାପତି ବାବୁଲା ପ୍ରସାଦ ପେଣ୍ଠକଟା ବାସିନ୍ଦାଙ୍କ ଆବଶ୍ୟକତା, ସମସ୍ୟା, ସମସ୍ୟାର ସମାଧାନ ପାଇଁ ବିବିଧ ପ୍ରସ୍ତାବ, ସ୍ୱଚ୍ଛ ଓ ସୁରକ୍ଷିତ ସାଗର ପାଇଁ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ମତ୍ସ୍ୟ ଅଧିକାରୀ ବି ନିଗମ କୁମାର, ଯଶସ୍ୱିନୀ ମହାନ୍ତି, ମାନସ କୁମାର ପରିଡା, ଏମ ସୁବାରାଓ, କେ ପ୍ରସନ୍ନ କୁମାର, କେ ଟାଟା ରାଓ, ୱାଇ ଆପାଲ ରାଜୁ, ବୋଦି ଚିଟିବାବୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ମୁଖ୍ୟ ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ପେଣ୍ଠକଟା ସମୁଦ୍ର କୂଳରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ସିଡିପିଓ, ଅଙ୍ଗନବାଡି କର୍ମୀ ଓ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ
# ବନବିଭାଗ ପକ୍ଷରୁ ଔଷଧୀୟ ବୃକ୍ଷରୋପଣ

**କୋଣାର୍କ,୧୭।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ପାଳନ ଅବସରରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକ୍ରମେ କୋଣାର୍କ ବନବିଭାଗ ପକ୍ଷରୁ ମାଆ ପାଇଁ ଗଛଟିଏ ୩.୦ କାର୍ଯ୍ୟକ୍ରମ




ମାଧ୍ୟମରେ କୋଣାର୍କ ସ୍ଥିତ ପ୍ରସିଦ୍ଧ ଶୈବପୀଠ ମଙ୍ଗୁଳେଶ୍ୱର ମନ୍ଦିର ପାର୍ଶ୍ୱରେ ଔଷଧୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଔଷଧୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅତିଥି ଭାବରେ କୋଣାର୍କ ଏନ୍ଏସି ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ଗଛ ମଣିଷ ଲିଙ୍ଗରାଜ ନାୟକ, କରମଙ୍ଗା-ଶ୍ରୀକଣ୍ଠପୁର ଇଡିସିର ସଭାପତି ବିପିନ କୁମାର ନାୟକ, ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି ଓ ବରିଷ୍ଠ ସ୍କାଉଟ୍ସ ଶିକ୍ଷକ ଅଭୟ କୁମାର ମଲ୍ଲ ପ୍ରମୁଖ ଯୋଗଦେଇ ମୋଦିଜୀଙ୍କ ୭୬ତମ ଜନ୍ମ ଜୟନ୍ତୀ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଙ୍ଗୁଳେଶ୍ୱର ମନ୍ଦିର ପଛପଟେ ୨୦୦ରୁ ଉର୍ଦ୍ଧ୍ୱ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବାଲିଦୋକାନ ବିଟ୍ ହାଉସର ଫରେଷ୍ଟର ସବୀର ସାହୁ, ରାମଚଣ୍ଡୀ ଫରେଷ୍ଟ ବିଟ୍ ହାଉସର ଫରେଷ୍ଟର ସଂଜୟ କୁମାର ମଲ୍ଲିକ, କୋଣାର୍କ ଫରେଷ୍ଟ ବିଟ୍ ହାଉସ ଅଧିକାରୀ ଫରେଷ୍ଟର କାର୍ତ୍ତିକେଶ୍ୱର ମୁଣ୍ଡାଙ୍କ ସମେତ ବାଲିଦୋକାନ, ରାମଚଣ୍ଡୀ ଓ କୋଣାର୍କ ଫରେଷ୍ଟ ବିଟ ହାଉସ ଅଧୀନରେ କାର୍ଯ୍ୟରତ ବନରକ୍ଷୀମାନେ ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା

**ଡେଲାଙ୍ଗ,୧୭।୯/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଧୁମଧାମ ଓ ମହାଆଡମ୍ବରରେ ପାଳିତ ହୋଇଯାଇଛି। ସରକାରୀ କାର୍ଯ୍ୟାଳୟ ଓ ଶିଳ୍ପ ଅନୁଷ୍ଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଦେବଶିଳ୍ପୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି ।ଡେଲାଙ୍ଗ ଷ୍ଟେସନ ବଜାର ସନ୍ନିକଟ ପିଏନବି କନଷ୍ଟ୍ରକସନ ପରିସରରେ ଆୟୋଜିତ ବିଶ୍ୱକର୍ମା ପୂଜାରେ କଷ୍ଟ୍ରକସନର ପ୍ରତିଷ୍ଠାତା ପଦ୍ମନାଭ ବାରଳ କର୍ତ୍ତା ଓ କର୍ତ୍ତୀ ଭାବେ ଧର୍ମପତ୍ନୀ ସ୍ୱର୍ଣ୍ଣଲତା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମୁଖ୍ୟପୂଜକ ରମାକାନ୍ତ ମିଶ୍ରଙ୍କ ଦ୍ୱାରା ଯଥାବିଧି ପୂଜା ଅର୍ଚ୍ଚନା କରାଯାଇଥିଲା। ସ୍ୱାଗତ ବରାଳ, ପରମାନନ୍ଦ ବରାଳ, ବାଦଲକୁମାର ବରାଳ, ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଡେଲାଙ୍ଗ ରେଳ ଷ୍ଟେସନ ସନ୍ନିକଟ ମା’ ତାରିଣୀ ଅଟୋ ୱାର୍କଶପ୍ ପରିସରରେ ଆୟୋଜିତ ଦେବଶିଳ୍ପୀଙ୍କ ପୂଜାରେ ସନ୍ତୋଷ କୁମାର ମହାପାତ୍ର କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଲକ୍ଷ୍ମୀଧର ପାଢିଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ପୂଜାରେ ବ୍ରଜବନ୍ଧୁ ଶାସମଲ, ମଦନ ମହାପାତ୍ର, ପ୍ରବୋଧ କୁମାର ନାୟକ, ଚନ୍ଦନ ମହାପାତ୍ର, ବାଦଲ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ଚିତ୍ତରଂଜନ ଜେନା ପ୍ରମୁଖ ପୂଜାରେ ସାମିଲହୋଇ ଦେବଶିଳ୍ପୀଙ୍କ କୃପାଲାଭ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ପୂଜା ଅର୍ଚ୍ଚନା କରାଯାଇଥିବା ବେଳେ ସଂଘର ସଭାପତି ଦେବରାଜ ମହାରଣା, ସମ୍ପାଦକ ଅଶୋକ ପ୍ରଧାନ, ବିଡିଓ ସମୀର ବେହେରା, ସହକାରୀ ଯନ୍ତ୍ରୀ ସୁବ୍ରତ ବାରିକ, ଅରଡବ୍ଲୁଏସଏସର ସହକାରୀ ଯନ୍ତ୍ରୀ ପୁଷ୍ପଲତା ପରିଡା, ଏଲିଜା ମଲ୍ଲିକ୍, ରଂଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ପୂଜାରେ କନିଷ୍ଠଯନ୍ତ୍ରୀ ଅମରେନ୍ଦ୍ର ବେହେରା ଓ ବିଦ୍ୟୁତ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ବିଶ୍ୱକର୍ମା ପୂଜାରେ ସାମିଲ ହୋଇଥିଲେ।

- **ଫୁଲନଖରା:** ବିଶ୍ୱକର୍ମା ପୂଜା ଫୁଲନଖରା ଓ ଏହାର ଆଖପାଖ ଅଞ୍ଚଳରେ ପାଳିତ ହୋଇଛି। ନଛିପୁରସ୍ଥିତ ଶୁଦ୍ଧାନନ୍ଦ ବୈଷୟିକ ମହାବିଦ୍ୟାଳୟରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା। ଚେୟାରମ୍ୟାନ ଇଂ.ଡ.ସୁନୀଲକୁମାର ପଟ୍ଟନାୟକ, ଡିନ ପ୍ରଫେସର ରଞ୍ଜନକୁମାର ସାହୁ, ଡ.ଚିତ୍ତରଞ୍ଜନ ପଣ୍ଡା, ପ୍ରଫେସର ସରିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସଞ୍ଜୟକୁମାର ଦାସଙ୍କ ନେତୃତ୍ୱରେ କୋକଲସ୍ଥିତ ତେଜ ପ୍ଲାଷ୍ଟିକ କାରଖାନା ପରିସରରେ ଏହା ପାଳନ ହୋଇଛି। ଫୁଲନଖରା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ, ଫୁଲନଖରା ଅଟୋ ଚାଳକ ସଂଘ, ମୋଟର ଗ୍ୟାରେଜ, ଯାନ୍ତ୍ରୀକ ଅନୁଷ୍ଠାନ ଓ ବିଭିନ୍ନ ବୈଷୟିକ ଶିକ୍ଷା ପ୍ରତିଷ୍ଠାନ ସମେତ ସ୍ନୋମ୍ୟାନ ଶୀତଳ ଭଣ୍ଡାର, କୁରାଙ୍ଗଶାସନ ବିଦ୍ୟୁତ ଗ୍ରୀଡ୍ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ହାର୍ଡ୍‌ୱାର ତଥା ଯାନ୍ତ୍ରୀକ କେନ୍ଦ୍ରରେ ବିଶ୍ୱକର୍ମା ପୂଜା ପାଳନ ହୋଇଛି। ଏହି ଉପଲକ୍ଷେ ସମ୍ପୃକ୍ତ ମଣ୍ଡପରେ ମୃଣ୍ମୟ ପ୍ରତିମାଙ୍କ ପୂଜାର୍ଚ୍ଚନା ସହ ଆଲୋକମାଳାରେ ମଣ୍ଡପକୁ ସିତ କରାଯାଇଛି।
- **ବାଲିପାଟଣା:** ଦେବଶିଳ୍ପୀ ଶ୍ରୀ ବିଶ୍ୱକର୍ମାଙ୍କ ଆବିର୍ଭାବ ଦିବସ କନ୍ୟା ସଂକ୍ରାନ୍ତି



ଅବସରରେ ସାରା ବାଲିପାଟଣାରେ ବିଭିନ୍ନ ଯାନ୍ତ୍ରିକ ଅନୁଷ୍ଠାନ ମାନଙ୍କରେ ମହାସମାରୋହରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯନ୍ତ୍ରୀ ଆଲୋକ ମିତ୍ର ଓ ରାଜେଶ ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀଙ୍କ ସହଯୋଗରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ। ସେହିପରି ବିଶିଷ୍ଟ ଠିକାଦାର ରମାକାନ୍ତ ପଣ୍ଡା, ଭାରତମାତା ଆଇଟିଆଇ, ମୋଟର ପରିବହନ ସଙ୍ଘ ଓ ଗାଡି ମରାମତି ଦୋକାନମାନଙ୍କରେ ଏହି ପୂଜା ଯଥାରୀତି ଆୟୋଜିତ ହୋଇଯାଇଛି।

- **କଣ୍ଟିଲୋ:** ପ୍ରତ୍ୟେକ ପୂର୍ବ ବର୍ଷର ପରମ୍ପରା, ରୀତିନୀତି ଓ ବିଧି ବିଧାନ ଅନୁଯାୟୀ



ଆଜି ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ଦେବଶିଳ୍ପୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା କଣ୍ଟିଲୋ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି। ସରକାରୀ, ବେସରକାରୀ ଅନୁଷ୍ଠାନ ଏବଂ ପ୍ରତ୍ୟେକ ଶିଳ୍ପାନୁଷ୍ଠାନ ମାନଙ୍କରେ ଯଥା ବିଦ୍ୟୁତ୍ ବିଭାଗ, ଜଳସମ୍ପଦ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ସମସ୍ତ ଆଲୁମିନିୟମ୍ କାରଖାନା, ପ୍ରତ୍ୟେକ ଦୁଇଚକିଆ, ତିନି ଚକିଆ, ଚାରିଚକିଆ ଗାଡ଼ି ଗ୍ୟାରେଜ୍, ଶିଳ୍ପୀଶ୍ରୀ ଅନୁଷ୍ଠାନ ପ୍ରଭୃତି ସ୍ଥାନରେ ମହା ଆଡ଼ମ୍ବରରେ ଓ ଜାକଜମକରେ ପାଳିତ ହୋଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ମନୋରଞ୍ଜନ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଏହାକୁ ଦେଖିବା ପାଇଁ ଖୁବ ଜନଗହଳି ଲାଗିଥିବା ଦେଖିବାକୁ ମିଳିଛି।

- **ବୟାଳିଶମୌଜା:** କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ମୌଜା ବେଣ୍ଟକାର ସ୍ଥିତ



ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଉଚ୍ଚ ଅଧିକାରୀ ପ୍ରଭାତ ରଞ୍ଜନ ପରିଡ଼ା, ଆସିଷ୍ଟାଣ୍ଟ ଇ. ଦୀପକ କୁମାର ସାହୁ, ବିଚିତ୍ରାନନ୍ଦ ଡାକୁଆ, ଦେବାଶିଷ ପରିଡା, ଲଳିତ କେଶରୀ ପ୍ରଧାନ, ଦିବ୍ୟ ରଞ୍ଜନ ସ୍ୱାଇଁ, ଅରୂପ ଦାସ, ପ୍ରଶାନ୍ତ ବେହେରା, ସ୍ମୃତି ପ୍ରିୟା ବାରିକ, ଅମ୍ଲାନ ଦାସ, ସିଦ୍ଧାର୍ଥ ଦାସ, ସମସ୍ତ କର୍ମଚାରୀ ଓ ଏସ୍ଏଚ୍ଜି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# କାକଟପୁର ପ୍ରେସ୍ କ୍ଲବ୍‌ର ସମୀକ୍ଷା ବୈଠକ

**କାକଟପୁର,୧୭।୯/ଏନ୍ଏନ୍ଏସ୍:** କାକଟପୁର ପ୍ରେସ କ୍ଲବର ଏକ ସମୀକ୍ଷା ବୈଠକ ସ୍ଥାନୀୟ ଖୁଣ୍ଟିଆ କନ୍‌ଭେନ୍‌ସନ୍‌ଠାରେ କ୍ଲବ୍‌ର ସଭାପତି କମଳଲୋଚନ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ସେପ୍ଟେମ୍ବର ୨ ତାରିଖରେ ଅନୁଷ୍ଠିତ କ୍ଲବର ୨ୟ ବାର୍ଷିକ ଉତ୍ସବର ସଫଳତା, ଆୟୋଜନର ବିଭିନ୍ନ ଦିଗ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ବୈଠକରେ ଗଭୀର ଆଲୋଚନା କରାଯାଇଥିଲା। ବୈଠକରେ ବାର୍ଷିକ ଉତ୍ସବର ଆୟବ୍ୟୟର ସମ୍ପୂର୍ଣ୍ଣ ହିସାବ ଉପସ୍ଥାପନ କରାଯାଇ ତାହାର ସମୀକ୍ଷା କରାଯାଇଥିଲା। କ୍ଲବର କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼, ସ୍ୱଚ୍ଛ ଓ ସୁସଂଗଠିତ କରିବା ସହ ସାମ୍ବାଦିକମାନଙ୍କ ଏକତା ଓ ସାମାଜିକ ଦାୟିତ୍ୱବୋଧକୁ ଆହୁରି ମଜବୁତ କରିବା ଉପରେ ସଦସ୍ୟମାନେ ମତ ରଖିଥିଲେ। ବୈଠକ ଆରମ୍ଭରେ ନିକଟରେ ସ୍ୱର୍ଗାରୋହଣ କରିଥିବା ଉତ୍କଳ ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲାର ଉପସଭାପତି ସ୍ୱର୍ଗତ ଇଂ. କୋକୋ ଦାଶ, ନିମାପଡ଼ା ପ୍ରେସ କ୍ଲବର ପୂର୍ବତନ ସଭାପତି ସ୍ୱର୍ଗତ ରଞ୍ଜନ ପଟ୍ଟନାୟକ ଏବଂ ଅସ୍ତରଙ୍ଗର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ପ୍ରମୋଦ ଦାସଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସମସ୍ତ ସଦସ୍ୟ ନିରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବୈଠକରେ କ୍ଲବର ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ସମ୍ପାଦକ ଆଦିତ୍ୟ କୁମାର ରାଉତ, ସହ-ସମ୍ପାଦକ ପ୍ରଭାତ କୁମାର ଦୀକ୍ଷିତ, କୋଷାଧ୍ୟକ୍ଷ ଭାଗବତ ସ୍ୱାଇଁ, ସାଂସ୍କୃତିକ ସମ୍ପାଦକ ପ୍ରଭାସ କୁମାର ପୃଷ୍ଟି, ସଂଗଠନ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା, ଲାଇବ୍ରେରୀ ସମ୍ପାଦକ ମାନସ କୁମାର ଦୀକ୍ଷିତଙ୍କ ସମେତ କାର୍ଯ୍ୟକାରୀ ସଦସ୍ୟ ନୃସିଂହ ବେହେରା, ମହମ୍ମଦ ସାମସୁଲ ଆରିଫିନ, ସଞ୍ଜୟ ପତି, ନିରଞ୍ଜନ ଦାସ, ଅକ୍ଷୟ ପ୍ରସାଦ ମହାନ୍ତି, ପ୍ରଶାନ୍ତ ଜେନା, ଲୋକନାଥ ସ୍ୱାଇଁ, ଅଭୟ କୁମାର ପୃଷ୍ଟି, ପ୍ରକାଶ ଦାଶ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମାନସ ଖଣ୍ଟୁଆଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାମ୍ବାଦିକ ଦ୍ୱିଜବର ଦାସ ଓ ପ୍ରକାଶ ଚନ୍ଦ୍ର ଦାଶଙ୍କୁ କ୍ଲବର ନୂତନ ସଦସ୍ୟ ଭାବେ ଆନୁଷ୍ଠାନିକ ଭାବେ ସାମିଲ କରାଯାଇଥିଲା। ନୂତନ ସଦସ୍ୟଙ୍କ ଯୋଗଦାନରେ କ୍ଲବର ସାଂଗଠନିକ ଶକ୍ତି ବୃଦ୍ଧି ପାଇବା ସହ ସାମ୍ବାଦିକତା କ୍ଷେତ୍ରରେ ଏକତା, ସହଯୋଗ ଓ ସାମାଜିକ ପ୍ରତିବଦ୍ଧତାକୁ ଆହୁରି ଆଗକୁ ନେବାରେ ସହାୟକ ହେବ ବୋଲି ସଦସ୍ୟମାନେ ଆଶାବ୍ୟକ୍ତ କରିଥିଲେ।

# ଚାଷୀ ସମସ୍ୟା ନେଇ କୃଷକ ସଂଗଠନର ବୈଠକ

**ଫୁଲନଖରା,୧୭।୯/ଏନ୍ଏନ୍ଏସ୍:** ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ନବନିର୍ମାଣ କୃଷକ ସଂଗଠନର ଏକ ଜରୁରୀ ବୈଠକ ଫୁଲନଖରାସ୍ଥିତ ମା’ରାଉତାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା। ଚାଷୀ ନେତା କୃଷ୍ଣଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲାବେଳେ ମନୋଜ କୁମାର ସ୍ୱାଇଁ, ଦିଲୀପ କୁମାର ବେହେରା, ପ୍ରବୋଧ ମହାପାତ୍ର, ଅଶୋକ ମହାନ୍ତି, ପ୍ରମୋଦ ମହାପାତ୍ର, ଶରତ ରଥ, ସୁବାସ ରାଉତ, ନିମାଇଁ ଚରଣ ଜେନା, ବିଜୟ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ମଣ୍ଡିରେ ଚାଷୀ ପଞ୍ଜିକରଣ ନେଇ ଉପୁଜିଥିବା ସମସ୍ୟା, ଅଭାବି ବିକ୍ରୀ, ମଣ୍ଡିରେ ଧାନ କଟନି ଛଟନି, ଜଳସେଚନ ବ୍ୟବସ୍ଥା, ଜଳକର ଛାଡ଼, ଶୀତଳ ଭଣ୍ଡାର ଅଭାବ ଓ ଚାଷୀ ସମ୍ମୁଖୀନ ହେଉଥିବା ଅନ୍ୟାନ୍ୟ କୃଷି ସମ୍ପର୍କିତ ସମସ୍ୟା ଓ ଅସୁବିଧା ବାବଦରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଏପରି ଏକାଧିକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ଏବଂ ଯଦି ଏହାର ପରିପୂରଣ ଦିଗରେ ସରକାର ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ନଦିଅନ୍ତି ତେବେ ଆସନ୍ତା ୨୨ତାରିଖରେ ବିଧାନସଭା ଘେରାଉ କରାଯିବ ବୋଲି କୃଷକ ସଂଗଠନ ତରଫରୁ ଘୋଷଣା କରାଯାଇଛି। ଏହି ସଭାରେ ନିଆଳି, ଚୌଦ୍ୱାର, ଆଠଗଡ଼, ବାଙ୍କୀ, କଣ୍ଟାପଡ଼ା, ସଦର ଆଦି ଅଞ୍ଚଳର ବହୁ ସଂଖ୍ୟକ ଚାଷୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲାସ୍ତରୀୟ ‘ଆଶୀର୍ବାଦର ଦୀପ’



**ନୟାଗଡ଼,୧୭।୯/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲାରେ ନାରୀ ସଶକ୍ତିକରଣର ବାର୍ତ୍ତା ନେଇ ସେବା ସଙ୍କଳ୍ପ ଅଭିଯାନ-୨୦୨୬ ଶୁଭାରମ୍ଭ ହୋଇଯାଇଛି। ଏହି ଅଭିଯାନର ପ୍ରଥମ ଦିନରେ ମା’ ଦକ୍ଷିଣକାଳୀ ମନ୍ଦିର ସମ୍ମୁଖରେ ସନ୍ଧ୍ୟାରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ‘ଆଶୀର୍ବାଦର ଦୀପ’ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ମଧୁମିତା ରଥ, ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ସାହୁ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଓ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ, ନୟାଗଡ଼ ଓ ମିଶନ ଶକ୍ତି ବିଭାଗର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମହିଳାମାନେ, ସୁଭଦ୍ରା ଯୋଜନାର ପଞ୍ଜିକୃତ ହିତାଧିକାରୀ, ଲକ୍ଷପତି ଦିଦି ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ଅଂଶଗ୍ରହଣରେ ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ଏହି ଅବସରରେ ଜିଲ୍ଲାର ମୋଟ ୧୯୪ଟି ଗ୍ରାମ ପଞ୍ଚାୟତରେ ପ୍ରାୟ ୩ ଲକ୍ଷ ମାଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ମା’ ଦକ୍ଷିଣକାଳୀ ମନ୍ଦିର ପରିସରରେ ମଧ୍ୟ ସାମୂହିକ ଦୀପ ପ୍ରଜ୍ୱଳନ କରାଯାଇଥିଲା।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଦୀପ ଦାନ

**ସାଲେପୁର,୧୭।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳନ ଉପଲକ୍ଷେ ସାଲେପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ମନ୍ଦିରରେ ବିଜେପି ନେତୃବୃନ୍ଦ ଓ କର୍ମୀମାନେ ପ୍ରଦୀପ ପ୍ରଜ୍ୱଳନ କରିଛନ୍ତି। ପୁରୁଣା ହାଟ ଗ୍ରାମପଞ୍ଚାୟତ ସୋଗଲ ଗ୍ରାମର ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ କଟକ ବିଜେପି ଗ୍ରାମୀଣ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରାଉତଙ୍କ ନେତୃତ୍ୱରେ ବହୁ ବିଜେପି କାର୍ଯ୍ୟକର୍ତ୍ତା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସେହିପରି ସାଲେପୁର ମଣ୍ଡଳ ସଭାପତି ଅସିତ ମହାନ୍ତିଙ୍କ ନେତୃତ୍ୱରେ ଲୁଣାହାର ଗ୍ରାମରେ ଭାନେଶ୍ୱରୀ ଦେବୀଙ୍କ ମନ୍ଦିରରେ କାର୍ଯ୍ୟକର୍ତ୍ତା ଯୋଗଦେଇ ଦୀପ ଜାଳିଥିଲେ। ସେହିପରି ରାମେଶ୍ୱର ମଣ୍ଡଳ ସଭାପତି ସଂଗୀତା ଜେନା ଓ ସଉରୀ ଶକ୍ତି କେନ୍ଦ୍ର ପ୍ରମୁଖ ନବକିଶୋର ମହାନ୍ତିଙ୍କ ସହଯୋଗିତାରେ କାମେଶ୍ୱର ମହାଦେବ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଦାୟିତ୍ୱରେ ଥିବା କଟକ ଜିଲ୍ଲା ବିଜେପି ଗ୍ରାମୀଣ ସମ୍ପାଦକ ତାପସ ଜେନା ଉପସ୍ଥିତ ଥିଲେ।

# ‘ଆଶୀର୍ବାଦର ଦୀପ’ରେ ସେବା ସଂକଳ୍ପ ଅଭିଯାନର ଶୁଭାରମ୍ଭ

**ଖୋର୍ଦ୍ଧା,୧୭।୯/ଏନ୍ଏନ୍ଏସ୍:** ସେବା, ସଂକଳ୍ପ ଓ ସକାରାତ୍ମକ ଚିନ୍ତାଧାରାର ବାର୍ତ୍ତା ନେଇ ଖୋର୍ଦ୍ଧା ସଦର ମହକୁମା ଗଡ଼ଖୋରଧାସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ‘ଆଶୀର୍ବାଦର ଦୀପ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହା ସହ ଏକମାସ ବ୍ୟାପୀ ‘ସେବା ସଂକଳ୍ପ ଅଭିଯାନ-୨୦୨୬’ର ଶୁଭାରମ୍ଭ ହୋଇଛି। ଶକ୍ତି ଧାରା, ଜିଲା ମିଶନ ଶକ୍ତି ମହାସଂଘ ଓ ରାମ ରହିମ ମିଶନ ଶକ୍ତି ମହାସଂଘର ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମିଶନ ଶକ୍ତି ମହାସଂଘ ସଭାପତି ପଦ୍ମିନୀ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଦୀପ ପ୍ରଜ୍ୱଳନ କରିବା ସହ ଜିଲା ଓ ଦେଶବାସୀଙ୍କ ମଙ୍ଗଳ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଖୋରଧା ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ, ଖୋରଧା ପୌର ପରିଷଦ ନିର୍ବାହୀ ଅଧିକାରୀ କାବେରୀ ମୁଦୁଲି, ଡିପିସି ମିଶନ ଶକ୍ତି ପ୍ରେମଶ୍ରୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ‘ଆଶୀର୍ବାଦର ଦୀପ’ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସେବା ସଂକଳ୍ପର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। ମନ୍ଦିର ପରିସରରେ ସହସ୍ରାଧିକ ମହିଳା



ଦୀପଦାନ କରି ସାମୂହିକ ଭାବେ ମଙ୍ଗଳ କାମନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଜିଲା ମିଶନ ଶକ୍ତି ମହାସଂଘର ସାଧାରଣ ସମ୍ପାଦକ ଅଞ୍ଜୁମାନ ଆରା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, କାର୍ଯ୍ୟକ୍ରମ ପରିଚାଳିକା ସୌଦାମିନୀ ଦାଶଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ମହାଦେବ ମନ୍ଦିରରେ ୧୦୮ ପ୍ରଦୀପ ପ୍ରଜ୍ୱଳନ

**ବୟାଳିଶମୌଜା,୧୭।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୭୬ତମ ଜନ୍ମଦିନ ଉପଲକ୍ଷେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠିଙ୍କ ଆହ୍ୱାନକ୍ରମେ କଟକ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ପ୍ରିୟତମା ଜେନାଙ୍କ ତତ୍ତ୍ୱାବଧାନରେ ଏବଂ ପଞ୍ଚାୟତ ପ୍ରମୁଖ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସହଯୋଗରେ ୧୦୮ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ କୁଳସରିଚୁଆଁ ପଞ୍ଚାୟତର ନୀଳକଣ୍ଠ ନାଥ ମହାଦେବଙ୍କ ମନ୍ଦିରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଜୟ ରାଉତରାୟ, ନିହାରରଞ୍ଜନ ଦାସ, ରବି ସ୍ୱାଇଁ, ମଣ୍ଡଳ ଉପସଭାନେତ୍ରୀ ବନିତା ଶତପଥି, ଲଳିତ ବେହେରା, ରସାନନ୍ଦ ବେହେରା ଏବଂ ଶତାଧିକ ମହିଳା ଯୋଗଦାନ କରି ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ।

# ସମୂହ ଦୀପଦାନରେ ସାମିଲ୍ ହେଲେ ବିଧାୟକ ଓ ସାଂସଦ



**ପିପିଲି,୧୭।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ଅବସରରେ ସାରା ଦେଶରେ ବିଭିନ୍ନ କାର୍ଯ୍ୟକ୍ରମ ସହ ସମୂହ ଦୀପଦାନ କରାଯାଇଥିବା ବେଳେ ପୁରୀ ଜିଲ୍ଲା ପିପିଲି ଅଞ୍ଚଳରେ ମଧ୍ୟ ଏହା ପାଳିତ ହୋଇଛି। ପିପିଲି ନିକଟ ତେଇଶିପୁର ସ୍ଥିତ ଭକ୍ତ ଦାସିଆ ପୀଠର ଶ୍ରୀଜଗନ୍ନାଥ ମନ୍ଦିରରେ ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ସମୂହ ଦୀପ ପ୍ରଜ୍ୱଳନ କରିଥିଲେ। ଗୁରୁବାର ସନ୍ଧ୍ୟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରିଥିଲେ। ଏହାପରେ ବିଧାୟକ ତେଇଶିପୁର ଗ୍ରାମ ପରିଦର୍ଶନ କରିଥିଲେ। ସେହିପରି ପିପିଲି ପତିତପାବନ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ମଧ୍ୟ ସମୂହ ଦୀପଦାନ ଆୟୋଜିତ ହୋଇଥିଲା। ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଓ ବହୁ ମହିଳା-ପୁରୁଷ ଏଥିରେ ସାମିଲ ହୋଇ ଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଧାନମନ୍ତ୍ରୀ ମଧ୍ୟ ଆଜି ‘ଆଶୀର୍ବାଦ କା ଦିୟା’କୁ ଲୋକଙ୍କ ସ୍ନେହ ଓ ଆଶୀର୍ବାଦ ଲାଭ ହେବ ବୋଲି ବିଧାୟକଙ୍କ ସହ ସାଂସଦ ଡକ୍ଟର ସମ୍ବିତ ପାତ୍ର କହିଛନ୍ତି। କାର୍ଯ୍ୟକ୍ରମରେ ସାତସଙ୍ଗ ବିଜେପି ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ପୋଲେଇ, ସମ୍ପାଦକ ସ୍ୱୟଂ ପ୍ରକାଶ ପରିଡ଼ା, ପଞ୍ଚାୟତ ପ୍ରମୁଖ ଲକ୍ଷ୍ମୀଧର ନାୟକ, ଜିଲ୍ଲା ପ୍ରତିନିଧି ପ୍ରଦୀପ କୁମାର ପାତ୍ରଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ସେହିପରି ପିପିଲିରେ ମଧ୍ୟ ମଣ୍ଡଳ ସଭାପତି ପ୍ରଶାନ୍ତ ବରାଳ, ଦାଣ୍ଡମୁକୁନ୍ଦପୁର ମଣ୍ଡଳ ସଭାପତି ସୁଧୀର ବିଶ୍ୱାଳ, ଏନ୍ଏସି ସାଧାରଣ ସମ୍ପାଦକ ସଞ୍ଜୟ ସିଂ, ପ୍ରଭାରୀ ଦିନବନ୍ଧୁ ବେଉରିଆ, ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ମହାପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଓ ସ୍ଥାନୀୟ ଲୋକ ସାମିଲ ହୋଇଥିଲେ।

## ପ୍ରଧାନମନ୍ତ୍ରୀଙ୍କ ପାଇଁ ପ୍ରଦୀପ ପ୍ରଜ୍ୱଳନ

**ବାଲିପାଟଣା,୧୭।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଆରମ୍ଭ ହୋଇଥିବା ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ ଆଜି ଅପରାହ୍ନରେ ଶ୍ରୀ ବୃନ୍ଦନାଥ ମନ୍ଦିର ପରିସରରେ ବ୍ଲକ ମହିଳା ମହାସଂଘ ଓ ଗାରେଡିପାଞ୍ଚଣ ପଞ୍ଚାୟତ ସଙ୍ଘ ମିଳିତ ସହଯୋଗରେ ପାଞ୍ଚ ଶହ ଦୀପ ପ୍ରଜ୍ୱଳନ କରାଯାଇଛି। କାର୍ଯ୍ୟକ୍ରମରେ ବିଡିଓ ଶୁଭାଂଶୁ ଶେଖର ପାଢ଼ୀ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଅର୍ଚ୍ଚନା ଦାଶ, ବିତ୍ତ ଅଧିକାରୀ ସୁବର୍ଣ୍ଣା ସୋରେନ, ଜେଇ ନିଲମ ସେଠି, ପ୍ରଭାତ ଜେନା ଓ ଦିବ୍ୟରଞ୍ଜନ ମହାପାତ୍ର ପ୍ରମୁଖଙ୍କ ସହିତ ବିଜେପି ସାଂସଦ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ବସନ୍ତ ନାୟକ ଓ ଅନ୍ୟ ନେତୃବୃନ୍ଦ ଯୋଗଦେଇଥିଲେ।

# ଶୈବପୀଠ ବାବା ବଟେଶ୍ୱରଙ୍କ ପୀଠରେ ପ୍ରଦୀପ ପ୍ରଜ୍ୱଳନ

**ଟାଙ୍ଗୀ,୧୭।୯/ଏନ୍ଏନ୍ଏସ୍:** ଦେଶବ୍ୟାପୀ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିନ ପାଳିତ ହେଉଛି। ଏହି କ୍ରମରେ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ କଟକ ଜିଲ୍ଲା ଟାଙ୍ଗୀ ସ୍ଥିତ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ଅଧ୍ୟକ୍ଷ ତଥା ଯୁବ ସମାଜସେବୀ ତ୍ରିଦିବ ବେହେରାଙ୍କ ଅଧ୍ୟକ୍ଷତାରେ ଛତିଆ ସ୍ଥିତ ସେବକ ବୃଦ୍ଧା ଆଶ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିନ ପାଳିତ ହୋଇଯାଇଛି। ଏହି ଅବସରରେ ଆଶ୍ରମର ଅନ୍ତେବାସୀ ଓ ଶ୍ରୀରାମ ସେନାର ସଦସ୍ୟଙ୍କ ଦ୍ୱାରା ୭୬ଟି ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ଆଶ୍ରମରେ ଥିବା ଗୋଶାଳାରେ ଅଧ୍ୟକ୍ଷ ଶ୍ରୀ ବେହେରା ଗୋସେବା କରିଥିଲେ। ଟେଟ୍ରାହେଡ୍ରନ ପକ୍ଷରୁ ଦୁଇଶହ ବୃଦ୍ଧବୃଦ୍ଧାଙ୍କୁ ମଧ୍ୟାହ୍ନ ଭୋଜନ ଓ ଫଳ ବଣ୍ଟନ ସହ ଆଶ୍ରମର ରୋଷ ଶାଳା ନିର୍ମାଣ ପାଇଁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଦିବସରେ ଅଧ୍ୟକ୍ଷ ଶ୍ରୀ ବେହେରାଙ୍କ ଝିଅ ତ୍ରିଷାଙ୍କ ଜନ୍ମଦିନ ଥିବାରୁ ସମସ୍ତଙ୍କ ଆଶୀର୍ବାଦ ନେଇଥିଲେ। ସନ୍ଧ୍ୟାରେ ଟାଙ୍ଗୀ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ବନ୍ଧାଳ ଗ୍ରାମରେ ଥିବା ବାବା ବଟେଶ୍ୱରଙ୍କ ପୀଠରେ ୧୦୮ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ବିଷ୍ଣୁ ଚରଣ ଦାସ, ଟାଙ୍ଗୀ ବିଜେପି ମଣ୍ଡଳ ସଭାପତି ହୃଷିକେଶ ସାମଲ, ଯୁବ ସଂଗଠକ ବିଶ୍ୱଜିତ ଅଞ୍ଚଳ, ଆକାଶ ପାତ୍ର, ଅମନ ବେଉରା, ସୁକାନ୍ତ ସାମଲ, ଚୌଧୁରୀ ମାନସ ସାହୁ, ଟାଙ୍ଗୀ ମଣ୍ଡଳ ମହିଳା ମୋର୍ଚ୍ଚା ଉପସଭାପତି ସ୍ମୃତିପ୍ରଭା ବେଜ ଓ ଅନାଦି ଚରଣ ନାଥଙ୍କ ସମେତ ଶ୍ରୀରାମ ସେନାର ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଟେଟ୍ରାହେଡ୍ରନ ପକ୍ଷରୁ ଟାଙ୍ଗୀ ଅଞ୍ଚଳର ୨୦ଟି ସ୍ଥାନରେ ୭୬ଟି ଲେଖା ଦୀପ ପ୍ରଜ୍ୱଳନ ଉତ୍ସବ କରାଯାଇଥିବା ଜଣାପଡିଛି।



ନିତି ଭାରତୀ

ଦୁର୍ବଳ ଲୋକମାନେ ପ୍ରତିଶୋଧ ନିଅନ୍ତି। ଶକ୍ତିଶାଳୀ ଲୋକମାନେ କ୍ଷମା କରି ଦିଅନ୍ତି। ବୁଦ୍ଧିମାନ ଲୋକମାନେ ଏଡ଼ାଇ ଯାଆନ୍ତି। - ପ୍ରବାଦ

NITIDIN
ନିତିଦିନ
ଶୁକ୍ରବାର, ୧୮ ସେପ୍ଟେମ୍ବର ୨୦୨୬

# ଓଡ଼ିଶା ରିଲିଫ୍ କୋଡ୍‌ର ପରିବର୍ତ୍ତନ: ସମୟର ଆବଶ୍ୟକତା



ବିଦ୍ୟାଧର ମହାରଣା

ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ପ୍ରତି ବର୍ଷ ବାତ୍ୟା, ବନ୍ୟା, ଅତିବୃଷ୍ଟି, ମରୁଡ଼ି, ବଜ୍ରପାତ, ଗ୍ରୀଷ୍ମ ପ୍ରବାହ ଓ ଅନ୍ୟାନ୍ୟ ବିପର୍ଯ୍ୟୟ ଲୋକଙ୍କ ଜୀବନ ଓ ଜୀବିକାକୁ ପ୍ରଭାବିତ କରେ। ପ୍ରାକୃତିକ ବିପର୍ଯ୍ୟୟ ପରେ ରିଲିଫ୍ ଯୋଗାଣ ପାଇଁ ଓଡ଼ିଶା ରିଲିଫ୍ କୋଡ୍ ପ୍ରଥମେ ୧୯୧୩ ମସିହାରେ ପ୍ରଣୀତ ହୋଇ ପରେ ୧୯୩୦ ମସିହାରେ ସଂଶୋଧନ କରାଯାଇଥିଲା। ୧୯୭୧ ମହାବାତ୍ୟା ପରେ ଏହାକୁ ଓଡ଼ିଶା ରିଲିଫ୍ କୋଡ୍ ୧୯୮୦ ହିସାବରେ ପୁନରାୟ ପ୍ରକାଶ କରାଗଲା। ଏହା ପରେ ୧୯୯୬ ମସିହାରେ ଏହାକୁ ପୁନରାୟ ସଂଶୋଧନ କରାଯାଇଛି। ବର୍ତ୍ତମାନ ଓଡ଼ିଶା ରିଲିଫ୍ କୋଡ୍ ୧୯୯୬ ପ୍ରଚଳିତ ହେଉଛି।

ବିପର୍ଯ୍ୟୟ ସମୟରେ ଲୋକଙ୍କୁ ତୁରନ୍ତ ସହାୟତା, ଉଦ୍ଧାର, ପୁନର୍ବାସ ଓ କ୍ଷତିପୂରଣ ଦେବା ପାଇଁ ଏକ ସ୍ପଷ୍ଟ ଓ ଆଧୁନିକ ନୀତିଗତ ଢାଞ୍ଚା ଅତ୍ୟନ୍ତ ଆବଶ୍ୟକ। ଇତି ମଧ୍ୟରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ରେ ପ୍ରଣୀତ ହୋଇ ୨୦୦୬ରୁ କାର୍ଯ୍ୟକାରୀ ହେଉଛି। ଏହା ଅନୁସାରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଗଠିତ ହୋଇଛି। ଏହି ଆଇନରେ ବିପର୍ଯ୍ୟୟଗୁଡ଼ିକର ପ୍ରତିଷେଧକ ବ୍ୟବସ୍ଥା, ପ୍ରଶମନ ଓ ପ୍ରସ୍ତୁତି ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ବିପର୍ଯ୍ୟୟ ମୁକାବିଲା କରିବା ପାଇଁ ଜାତୀୟ ବିପର୍ଯ୍ୟୟ ସହାୟତା ପାଣ୍ଠି ଗଠନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ରିଲିଫ୍ କୋଡ୍‌ର ସମୟୋପଯୋଗୀ ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ସରକାରୀ ଦଲିଲରେ ମଧ୍ୟ ରିଲିଫ୍ କୋଡ୍‌କୁ ଅଧିକ ସମନ୍ୱିତ ଓ ଆଧୁନିକ କରିବା ପାଇଁ ବିପର୍ଯ୍ୟୟ ପରିଚାଳନା ଆଇନ, ଏସ୍‌ଡିଆର୍‌ଏଫ୍/ ଏସ୍‌ଡିଏମ୍‌ଏଫ୍ ନିର୍ଦ୍ଦେଶାବଳୀ, ମରୁଡ଼ି ମ୍ୟାନୁଆଲ୍ ଏବଂ ବିଭିନ୍ନ ସରକାରୀ ନିର୍ଦ୍ଦେଶକୁ ଏକତ୍ର କରିବାର ଆବଶ୍ୟକତା ଉଲ୍ଲେଖ ହୋଇଛି।

ବର୍ତ୍ତମାନର ବିପର୍ଯ୍ୟୟର ପ୍ରକୃତି ଓ ପରିମାଣ ପୂର୍ବ ତୁଳନାରେ ବଦଳିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅତିବୃଷ୍ଟି, ଗ୍ରୀଷ୍ମ ପ୍ରବାହ, ଘୂର୍ଣ୍ଣିବାତ୍ୟା ଓ ଅନିୟମିତ ବର୍ଷା ଭଳି ଘଟଣାର ପ୍ରାଦୁର୍ଭାବ ବଢୁଛି। ତେଣୁ କେବଳ ବିପର୍ଯ୍ୟୟ ଘଟିବା ପରେ ରିଲିଫ୍ ପ୍ରଦାନ କରିବା ଯଥେଷ୍ଟ ନୁହେଁ। ପୂର୍ବ ପ୍ରସ୍ତୁତି, ବିପଦ ହ୍ରାସ, ଜଳବାୟୁ ସହନଶୀଳତା ଓ ଦୀର୍ଘମିଆଦି ପୁନଃନିର୍ମାଣକୁ ମଧ୍ୟ ରିଲିଫ୍ ବ୍ୟବସ୍ଥାର ଅଂଶ କରିବା ଆବଶ୍ୟକ। ଅଧିକନ୍ତୁ, ରିଲିଫ୍ ବଦଳରେ ମାନବୀୟ ସହାୟତା ଏକ ଉପଯୁକ୍ତ ପଦ ମନେହୁଏ।

ଓଡ଼ିଶା ସରକାରଙ୍କ ନିକଟରେ ୨୦୨୫ରେ ରିଲିଫ୍ କୋଡ୍‌ର ଅଧ୍ୟୟନ ଓ ସଂଶୋଧନ ସମ୍ପର୍କିତ କାର୍ଯ୍ୟରେ ବିଭିନ୍ନ ବିଭାଗ, ଜିଲ୍ଲା ପ୍ରଶାସନ, ଆଇଏମ୍‌ଡି ଓ ଅନ୍ୟାନ୍ୟ ସଂସ୍ଥାର ମତାମତ ଏବଂ ବିପଦପ୍ରବଣ ଅଞ୍ଚଳର କ୍ଷେତ୍ର ଅଧ୍ୟୟନକୁ ଗୁରୁତ୍ୱ ଦିଆଯାଇଥିବା ଦେଖାଯାଏ।



ବିପର୍ଯ୍ୟୟର ନୂତନ ଶ୍ରେଣୀକରଣ: ସଂଶୋଧିତ ରିଲିଫ୍ କୋଡ୍‌ରେ ବିପର୍ଯ୍ୟୟର ନୂତନ ଓ ବ୍ୟାପକ ଶ୍ରେଣୀକରଣ ରହିବା ଆବଶ୍ୟକ। ବାତ୍ୟା ଓ ବନ୍ୟା ସହିତ ଗ୍ରୀଷ୍ମ ପ୍ରବାହ, ବଜ୍ରପାତ, ଘୂର୍ଣ୍ଣିଝଡ଼, ଅତିବୃଷ୍ଟି ଓ ଅନ୍ୟାନ୍ୟ ସ୍ଥାନୀୟ ବିପଦକୁ ମଧ୍ୟ ସ୍ପଷ୍ଟ ଭାବେ ସାମିଲ କରାଯିବା ଦରକାର। ଏପରିକି ଫସଲରେ ବ୍ୟାପକ ରୋଗପୋକ, ମହାମାରୀ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହେବା ଉଚିତ। କାରଣ, ଏହାକୁ ଏଯାଏଁ ପଞ୍ଚାୟତ ଆଇନ ପରିସରଭୁକ୍ତ କରାଯାଇଛି।

ତୁରନ୍ତ ରିଲିଫ୍ ବ୍ୟବସ୍ଥା: ବିପର୍ଯ୍ୟୟ ପରେ ରିଲିଫ୍ ପହଞ୍ଚିବାରେ ବିଳମ୍ବ ହେଲେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଏ। ତେଣୁ ସଂଶୋଧିତ କୋଡ୍‌ରେ ରିଲିଫ୍ ବଣ୍ଟନ ପାଇଁ ସରଳ, ସ୍ପଷ୍ଟ ଓ ସମୟବଦ୍ଧ ପ୍ରକ୍ରିୟା ରହିବା ଦରକାର। ଡିଜିଟାଲ୍ ମାଧ୍ୟମରେ କ୍ଷୟକ୍ଷତିର ଆକଳନ, ହିତାଧିକାରୀ ଚିହ୍ନଟ ଓ ସହାୟତା ପ୍ରଦାନ କରାଗଲେ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ଦ୍ରୁତ ହୋଇ ପାରିବ।

କ୍ଷତିପୂରଣର ବାସ୍ତବତା: ବିପର୍ଯ୍ୟୟରେ ମୃତ୍ୟୁ, ଆହତ, ଘର ନଷ୍ଟ, ଫସଲ କ୍ଷତି ଓ ଜୀବିକା ହାନି ପାଇଁ ମିଳୁଥିବା ସହାୟତାକୁ ସମୟାନୁକୂଳ କରିବା ଆବଶ୍ୟକ। ବର୍ତ୍ତମାନର ଜୀବନଯାପନ ଖର୍ଚ୍ଚ, ନିର୍ମାଣ ସାମଗ୍ରୀର ମୂଲ୍ୟ ଓ ଜୀବିକାର ବାସ୍ତବ ଖର୍ଚ୍ଚକୁ ବିଚାର କରି ସହାୟତାର ମାନଦଣ୍ଡ ସମୟ ସମୟରେ ପୁନର୍ବିଚାର କରାଯିବା ଉଚିତ।

କୃଷକ ଓ ଗ୍ରାମୀଣ ଜୀବିକାକୁ ପ୍ରାଥମିକତା: ଓଡ଼ିଶାର ଅର୍ଥନୀତିରେ କୃଷିର ଗୁରୁତ୍ୱ ଅଧିକ। ବନ୍ୟା, ବାତ୍ୟା, ମରୁଡ଼ି ଓ ଅତିବୃଷ୍ଟି ଯୋଗୁଁ ଚାଷୀଙ୍କ ଫସଲ, ପ୍ରାଣୀ ସମ୍ପଦ, ମାଛଚାଷ ଓ କୃଷି ଉପକରଣ କ୍ଷତିଗ୍ରସ୍ତ ହୁଏ। ତେଣୁ ସଂଶୋଧିତ କୋଡ୍‌ରେ ଫସଲ କ୍ଷତିର ଦ୍ରୁତ ଆକଳନ, ବିହନ ଓ କୃଷି ଇନ୍‌ପୁଟ୍ ସହାୟତା, ପ୍ରାଣୀ ସମ୍ପଦ ସୁରକ୍ଷା ଓ ଜୀବିକା ପୁନରୁଦ୍ଧାରକୁ ଅଧିକ ଗୁରୁତ୍ୱ ଦେବା ଦରକାର।

ଡିଜିଟାଲ୍ ଓ ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥା: ଆଜିର ଯୁଗରେ ଉପଗ୍ରହ ଚିତ୍ର, ଜିଆଇଏସ୍, ଡ୍ରୋନ୍, ମୋବାଇଲ୍ ଆପ୍ ଓ ଡିଜିଟାଲ୍ ଡାଟାବେସ୍‌ର ସହାୟତାରେ ବିପର୍ଯ୍ୟୟର କ୍ଷୟକ୍ଷତି ଶୀଘ୍ର ଆକଳନ କରାଯାଇପାରେ। ତେଣୁ ରିଲିଫ୍ କୋଡ୍‌ରେ ପ୍ରଯୁକ୍ତିର ବ୍ୟବହାର ପାଇଁ ସ୍ପଷ୍ଟ ବ୍ୟବସ୍ଥା ରହିବା ଆବଶ୍ୟକ।

ଜିଲ୍ଲା ପ୍ରଶାସନକୁ ଅଧିକ ସଶକ୍ତ କରିବା: ବିପର୍ଯ୍ୟୟ ସମୟରେ ଜିଲ୍ଲା ପ୍ରଶାସନ ହେଉଛି ଲୋକଙ୍କ ସବୁଠାରୁ ନିକଟସ୍ଥ ସରକାରୀ ବ୍ୟବସ୍ଥା। ତେଣୁ କଲେକ୍ଟର, ତହସିଲଦାର, ବ୍ଲକ୍ ପ୍ରଶାସନ ଓ ପଞ୍ଚାୟତ ସ୍ତରର କର୍ମଚାରୀଙ୍କୁ ଆବଶ୍ୟକ କ୍ଷମତା ଓ ଦାୟିତ୍ୱ ଦିଆଯିବା ଦରକାର। ଏହା ରିଲିଫ୍ ବଣ୍ଟନକୁ ଅଧିକ ଦ୍ରୁତ କରିବ।

ସ୍ୱଚ୍ଛତା ଓ ଜନ ସହଭାଗିତା: ରିଲିଫ୍ ବଣ୍ଟନରେ ସ୍ୱଚ୍ଛତା ଅତ୍ୟନ୍ତ ଆବଶ୍ୟକ। ହିତାଧିକାରୀ ତାଲିକା, ମଞ୍ଜୁରୀ, ବଣ୍ଟନ ଓ ଅଭିଯୋଗ ନିରାକରଣରେ ଡିଜିଟାଲ୍ ଟ୍ରାକିଂ ବ୍ୟବସ୍ଥା ରହିଲେ ଅନିୟମିତତା କମି ପାରିବ। ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ ଓ ସାଧାରଣ ଲୋକଙ୍କ ସହଭାଗିତା ମଧ୍ୟ ବଢ଼ାଇବା ଆବଶ୍ୟକ।

ରିଲିଫ୍‌ରୁ ପୁନର୍ବାସ ଓ ସହନଶୀଳତା: ନୂତନ ରିଲିଫ୍ କୋଡ୍ କେବଳ ତୁରନ୍ତ ସହାୟତା ଉପରେ ନୁହେଁ, ଦୀର୍ଘମିଆଦି ପୁନର୍ବାସ ଓ ବିପଦ ସହନଶୀଳତା ଉପରେ ମଧ୍ୟ ଗୁରୁତ୍ୱ ଦେବା ଦରକାର। ଘର, ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍, ସ୍କୁଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ପୁନଃନିର୍ମାଣ ଉପରେ ବିଶେଷ ଧ୍ୟାନ ଦେବା ନିହାତି ଆବଶ୍ୟକ।

ଅତୀତରେ ଡକ୍ଟର ତାରା ଦତ୍ତ ରାଜସ୍ୱ ସଚିବ ଥିବା ବେଳେ ପୂର୍ବତନ ରାଜସ୍ୱ ପରିଷଦ ସଦସ୍ୟ ଡକ୍ଟର ଅରବିନ୍ଦ ବେହେରାଙ୍କୁ ଓଡ଼ିଶା ରିଲିଫ୍ କୋଡ୍ ପରିବର୍ତ୍ତନ କରିବା ପାଇଁ ନିଯୁକ୍ତ କରିଥିଲେ। ଡକ୍ଟର ବେହେରା ମଧ୍ୟ ତାଙ୍କର ରିପୋର୍ଟ ଛଅ ମାସ ମଧ୍ୟରେ ଦାଖଲ କରିଥିଲେ। ଏହି ରିପୋର୍ଟ ଅନୁଧ୍ୟାନ କରାଯାଇ ପାରେ।

ଓଡ଼ିଶା ଦୀର୍ଘ ଦିନ ଧରି ବିପର୍ଯ୍ୟୟ ପରିଚାଳନାରେ ଉଲ୍ଲେଖନୀୟ ଅଭିଜ୍ଞତା ହାସଲ କରି ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରଶଂସିତ ହୋଇଛି ୨୦୨୬ରେ ମଧ୍ୟ ରାଜ୍ୟ ସରକାର 'ଜିରୋ କାଜୁଆଲଟି' ଲକ୍ଷ୍ୟ, ଆଗୁଆ ସତର୍କ ସୂଚନା, ଡିଜିଟାଲ୍ ଯୋଗାଯୋଗ ଓ ବିପର୍ଯ୍ୟୟ ସହନଶୀଳତାକୁ ଗୁରୁତ୍ୱ ଦେଇଛନ୍ତି। ଏହି ପରିବର୍ତ୍ତିତ ପରିସ୍ଥିତିରେ ଓଡ଼ିଶା ରିଲିଫ୍ କୋଡ୍‌କୁ ଆଧୁନିକ, ଲୋକକେନ୍ଦ୍ରିକ, ବିଜ୍ଞାନଭିତ୍ତିକ, ଡିଜିଟାଲ୍ ଓ ଜଳବାୟୁ-ସହନଶୀଳ କରିବା ସମୟର ଆବଶ୍ୟକତା। ଏଥିରେ ସରକାରୀ ବିଭାଗ, ଜିଲ୍ଲା ପ୍ରଶାସନ, ବିଶେଷଜ୍ଞ, କୃଷକ, ସ୍ଥାନୀୟ ସଂସ୍ଥା ଓ ସାଧାରଣ ଲୋକଙ୍କ ମତାମତକୁ ସ୍ଥାନ ଦିଆଯିବା ଉଚିତ। ଏକ ସମୟୋପଯୋଗୀ ରିଲିଫ୍ କୋଡ୍ ଓଡ଼ିଶାକୁ କେବଳ ବିପର୍ଯ୍ୟୟର ମୁକାବିଲା କରିବାରେ ନୁହେଁ, ବରଂ ଅଧିକ ସୁରକ୍ଷିତ, ସକ୍ଷମ ଓ ସହନଶୀଳ ରାଜ୍ୟ ପ୍ରମାଣିତ କରିବାରେ ସାହାଯ୍ୟ କରିବ।

କଳିଙ୍ଗନଗର, ୭/୪୫୨
ଭୁବନେଶ୍ୱର
ମୋ: ୯୪୩୭୦୭୧୧୯୦
bidyadhar.m@gmail.com


# ସୁନାଅଣ୍ଡାଦିଆ କୁକୁଡ଼ା

ଦ୍ରବ୍ୟ ବଦଳରେ ଦ୍ରବ୍ୟର ବିନିମୟ ଅର୍ଥାତ୍ ବାର୍ଟର ବ୍ୟବସ୍ଥାଠାରୁ ନଗଦ ଟଙ୍କା ପଇସାର କାରବାର, ଆଉ ତା' ପରେ ବିନା ନଗଦ ଅର୍ଥ କାରବାର- ଏମିତି ଭାବରେ ହଜାରେରୁ ଊର୍ଦ୍ଧ୍ୱ ବର୍ଷର ବ୍ୟବସ୍ଥାକୁ ବଦଳାଇ ଦେଇଥିଲା ସର୍ବବ୍ୟାପି ୟୁପିଆଇ, ଯାହା ଜରିଆରେ ମାଗଣାରେ ଆର୍ଥିକ ଦେଣନେଣ ହୋଇ ପାରୁଥିଲା ଆଉ ହୋଇ ପାରିଥିଲା ବିଶ୍ୱକୁ ଭାରତର ଅନ୍ୟତମ ସର୍ବବୃହତ୍ ଅବଦାନ, ତାହା ଏଣିକି ଆଉ ମାଗଣାରେ କାମ କରିବ ନାହିଁ, ଅବଶ୍ୟ କେତେକ ବ୍ୟତିକ୍ରମ ସହିତ। ଅକ୍ଟୋବର ୧୫ ତାରିଖଠାରୁ ୟୁପିଆଇ ମାଧ୍ୟମରେ ୨ ହଜାର ଟଙ୍କାରୁ ଅଧିକ ପରିମାଣର ଦେଣନେଣ କରିବା ପାଇଁ ବ୍ୟବସାୟୀମାନଙ୍କୁ ୦.୪ ପ୍ରତିଶତ ବ୍ୟବହାରକାରୀ ଦେୟ- ଯାହାକୁ ବ୍ୟବସାୟୀ ରିହାତି ଦର (ଏମ୍‌ଡିଆର୍) ମଧ୍ୟ କୁହାଯାଉଛି, ତାହା ଦେବାକୁ ପଡ଼ିବ। ଯଦିଓ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ଏପ୍ରିଲ ୧୧, ୨୦୧୬ରେ ଆରମ୍ଭ ହୋଇଥିଲା, ତେବେ ଏହି ଅବଧାରଣା ଉପରେ କାମ ଆରମ୍ଭ ହୋଇଥିଲା ୨୦୧୨ରେ, ଯେତେବେଳେ ନନ୍ଦନ ନିଲେକାନିଙ୍କ ନେତୃତ୍ୱରେ ବ୍ୟାଙ୍କର ଏବଂ ଉଦ୍ୟୋଗ ବିଶେଷଜ୍ଞମାନଙ୍କର ଏକ ଗୋଷ୍ଠୀ ଏକାଠି ମିଶି ପ୍ରଥମେ ଏକ ମୋବାଇଲ ଜରିଆରେ ଅନ୍ତଃସଂଚାଳନୀୟ ଦେୟ ପ୍ରଦାନ ବ୍ୟବସ୍ଥାର ଡିଜାଇନ୍ କଲେ। ତେବେ ଏହାର ସଫଳତା ମିଳିଲା ୧ ଜାନୁଆରୀ, ୨୦୨୦ରେ, ଯେତେବେଳେ ସରକାର ନଗଦ ଅର୍ଥବିହୀନ କାରବାରକୁ ପ୍ରୋତ୍ସାହନ ଯୋଗାଇବା ଉଦ୍ଦେଶ୍ୟରେ ୟୁପିଆଇ କାରବାରଗୁଡ଼ିକ ଉପରୁ ଏମ୍‌ଡିଆର୍ ଉଠାଇଲେ। ଅଳ୍ପ କିଛି ବର୍ଷ ଭିତରେ ୟୁପିଆଇକୁ ମିଳିଲା ବିପୁଳ ସଫଳତା। ରାସ୍ତା କଡ଼ରେ ଛୋଟ ଦୋକାନଟିଏ କରିଥିବା ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ଖୁଚୁରା ଦୋକାନୀଙ୍କ ପର୍ଯ୍ୟନ୍ତ ସମସ୍ତେ ମୋବାଇଲ ଫୋନ୍ ଜରିଆରେ ଗୋଟିଏ ଅଙ୍ଗୁଳି ଟିପର ଚାପରେ ତତ୍କାଳ ଅର୍ଥ ଗ୍ରହଣ କରିବା ଆରମ୍ଭ କଲେ। କିନ୍ତୁ ଏହି କାରବାରର ମୂଲ୍ୟ ଅଧିକାଂଶ ପରିମାଣରେ ସରକାର, ବ୍ୟାଙ୍କ ଏବଂ ଦେୟ ପ୍ରଦାନକାରୀ କମ୍ପାନୀମାନଙ୍କୁ ବହନ କରିବାକୁ ହେଲା। ବର୍ତ୍ତମାନ ସମୟରେ ଭାରତରେ ପ୍ରାୟ ୮୫ ପ୍ରତିଶତ ଅର୍ଥ କାରବାର ୟୁପିଆଇ ମାଧ୍ୟମରେ ହେଉଛି।

ତେଣୁ ଏଭଳି ଏକ ବିପୁଳ ସଫଳତା ହାସଲ କରିଥିବା ମଡେଲ ବା ଢାଞ୍ଚାରେ ପରିବର୍ତ୍ତନ ଘଟାଇବା ଯେ କୌଣସି ସରକାର ପକ୍ଷେ ଏକ ଭୀଷଣ କଷ୍ଟକର ତଥା ଅଶୋଭନୀୟ କାମ ହେବ। ଅପର ପକ୍ଷରେ, ବ୍ୟାଙ୍କଗୁଡ଼ିକ, ଯେଉଁମାନେ କି ଏହି ମୂଲ୍ୟରୁ କିଛି ବହନ କରୁଥିଲେ, ସେମାନେ ଧୀରେ ଧୀରେ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ଆରମ୍ଭ କଲେ କି, ଯେଉଁମାନେ ଅନ୍ତତଃ ଦେୟ ପ୍ରଦାନ କରି ପାରିବେ, ସେମାନଙ୍କ ଉପରେ କିଛି ଆର୍ଥିକ ଦେୟ ଆଦାୟ କରିବା ନିମନ୍ତେ ସେମାନଙ୍କୁ ଅନୁମତି ପ୍ରଦାନ କରିବାକୁ। ପରିଣତି- ସରକାରଙ୍କର ଆଜିକା ଦିନର ଦେୟ ଆଦାୟ କରିବାର ନିଷ୍ପତ୍ତି। ଅକ୍ଟୋବର ୧୫ ତାରିଖଠାରୁ କେତେକ ୟୁପିଆଇ ଦେୟ କାରବାର ଉପରେ ୦.୪ ପ୍ରତିଶତର ଏମ୍‌ଡିଆର୍ ପ୍ରଚଳନ କରିବା ସରକାରଙ୍କ ନିଷ୍ପତ୍ତି ଏହି ବ୍ୟବସ୍ଥାର ଶୂନ୍ୟ-ଦେୟ ପରିସର ଉପରେ ରହିଥିବା କମ୍ବଳକୁ ହଟାଇ ଦେଇ ଏହାକୁ ଶେଷ କରିବା ଭଳି ହୋଇଥିବା ବେଳେ ଏହା ସୁନିଶ୍ଚିତ କରିଛି ଯେ ଲୋକମାନଙ୍କ ମଧ୍ୟରେ ହେଉଥିବା ଆର୍ଥିକ କାରବାର ମାଗଣା ରହିବ। ଅନ୍ୟାନ୍ୟ ବର୍ଗଗୁଡ଼ିକ ପାଇଁ ମଧ୍ୟ ଏମ୍‌ଡିଆର୍ ଅତ୍ୟଧିକ ପରିମାଣରେ କଟକଣାଯୁକ୍ତ ରହିବ। ଏହା କେବଳ ବ୍ୟକ୍ତିଙ୍କଠାରୁ ବ୍ୟବସାୟୀଙ୍କ ନିକଟକୁ ୨୦୦୦ ଟଙ୍କାରୁ ଅଧିକ ପରିମାଣର କାରବାର ଉପରେ ଲାଗୁ ହେବ ଏବଂ ଏହି କାରବାର ବାବଦକୁ ଦେୟ ବ୍ୟବସାୟୀଙ୍କୁ ଦେବାକୁ ପଡ଼ିବ; ଗ୍ରାହକଙ୍କୁ ନୁହେଁ। ୟୁପିଆଇ କ୍ୟୁଆର୍ କୋଡ୍ ଜରିଆରେ ମାସିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟ ଗ୍ରହଣ କରୁଥିବା ଛୋଟ ବ୍ୟବସାୟୀମାନଙ୍କୁ ମଧ୍ୟ ଦେୟ ପ୍ରଦାନରୁ ଅବ୍ୟାହତି ଦିଆଯାଇଛି। ରେଳବାଇ, ଜାଳେଣି, ଟେଲିକମ୍, ବୀମା, ଉପଯୋଗିତାମୂଳକ ସାମଗ୍ରୀ, ଶିକ୍ଷା ଏବଂ କୃଷିଜନିତ ବିନିବେଶଗୁଡ଼ିକ ସମେତ କେତେକ ଅତ୍ୟାବଶ୍ୟକ ଏବଂ ନିମ୍ନ-ମାର୍ଜିନ୍ ଥିବା ଉଦ୍ୟୋଗଗୁଡ଼ିକ ପାଇଁ ଏହି ଦେୟ କାରବାର ପିଛା ୫ ଟଙ୍କାରେ ସୀମିତ ରହିବ। ୭୫ ହଜାର ଟଙ୍କା କିମ୍ବା ତା'ଠାରୁ ଅଧିକ ପରିମାଣର କାରବାରଗୁଡ଼ିକ ଉପରେ ମାନକ ଏମ୍‌ଡିଆର୍ ୩୦୦ ଟଙ୍କାରେ ସୀମିତ ରହିବ। କେବଳ ବ୍ୟବସାୟିକ କାରବାରର ପ୍ରାୟ ଚାରି ପ୍ରତିଶତ ପ୍ରଭାବିତ ହେବା ଆଶା କରାଯାଉଛି।

ଏମ୍‌ଡିଆର୍ ଦ୍ୱାରା ଗରିବ ଏବଂ ମଧ୍ୟବିତ୍ତ ଶ୍ରେଣୀମାନେ କିପରି ପ୍ରଭାବିତ ନ ହେବେ, ସେଥିପାଇଁ ସମସ୍ତ ସୁରକ୍ଷାମୂଳକ ପଦକ୍ଷେପ କିପରି କାର୍ଯ୍ୟ କରିବ, ସରକାର ତାହା ସୁନିଶ୍ଚିତ କରିଛନ୍ତି। ତେବେ, ଏହିସବୁ ସୁରକ୍ଷାମୂଳକ ପଦକ୍ଷେପକୁ କାର୍ଯ୍ୟକାରୀ କରିବା ହେବ ପ୍ରକୃତ ଆହ୍ୱାନ। ଅଧିକ କିଛି ଟଙ୍କା ଲାଭ କରିବାକୁ ଇଚ୍ଛା କରୁଥିବା କେତେକ ବ୍ୟବସାୟୀ ଏହି ଦେୟକୁ ସବୁ ପ୍ରକାରର ଆର୍ଥିକ କାରବାର ଉପରେ 'ୟୁପିଆଇ ଦେୟ' ଜୋର ଜବରଦସ୍ତ ଲାଗୁ କରି ସେମାନଙ୍କର କ୍ଷତି ଭରଣା କରିବାକୁ ଚାହିଁ ପାରନ୍ତି। ୨ ହଜାର ଟଙ୍କାରୁ କମ୍ କାରବାର କରିବା ଉଦ୍ଦେଶ୍ୟରେ ସେମାନେ ଦେୟ ବିଲ୍‌ର ପରିମାଣକୁ ଭାଗ ଭାଗ କରି ବିଲ୍ ପ୍ରସ୍ତୁତ କରି ପାରନ୍ତି, ନଚେତ୍ ନଗଦ ଅର୍ଥ ପ୍ରଦାନ ଉପରେ ରିହାତି ପ୍ରଦାନ କରି ପାରନ୍ତି। ଏଭଳି ଦେୟ ପ୍ରଦାନ ବ୍ୟବସ୍ଥାଗୁଡ଼ିକ ଉଭୟ ଏହି ନୀତି ଏବଂ ଅର୍ଥନୀତିକୁ ଆନୁଷ୍ଠାନିକୀକରଣ କରିବା ନିମନ୍ତେ କରାଯାଇଥିବା ଉଦ୍ୟମକୁ ପଣ୍ଡ କରିଦେଇ ପାରେ। ଏମ୍‌ଡିଆର୍‌କୁ ଖାଉଟିମାନଙ୍କ ଉପରକୁ ସଂଚରିତ କରିବା ନିମନ୍ତେ ସରକାର ଯେଉଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି, ସେଥି ସହିତ ସହଜଲଭ୍ୟ ଅଭିଯୋଗ ପ୍ରଦାନ ବ୍ୟବସ୍ଥା ଏବଂ ଏହି ନିର୍ଦ୍ଦେଶର ବାରମ୍ବାର ଉଲ୍ଲଙ୍ଘନ ପାଇଁ ଦଣ୍ଡ ବିଧାନ କରାଯିବାର ବ୍ୟବସ୍ଥା ରହିବା ଉଚିତ। ଏହି କାରବାରକୁ ଭଲ ଭାବରେ ପରିଚାଳନା କରିବାରେ ସରକାର ଯଦି ବିଫଳ ହୁଅନ୍ତି, ତା'ହେଲେ ଭାରତ ପୁଣିଥରେ ଅଧିକାଂଶ ପରିମାଣରେ ନଗଦ-ଅର୍ଥ ଆଧାରିତ କାରବାରର ଯୁଗକୁ ଫେରିବାକୁ ବାଧ୍ୟ ହେବ। ଆଉ ତାହା ଯଦି ହୁଏ, ତେବେ ଅଳ୍ପ କିଛି ଟଙ୍କା ପାଇଁ ସଫଳ ୟୁପିଆଇ ବ୍ୟବସ୍ଥାକୁ ସରକାର ପ୍ରତ୍ୟାହାର କରିନେବାକୁ ବାଧ୍ୟ ହେଲେ ବୋଲି ଦୋଷ ମୁଣ୍ଡେଇବେ। ମୋଟାମୋଟି ଏହା ସେହିଭଳି କାମ ହେବ, ଯାହା କରିଥିଲା ଅତ୍ୟଧିକ ଲୋଭରେ ଗପର ସେହି ନାୟକଟି, ଯିଏ ଏକା ଥରକେ ସବୁଯାକ ସୁନାଅଣ୍ଡା ପାଇବା ଲୋଭରେ ତା'ର ସୁନାଅଣ୍ଡାଦିଆ କୁକୁଡ଼ାକୁ ମାରି ଦେଇଥିଲା।

# ମନର ସେବା ବି ଲୋଡ଼ା



ଶ୍ରୀକାନ୍ତ କୁମାର ମହାଲିକ

କେବଳ ଶରୀର ସେବା ନୁହେଁ ଆଜ୍ଞା, ମନର ସେବା ବି ଲୋଡ଼ା। କାହା ପାଇଁ ? ପିଲାମାନଙ୍କ ପାଇଁ। ଛୋଟ ପିଲା ମା'ର କ୍ଷୀର ପିଇବାକୁ ଯେତିକି ଆଶା କରେ, ତା'ଠାରୁ ଢେର୍ ଗୁଣ ଅଧିକ ଆଶା କରେ ମା' ବାପାଙ୍କ ସ୍ନେହ। ମା' ବାପାଙ୍କ ପ୍ରେମ। ଯେଉଁ ପିଲାମାନେ ମା' ବାପାଙ୍କ ସ୍ନେହ, ପ୍ରେମ ପାଆନ୍ତି ନାହିଁ, ସେମାନେ କ୍ରୂର ହୋଇ ଯାଆନ୍ତି। ପ୍ରତିହିଂସା ପରାୟଣ ହୋଇ ଯାଆନ୍ତି। ମା-ବାପା ପିଲାମାନଙ୍କୁ ପାଖରେ ରଖିବା ଦରକାର। ସେମାନଙ୍କ ସହ ଖେଳିବା ଦରକାର। ପିଲାମାନଙ୍କ ସହ ଆମର ବି ଖେଳିବା ଦରକାର ବୋଲି ମା'-ବାପାମାନେ ନିହାତି ଖିଆଲ ରଖିବା ଦରକାର। କାରଣ ଏହାଦ୍ୱାରା ପିତାମାତାଙ୍କ ସଂସ୍କାର ଏବଂ ପ୍ରେମର ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥାଏ।


ହେଲେ ବିଡ଼ମ୍ବନାର ବିଷୟ, ଆଜିକାଲି ଏହାର ଘୋର ଅଭାବ ପରିଲକ୍ଷିତ ହୁଏ। ପିତାମାତାମାନେ ଏ ଦିଗରେ ଆଦୌ ଯତ୍ନବାନ ହେଉ ନଥିବାର ଦେଖିବାକୁ ମିଳେ। କାର୍ଯ୍ୟ ବ୍ୟସ୍ତତା, ସମୟ ଅଭାବର ଦ୍ୱାହି ଦେଇ ସେମାନେ ପିଲାମାନଙ୍କଠାରୁ ଦୂରେଇ ରହୁଥିବାର ଦେଖାଯାଏ। ପିଲାମାନଙ୍କୁ ଭଲ ଖାଇବା-ପିଇବାକୁ ଦେବା, ଭଲ ନାଇବା- ପିନ୍ଧିବାକୁ ଦେବା ଏବଂ ଭଲ ସ୍କୁଲ-କଲେଜରେ ପଢ଼େଇବା ଆଦି କାର୍ଯ୍ୟ କରିଦେଇ ନିଜର ଦାୟିତ୍ୱ ସରିଗଲା ବୋଲି ପିତାମାତାମାନେ ବିଚାରୁଛନ୍ତି। ଅବଶ୍ୟ ଏସବୁର ତ ନିହାତି ଆବଶ୍ୟକତା ରହିଛି, ହେଲେ ପିତାମାତାମାନେ ମନେ ରଖିବା ଉଚିତ ଯେ ବର୍ତ୍ତମାନର ବ୍ୟବସାୟଭିତ୍ତିକ ଶିକ୍ଷା ବ୍ୟବସ୍ଥାରୁ ପିଲାମାନଙ୍କୁ କୌଣସି ପ୍ରକାର ନୈତିକ ଶିକ୍ଷା ସ୍କୁଲ କଲେଜରୁ ମିଳିବା ପ୍ରାୟତଃ ସମ୍ଭବ ନୁହେଁ। ବ୍ୟାବହାରିକ ଜ୍ଞାନ, ବ୍ୟାବହାରିକ କୁଶଳତା, ଜୀବନଯାପନ କରିବାର କଳା, ଜୀବନଯାପନ କରିବାର ଦିଗ ଆଦି ବିଷୟରେ ପିଲାମାନେ ଆଦୌ ଶିକ୍ଷାଲାଭ କରିପାରୁ ନାହାନ୍ତି, ଯେଉଁଥିପାଇଁକି ବର୍ତ୍ତମାନ ପିଲାମାନଙ୍କ ମଧ୍ୟରେ ହିଂସ୍ରତା, କ୍ରୂରତା, ଅପରାଧ ପ୍ରବଣତା ପରି ଦୁର୍ଗୁଣଗୁଡ଼ିକ ଦ୍ରୁତ ବୃଦ୍ଧି ପାଇବାରେ ଲାଗିଛି ଏବଂ ସେମାନେ ଅପ୍ରାପ୍ତ ବୟସରୁ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପମାନ ଘଟାଇ ଚାଲିଛନ୍ତି। ଚୋରି, ଡକାୟତି, ରାହାଜାନି, ଅପହରଣ, ଧର୍ଷଣ ପରି ଗୁରୁତର ଅପରାଧ କରି ଚାଲିଛନ୍ତି।

ଏଣୁ ପିତାମାତା ତଥା ଅଭିଭାବକମାନେ କେବଳ ଗୁଡ଼ାଏ ଅର୍ଥ ଉପାର୍ଜନ କରି ମଉଜ ମଜଲିସରେ ମାତି ନରହି ପିଲାମାନଙ୍କର ଯତ୍ନ ନେବା ସହ ସେମାନଙ୍କର ମନର କଥା ବୁଝିବା ଉଚିତ। ପିଲାମାନଙ୍କୁ ସଂସ୍କାରବାନ୍ କରାଇବା, ଚରିତ୍ରବାନ୍ କରାଇବା, ସୁଯୋଗ୍ୟ ଏବଂ ବିକଶିତ ବ୍ୟକ୍ତିତ୍ୱ କରାଇବାର ଗୁରୁ ଦାୟିତ୍ୱ ପିତାମାତାମାନେ ନିହାତି ନେବା ଆବଶ୍ୟକ। ଏ ଦିଗରେ କୌଣସି ପ୍ରକାର ଅବହେଳା ଆଦୌ ଗ୍ରହଣୀୟ ନୁହେଁ। ଅବହେଳା କରିବାର ଅର୍ଥ ନିଜ ଗୋଡ଼ରେ ନିଜେ କୁରାଢ଼ି ଚୋଟ ମାରିବା। ନେଡ଼ି ଗୁଡ଼ କହୁଣୀକୁ ବୋହିଗଲା ପରେ ଯେତେ ମୁଣ୍ଡ ବାଡ଼େଇଲେ ବି କିଛି ଲାଭ ହେବନାହିଁ। ଏଣୁ ବେଳ ଥାଉଥାଉ ସାବଧାନ ହୋଇଯିବା ବୁଦ୍ଧିମାନର କାର୍ଯ୍ୟ ହେବ।

ଏଥିପାଇଁ ପିତାମାତା ତଥା ଅଭିଭାବକମାନଙ୍କୁ ଠିକ୍ ହେବାକୁ ହେବ। ନିଜେ ଠିକ୍ ହେବା ସଙ୍ଗେ ସଙ୍ଗେ ପରିବାରର ବାତାବରଣକୁ ମଧ୍ୟ ଠିକ୍ କରିବା ଦିଗରେ ଖୁବ୍ ବେଶୀ ଯତ୍ନବାନ ହେବାକୁ ପଡ଼ିବ। ଯେହେତୁ ପିଲାମାନଙ୍କ ପାଇଁ ପରିବାର ହେଉଛି ପ୍ରଥମ ତଥା ଶ୍ରେଷ୍ଠ ପାଠଶାଳା ଏବଂ ପିତାମାତା ହେଉଛନ୍ତି ସେମାନଙ୍କ ପାଇଁ ପ୍ରଥମ ଗୁରୁ, ଏଣୁ ପିତାମାତାମାନେ ଖୁବ୍ ସତର୍କତାର ସହ ଜୀବନଚର୍ଯ୍ୟା କରିବା ଆବଶ୍ୟକ। ସେମାନଙ୍କ ମଧ୍ୟରେ ଉପଯୁକ୍ତ ବୁଝାମଣା ସହ ପରିବାରରେ ଏକ ସ୍ନେହସିକ୍ତ ପରିବେଶ ରହିବା ଏକାନ୍ତ ଜରୁରୀ। କାରଣ, ଯେ କୌଣସି ପ୍ରକାର ପାରିବାରିକ ଅଶାନ୍ତି ବା କଳହ ପିଲାମାନଙ୍କ ଉପରେ ବହୁତ ବଡ଼ ଖରାପ ପ୍ରଭାବ ପକାଇ ଥାଏ। ଏଣୁ ନିଜ ଭିତରେ ସ୍ନେହ, ପ୍ରେମ ବାଣ୍ଟିବା ସହ ପିଲାମାନଙ୍କୁ ସ୍ନେହରେ, ପ୍ରେମରେ ନିର୍ମାଣ କରିବା ଦିଗରେ ଯତ୍ନବାନ୍ ହେବା ଉଚିତ। ଏହାଦ୍ୱାରା ପିଲାମାନଙ୍କର, ନିଜର ତଥା ସମାଜର ଯେ ନିଶ୍ଚୟ ମଙ୍ଗଳ ହେବ- ଏଥିରେ ଦ୍ୱିମତ ନାହିଁ। ଆଶା ଏଥି ପ୍ରତି ସମସ୍ତେ ନିଶ୍ଚୟ ଦୃଷ୍ଟି ଦେବେ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଚାନ୍ଦବାଲି, ଭଦ୍ରକ
ମୋ: ୮୭୫୮୪୩୯୭୦୨

# ଅନ୍ତରଙ୍ଗତାର ସଙ୍କଟ



ରାଧାଶ୍ୟାମ ରାଉଳ

ହଁ ଆଜ୍ଞା, ଏବେ ଅନ୍ତରଙ୍ଗତାର ସଙ୍କଟ ଦେଖିବାକୁ ମିଳୁଛି ସର୍ବତ୍ର। ପାରିବାରିକ ଜୀବନରୁ ଆରମ୍ଭ କରି ସାମାଜିକ, ସାଂସ୍କୃତିକ, ସାରସ୍ୱତ, ବୌଦ୍ଧିକ, ଆଧାତ୍ମିକ, ରାଜନୈତିକ ଜୀବନ ପର୍ଯ୍ୟନ୍ତ କେଉଁଠି ନା କେଉଁଠି ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣାର ଅଭାବ ହେତୁ ଅନ୍ତରଙ୍ଗତାର ସଙ୍କଟ ସୃଷ୍ଟି ହେଉଛି।

'ଅନ୍ତରଙ୍ଗ' ଶବ୍ଦର ବିଶେଷ୍ୟ ରୂପ ହେଉଛି ଅନ୍ତରଙ୍ଗତା। ଅନ୍ତରଙ୍ଗ ଶବ୍ଦର ଅର୍ଥ ଘନିଷ୍ଠ, ଅତି ଆତ୍ମୀୟ। ତେଣୁ ଅନ୍ତରଙ୍ଗତାର ଅର୍ଥ ଘନିଷ୍ଠତା, ଅତି ଆତ୍ମୀୟତା। 'ଅନ୍ତରଙ୍ଗ' ଶବ୍ଦ ଉଚ୍ଚାରଣରେ ସତେ ଯେମିତି ଭାବପ୍ରବଣତାର ସ୍ୱତଃସ୍ଫୂର୍ତ୍ତ ତରଙ୍ଗ ସମଗ୍ର ଶରୀରରେ ସଞ୍ଚରି ଯାଏ। ଅତଏବ, ଅନ୍ତରଙ୍ଗ ଏକ ଭାବୋଦ୍ଦୀପକ ଶବ୍ଦ। ସେଥିପାଇଁ ତ ଯାବତୀୟ ଅନିଷ୍ଟକାରୀ ତତ୍ତ୍ୱକୁ ପ୍ରତିହତ କରିବା ପାଇଁ ଏବଂ ଦୁଃଖ, କ୍ଲେଶ, ଅବସୋସ ଆଦି ଅସ୍ୱସ୍ତିକର ଅବସ୍ଥାକୁ ଅତିକ୍ରମ କରିବା ପାଇଁ ଅନ୍ତରଙ୍ଗ ମୁହୂର୍ତ୍ତ, ଅନ୍ତରଙ୍ଗ ଆଳାପ, ଅନ୍ତରଙ୍ଗ ସମ୍ପର୍କ ଓ ଅନ୍ତରଙ୍ଗ ବନ୍ଧୁତ୍ୱର ମହତ୍ତ୍ୱ ଓ ଗୁରୁତ୍ୱକୁ ଆମେ ମନମାଫି ଉପଲବ୍ଧି କରିପାରୁ।

ହେଲେ ବର୍ତ୍ତମାନ ସମୟରେ ନାନା ବିରୋଧାଭାସ ପରିଲକ୍ଷିତ ହେଉଛି ଅନ୍ତରଙ୍ଗତାରେ। ଅନ୍ତରଙ୍ଗ କଥା କହି ମସ୍ତ ମତଲବୀ ହେଉଛନ୍ତି ଅନେକ। ଭେଳିକି ଓ ପ୍ରହସନରେ ମାତି ଚର୍ଚ୍ଚା, ବିମର୍ଶ ଆଳରେ ପ୍ରଚଣ୍ଡ ପ୍ରତିଭାଧର ବୋଲି ନିଜକୁ ବୋଲାଉଛନ୍ତି!

ହେତୁ ପାଇବା ପରେ ମୁଁ ଜାଣିବାକୁ ପାଇଲି ଅନ୍ତରଙ୍ଗ ଆଧାର ନେଇ ଯେଉଁମାନେ ସମ୍ପର୍କ ଯୋଡ଼ିଥିଲେ ମୋ ସହ, ପରବର୍ତ୍ତୀ ସମୟରେ ମୋ ସରଳତାର ସୁଯୋଗ ନେଇ ସେମାନେ ସେମାନଙ୍କର ସ୍ୱାର୍ଥ ସାଧନ ଉଦ୍ଦେଶ୍ୟରେ ମୋତେ ପ୍ରାୟତଃ ଇମୋସନାଲ୍ ବ୍ଲାକ୍‌ମେଲିଂ କରିବାର ଚକ୍କର୍‌ରେ ରହିଲେ। ତେବେ ଦୀର୍ଘ ବର୍ଷର ଜୀବନାନୁଭୂତିକୁ ଗୋଳି ଚନ୍ଦନ ସମ ସର୍ବାଙ୍ଗରେ ବୋଳିଦେଇ ମୁଁ ଅପ୍ରିୟ ସତ୍ୟର ନିର୍ଭୀକ ଉଚ୍ଚାରଣ କରି ଆସୁଛି, କରୁଛି, କରିବି ମଧ୍ୟ। ଯିଏ ନିଜକୁ ଅନ୍ତରଙ୍ଗ ବୋଲାଇ ଆତ୍ମପ୍ରଚାରସର୍ବସ୍ୱ, ଅସହିଷ୍ଣୁ, ପରଶ୍ରୀକାତର, କୃତଘ୍ନ ହେଉଛନ୍ତି ତାଙ୍କଠାରୁ ନିଜକୁ ଯଥା ସମ୍ଭବ ଦୂରେଇ ରଖିବା ଉଚିତ। କାରଣ, ସେଭଳି ବ୍ୟକ୍ତି ଗୋଠଛଡ଼ା ନୀଳବର୍ଣ୍ଣ ଶୃଗାଳ କିମ୍ବା ପ୍ରକୃତିଛଡ଼ା କାପାଳିକ ଶ୍ରେଣୀର।

ମୁଁ ଯାହା ବୁଝିଛି, ମୋ ପାଇଁ ଅନ୍ତରଙ୍ଗ ଶବ୍ଦ ଏକ ସୃଜନାତ୍ମକ ଶବ୍ଦ। ଏ ଶବ୍ଦର ଦିବ୍ୟତା ଓ ଭବ୍ୟତାର ଚୁମ୍ବକୀୟ ଆକର୍ଷଣ ଓ ପ୍ରଭାବରେ ମୁଁ ବେଶ୍ ଆଶ୍ୱସ୍ତ, ସନ୍ତୁଷ୍ଟ ଓ ସମୃଦ୍ଧ ମୋ ସୃଜନ କର୍ମରେ। କାହାକୁ ଆଘାତ କରିବା, କାହା ମନରେ କଷ୍ଟ ଦେବା, କାହାକୁ ବିପଦରେ ପକେଇବା ମୋର ଉଦ୍ଦେଶ୍ୟ ନୁହେଁ। କିନ୍ତୁ ବିନା କାରଣରେ ଯିଏ ମୋତେ ବିପଦରେ ପକେଇବାକୁ ଅପଚେଷ୍ଟା କରୁଛନ୍ତି କିମ୍ବା ଅସହିଷ୍ଣୁତାରେ ମୋର ପକ୍ଷ ଛେଦନ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି, ଆତ୍ମରକ୍ଷା ପାଇଁ ସେ ମହାଶୟଙ୍କର ଅସଲିୟତ୍‌ର ପର୍ଦ୍ଦାଫାସ୍ କରିବା ହେଉଛି ମୋର ପରମ ଆଶ୍ୱସ୍ତି, ଅନ୍ତରଙ୍ଗ ଉପଲବ୍ଧି।

ଅନ୍ତରଙ୍ଗ ବନ୍ଧୁତ୍ୱର ଦ୍ୱାହି ଦେଇ ଏକଦା କବି ବନ୍ଧୁ ଚତୁରାନନ ମହାଗ୍ରୀବ ଓରଫ୍ ଚତୁରାବାବୁ ମୋତେ ସାଦର ସମ୍ଭାଷଣ ଜଣେଇ କହିଲେ, 'ଆସ ବନ୍ଧୁ, ଆମେ ଏକାଠି ମିଳିମିଶି ମାତିବା।' ହଠାତ୍ ତାଙ୍କ କଥାର ରହସ୍ୟ ଭେଦି ନପାରି ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ପ୍ରଶ୍ନ କଲି, 'ବନ୍ଧୁ, କେଉଁ କାର୍ଯ୍ୟରେ ବା କେଉଁ କ୍ଷେତ୍ରରେ ଆମେ ଏକାଠି ମିଳିମିଶି ମାତିବା ଯେ ?' ଯାତ୍ରା ଜଗତର ଜଣେ ପେସାଦାର କଳାକାରବାଗିଆ ଶୈଳୀରେ ସେ କହିଲେ, 'ବନ୍ଧୁ, ଆମ କବି, ଗାଳ୍ପିକ, ଲେଖକ, ସାହିତ୍ୟିକ, ନାଟ୍ୟକାର, ସଂଳାପକାର, ଗୀତିକାର, ସଙ୍ଗୀତକାର, ଗାୟକ, ବାୟକ ଏବଂ ଅନ୍ୟାନ୍ୟ କଳାକାରଙ୍କୁ ନେଇ ଗୋଟିଏ ଅନ୍ତରଙ୍ଗ ଗୋଷ୍ଠୀ ଗଢ଼ିବା ଏବଂ ମଝିରେ ମଝିରେ ଆମେ ଏକତ୍ର ହୋଇ ପରସ୍ପରକୁ ଶୁଣିବା, କୌଣସି ବିଷୟବସ୍ତୁ ବା ପ୍ରକରଣକୁ ନେଇ ପରସ୍ପର ମଧ୍ୟରେ ଚର୍ଚ୍ଚା, ଆଲୋଚନା କରିବା। ମୋଟାମୋଟି ଭାବରେ, ଏକ ଅନ୍ତରଙ୍ଗ ମାହୋଲ୍ ସୃଷ୍ଟି କରିବା ଆମର ମୂଳ ଉଦ୍ଦେଶ୍ୟ। କ'ଣ ବନ୍ଧୁ, ଆପଣ ଆମମାନଙ୍କ ସହ ଏକାଠି ମାତିବାକୁ ରାଜି ତ ?'

ଚତୁରାବାବୁଙ୍କର ଏମନ୍ତ ମାଖନବୋଳା ପ୍ରସ୍ତାବକୁ ମୁଁ ଅବା ଟାଳି ପାରିଥାନ୍ତି କିପରି ? କାରଣ, ଆଜିର କଥା ନୁହଁ, ଆମ ଭିତରର ବନ୍ଧୁତ୍ୱ ଦୀର୍ଘ ବର୍ଷର। ତେବେ ସମୟକ୍ରମେ ଚତୁରାବାବୁଙ୍କ ପ୍ରଚେଷ୍ଟା ଫଳରେ 'ଅନ୍ତରଙ୍ଗ' ବ୍ରାଣ୍ଡନେମ୍ ଅର୍ଥାତ୍ ନାମ ଅଙ୍କିତ ଚିହ୍ନରେ ବନ୍ଧୁ ମିଳନ ପର୍ବ ଆଗେଇ ଚାଲିଛି ଭାବର ଆଦାନପ୍ରଦାନ ଓ ଅର୍ଥ ଦେଣନେଣ ଭିତ୍ତିରେ, ବେଶ୍ ଜାକଜମକରେ। ଚାହୁଁଚାହୁଁ ବର୍ଷ କେଇଟା ଭିତରେ ଚତୁରାବାବୁଙ୍କର ପର୍ସନାଲିଟି ରେଟିଂ ପଏଣ୍ଟ ଅର୍ଥାତ୍ ବ୍ୟକ୍ତିତ୍ୱର ମୂଲ୍ୟାଙ୍କନ ଅଙ୍କ ଯଥେଷ୍ଟ ବଢ଼ିଗଲା। 'ଶ୍ରେଷ୍ଠ ଆୟୋଜକ', 'ଅତ୍ୟୁତ୍ତମ ସଂଗଠକ', 'ଅନ୍ତରଙ୍ଗ ବନ୍ଧୁ', 'କୃତବିଦ୍ୟ ମଣିଷ' ଇତ୍ୟାଦି ଭୂଷଣରେ ସେ ଭୂଷିତ ହେବାର ପରମ ସୌଭାଗ୍ୟ ଅର୍ଜନ କରି ପାରିଲେ। ଅଥଚ ପରବର୍ତ୍ତୀ ସମୟରେ ଚତୁରାବାବୁ କାହା ପାଇଁ ନିକଟରୁ ନିକଟତର ଓ ନିକଟତମ ହେଲେ, ଘନିଷ୍ଠରୁ ଘନିଷ୍ଠତର ଓ ଘନିଷ୍ଠତମ ହେଲେ ତ ପୁଣି କାହାପାଇଁ ଦୂର ଦୂର, ବହୁଦୂର, ଅପହଞ୍ଚ ଦୂର, ଏଭଳିକି ସାତ ପର ହୋଇଗଲେ! କିଛି କପଟାଚାରୀ ପାଖଲୋକ ଓ ମତଲବୀ ପ୍ରଶଂସକଙ୍କର କପଟାଚାର ଓ ମିଛ ପ୍ରଶଂସାରେ ଏବେ ଚତୁରାବାବୁଙ୍କ



ଭିତରେ ଗର୍ବ,ଅହଙ୍କାର ବଢ଼ି ଯାଇଛି ଯଥେଷ୍ଟ ମାତ୍ରାରେ।

ଅବଲୀଳାକ୍ରମେ ମୁଁ ବେଶ୍ ଭଲ ଭାବରେ ଲକ୍ଷ୍ୟକରି ଜାଣିଲି, ତାଙ୍କ ଆଚରଣ ଓ ଉଚ୍ଚାରଣରେ ଅନେକ ଅସଙ୍ଗତି। ଯା ଭିତରେ ସେ ଯଥେଷ୍ଟ ବଦଳି ଯାଇଛନ୍ତି; ବାହାରକୁ ସେ ଯାହା ଦେଖା ଯାଉଛନ୍ତି, ଅସଲରେ କିନ୍ତୁ ସେ ସେଇଆ ନୁହନ୍ତି। ସଭା ସମିତିରେ ସେ ଆଉ ମୋତେ ଖୋଜୁ ନାହାନ୍ତି କି ଲୋଡୁ ନାହାନ୍ତି! କେତେବେଳେ କେମିତି ମୋତେ ଦେଖି ନ ଦେଖିବାର ଅଭିନୟ କରୁଛନ୍ତି; ମୋର ଉପସ୍ଥିତିକୁ ଅବଜ୍ଞା କରିବାର ଆସ୍ପର୍ଦ୍ଧା କରୁଛନ୍ତି। ତାଙ୍କର ସାଧନା, ସୃଜନ କର୍ମ ଅର୍ଥବୋଧକ ଆଉ ମୋର ସାଧନା ଓ ସୃଜନ କର୍ମ ଅର୍ଥହୀନ ଓ ନିରର୍ଥକ ବୋଲି ସର୍ବସାଧାରଣରେ ଅପପ୍ରଚାର କରୁଛନ୍ତି।

ସୁଧୀବୃନ୍ଦ, ଆତ୍ମବଡ଼ିମା ଓ ଆତ୍ମଶ୍ଳାଘାରେ ମତ୍ତ ଏଭଳି ଅବିଶ୍ୱସ୍ତ ବ୍ୟକ୍ତିଙ୍କ ସହ ମୋର ଅନ୍ତରଙ୍ଗ ଭାବ ଯୋଡ଼ିବା କ'ଣ ଉଚିତ ? ମୋ ସାମର୍ଥ୍ୟ ଓ ଦୁର୍ବଳତା ସମ୍ପର୍କରେ ମୁଁ ବେଶ୍ ସଚେତନ। ମୋର ଅଗଣିତ ପ୍ରିୟ ଓ ସହୃଦୟ ପାଠକ/ ପାଠିକାମାନଙ୍କର ସ୍ନେହ, ଶ୍ରଦ୍ଧା, ଶୁଭେଚ୍ଛା, ଆଦର, ସମ୍ମାନ, ଭଲ ପାଇବା ହିଁ ଆଜି ପର୍ଯ୍ୟନ୍ତ ମୋତେ ଏ କ୍ଷେତ୍ରରେ ଆଗେଇ ଆଣିଛି। ଆତ୍ମପରିଚୟ, ଆତ୍ମସମ୍ମାନ ଓ ଆତ୍ମାଭିମାନକୁ ନେଇ ମୁଁ ମୋ ନିଜସ୍ୱ ପୃଥିବୀ ଗଢ଼ିବାରେ ସମର୍ଥ ହୋଇ ପାରିଛି। ତେବେ ଶେଷ ପରିଣାମ କେତେବେଳେ କ'ଣ ହେବ, ସେଇ ଆଶଙ୍କାରେ 'ବେଳହୁଁ ଗୋବିନ୍ଦ ସୁମର' ନୀତିରେ ଅନ୍ତରଙ୍ଗତାର ମୁଷ୍ଟି ପ୍ରହାର କରି ଯଥାର୍ଥ ଓ ଅସଲ ସାହିତ୍ୟିକମାନଙ୍କୁ ଆଘାତପ୍ରାପ୍ତ କରିବାର ମନ୍ଦ ଉଦ୍ଦେଶ୍ୟରେ ଥିବା ଏବଂ ସେଇ ଅନ୍ତରଙ୍ଗତାର ପ୍ରେମବୃଷ୍ଟି କରି ଶୋ' ବାଜି, ଭେଳିକି ମାୟା, ମୋହର ବଶବର୍ତ୍ତୀ ହୋଇ ଗୋଲାପି ଗୋଲାପି ସ୍ୱପ୍ନ ଓ ସମ୍ଭାବନା ଭିତରେ ମସ୍ତ ମସଗୁଲ୍ ରହୁଥିବା ବ୍ୟକ୍ତି ଚରିତ୍ର ଓରଫ୍ ଆତ୍ମଘୋଷିତ ଅନ୍ତରଙ୍ଗ ବନ୍ଧୁ ଚତୁରାନନ ମହାଗ୍ରୀବଙ୍କଠାରୁ ମୁଁ ଆପାତତଃ ଦୂରେଇ ରହିବାକୁ ଉଚିତ ମନେ କଲି।

ତେବେ ତଥାକଥିତ ଅନ୍ତରଙ୍ଗ ବନ୍ଧୁ ଚତୁରାନନବାବୁଙ୍କୁ ମୋର କହିବାର କଥା ଏତିକି- 'ହେ ବନ୍ଧୁ, ଏବେ ବି ସମୟ ଅଛି, ଭଲକରି ଚିହ୍ନନ୍ତୁ ଓ ଜାଣନ୍ତୁ, କିଏ କ'ଣ, କାହାର କେତେ ଦମ୍, କିଏ ବିଶ୍ୱସ୍ତ, କିଏ ବେଇମାନ, କିଏ ଦେଖଉଛି ତୁମକୁ ଭେଳିକି ସ୍ୱପ୍ନ, କିଏ ପୁଣି ତୁମର କରୁଛି ହିତ ସାଧନ, କିଏ ଗଲୁ ବିଛୁଆତି, ବାଇଡଙ୍କ, କିଏ ଖାଣ୍ଟି ତୁଳସୀ, ମହମହ ଚନ୍ଦନ, କିଏ ପ୍ରକୃତ ସ୍ରଷ୍ଟା, ସାଧକ, କିଏ ତୁମ ବୋଲକରା ମିଛ ପ୍ରଶଂସକ। ଅନ୍ତରଙ୍ଗ ଓ ଅନ୍ତରଙ୍ଗତା ନାଁରେ ତୁମର ବ୍ୟକ୍ତିଗତ ସ୍ୱାର୍ଥ ସାଧନ, ତୁଷ୍ଟିକରଣ, ପ୍ରିୟାପ୍ରୀତି ତୋଷଣ ନୁହେଁ, ବରଂ ସର୍ବୋପରି ଆମ ଓଡ଼ିଆ ଭାଷା ସାହିତ୍ୟର ଉତ୍ତରୋତ୍ତର ଉନ୍ନତି ହେଲେ କବି, ଲେଖକ, ସାହିତ୍ୟିକ, ଦାର୍ଶନିକ, ଚିତ୍ରଶିଳ୍ପୀ, ଗାୟକ, ଗୀତିକାର, ସଙ୍ଗୀତକାର ହିସାବରେ ଆମର ହେବ ଶ୍ରେଷ୍ଠ ପରିଚୟ ଏବଂ ମହାସଙ୍କଟରୁ ଅନ୍ତରଙ୍ଗତା ମୁକୁଳିବ ନିଶ୍ଚୟ। ଜୟ ସମ୍ପର୍କ। ଜୟ ସାହିତ୍ୟ। ଜୟ ଜଗତ। ଜୟ ଜୀବନ।

ମର୍କତନଗର, ସେକ୍ଟର- ୬, କଟକ
ମୋ: ୮୯୧୭୪୭୯୭୪୦
rsroul1966@gmail.com

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଯୁବ ବିଜେଡିର ଦାବିପତ୍ର



**ଭବାନୀପାଟଣା,୧୭।୯/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ସହିଦ ରେଣ୍ଡୋ ମାଝୀ ମେଡିକାଲ୍ କଲେଜରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିରେ ବ୍ୟାପକ ସୁଧାର ଆବଶ୍ୟକ ଦାବି ନେଇ କଲେଜ ସୁପରିଟେଣ୍ଡେଣ୍ଟ ଏବଂ ସିଡିଏମ୍‌ଓଙ୍କୁ ଭେଟି ବିଜୁ ଯୁବ ଜନତା ଦଳ ପକ୍ଷରୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଗତ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରାତ୍ରରେ ଆଇସିୟୁରେ ଭର୍ତ୍ତି ହୋଇଥିବା ରଶ୍ମିରଞ୍ଜନ ଦାସ ମିଶ୍ରଙ୍କ ଚିକିତ୍ସାରେ ଅବହେଳା ଯୋଗୁ ମୃତ୍ୟୁ ହୋଇଥିଲା ଏବଂ ଡାକ୍ତର ୨ ଘଣ୍ଟା ବିଳମ୍ବରେ ଆଇସିୟୁକୁ ଆସି ତାଙ୍କୁ ମୃତ ଘୋଷଣା କରିବା ନିଶ୍ଚିତଭାବେ ଦୁର୍ଭାଗ୍ୟଜନକ ଘଟଣା। ତେଣୁ ଏହାର ନିରପେକ୍ଷ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ଯୁବ ବିଜେଡି କର୍ମକର୍ତ୍ତା ଯୁକ୍ତି ବାଢ଼ିଥିଲେ। ଆଗାମୀ ଦିନରେ ଜିଲ୍ଲାରେ ସ୍ୱାସ୍ଥ୍ୟସେବାରେ ବ୍ୟାପକ ସୁଧାର ନହେଲେ ପ୍ରଶାସନ ବଡ଼ ଧରଣର ଆନ୍ଦୋଳନର ସାମ୍ନା କରିବେ ବୋଲି ଯୁବ ବିଜେଡି ପକ୍ଷରୁ ଶହୀଦ ରେଣ୍ଡୋ ମାଝୀ ମେଡିକାଲ୍ କଲେଜର ସୁପରିଟେଣ୍ଡେଣ୍ଟଙ୍କ ମାଧ୍ୟମରେ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହାସହ ସାଧାରଣ ଲୋକଙ୍କୁ ଗୁଣାତ୍ମକ ଓ ସମୟୋପଯୋଗୀ ସ୍ୱାସ୍ଥ୍ୟସେବା ଯେପରି ସଠିକ୍ ଭାବେ ମିଳିପାରିବ ସେଥିପାଇଁ ତୁରନ୍ତ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଶହୀଦ ରେଣ୍ଡୋ ମାଝୀ ମେଡିକାଲ୍ କଲେଜ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ରହିଥିବା ସମନ୍ୱୟର ଅଭାବ ଓ ପ୍ରଶାସନିକ ତାରତମ୍ୟକୁ ଦୂର କରି ଉଭୟ ସଂସ୍ଥା ମଧ୍ୟରେ ଉତ୍ତମ ଯୋଗାଯୋଗ ଓ ସମନ୍ୱୟ ସ୍ଥାପନ କରାଗଲେ ଆଗାମୀ ଦିନରେ ରୋଗୀଙ୍କୁ ଅଧିକ ସୁବ୍ୟବସ୍ଥିତ, ତ୍ୱରିତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିବ। ଏହାସହ ଜରୁରିକାଳୀନ ସ୍ଥିତିରେ ରୋଗୀଙ୍କ ଚିକିତ୍ସା, ରେଫରାଲ୍ ଓ ଆବଶ୍ୟକ ଚିକିତ୍ସାଗତ ସହାୟତା ପ୍ରଦାନରେ ଉଭୟ ସଂସ୍ଥା ମଧ୍ୟରେ ସ୍ପଷ୍ଟ ଦାୟିତ୍ୱ ନିର୍ଦ୍ଧାରଣ ଓ ଦ୍ରୁତ ଯୋଗାଯୋଗ ବ୍ୟବସ୍ଥା ରହିବା ଅତ୍ୟନ୍ତ ଆବଶ୍ୟକ ବୋଲି ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ନାଏକ, ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ରାଜ୍ୟ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ଜିଲ୍ଲା ଛାତ୍ର ସଭାପତି ଅଜିତ ସାହୁ, ଯୁବନେତା ପିତବାସ ବେହେରା, ନବୀନ ନାୟକ, ଭୋଳାନାଥ ନାଗ ପ୍ରମୁଖଙ୍କ ସହ ଯୁବ ବିଜେଡିର ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ୫୫ କଇଁଛ ଜବତ, ୪ ଗିରଫ



**ମାଲକାନଗିରି,୧୭।୯/ଏନ୍ଏନ୍ଏସ୍:** ମୋଟୁ ବନ କର୍ମଚାରୀ ଏମ୍‌ପିଭି-୫୩ ଗାଁ ନିକଟ କେନାଲ୍ ରାସ୍ତାରୁ ୫୫ଟି କଇଁଛ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଏହାସହ ୨ଟି ବାଇକ୍ ମଧ୍ୟ ଜବତ କରାଯାଇଛି। କଇଁଛ ଚୋରାଚାଲାଣ ସମ୍ପର୍କରେ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନାପାଇ ଚଢ଼ଉ କରାଯାଇଥିଲା। ଯାଞ୍ଚ ସମୟରେ ମୋଟ୍ ୫୫ ଜୀବନ୍ତ କଇଁଛଙ୍କୁ ବାଇକ୍ ଯୋଗେ ବେଆଇନ ଭାବେ ପରିବହନ କରାଯାଉଥିବା ଦେଖିବାକୁ ମିଳିଥିଲା। ଉଦ୍ଧାର ହୋଇଥିବା କଇଁଛଙ୍କ ଆବଶ୍ୟକ ଯତ୍ନ ନିଆଯାଉଥିବାବେଳେ ଅଧିକ ତଦନ୍ତ ପ୍ରକ୍ରିୟା ଚାଲିଥିବା ଜଣାପଡ଼ିଛି।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ବିଭିନ୍ନ କାର୍ଯ୍ୟକ୍ରମ



**ପାଟଣାଗଡ଼,୧୭।୯/ଏନ୍ଏନ୍ଏସ୍:** ପାଟଣାଗଡ଼ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଡାକ୍ତରଖାନାରେ ସଫେଇ କାର୍ଯ୍ୟକ୍ରମ କରାଯାଇ ରୋଗୀଙ୍କୁ ଫଳ ବଣ୍ଟା ଯାଇଥିଲା। ନଗର ସଭାପତି ସନ୍ୟାସୀ ବାଗଙ୍କ ନେତୃତ୍ୱରେ ଜିଲ୍ଲା ବିଜେପି ଉପସଭାପତି ସୁଶାନ୍ତ କୁମାର ମହାନ୍ତି, ସୁଶାନ୍ତ କୁମାର ପାତ୍ର, ବିଶ୍ୱଜିତ୍ ହୋତା, ଗଙ୍ଗେ ବେହେରା, ନନ୍ଦନ ଠାକୁର, ମହାବୀର କୁମ୍ଭାର, ଗୁଣନିଧି ପ୍ରଧାନ, ରାମ ବୁଡେକ୍, ସୁରେଶ ତାଣ୍ଡି, ସୁଶାନ୍ତ ଦାସ ଓ କାଦମ୍ବିନୀ ମିଶ୍ରଙ୍କ ସମେତ ବହୁ ବିଜେପି କର୍ମୀ ଯୋଗ ଦେଇଥିଲେ।

# 'ଏକ ପେଡ୍ ମା କେ ନାମ' କାର୍ଯ୍ୟକ୍ରମ



**ମାଲକାନଗିରି,୧୭।୯/ଏନ୍ଏନ୍ଏସ୍:** 'ଏକ ପେଡ୍ ମା କେ ନାମ୍ ୩.୦' ଅଭିଯାନ ଅଧୀନରେ ମାଲକାନଗିରିର ପିଏମ୍‌ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଏସିଏଫ୍ ପ୍ରିୟଙ୍କା ଆହୁଜା, ବିଦ୍ୟାଳୟର ଅଧକ୍ଷ ଶ୍ରୀନିବାସ ରାଓ ଓ ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତଙ୍କ ସମେତ ବନ କର୍ମଚାରୀମାନେ ଯୋଗ ଦେଇଥିଲେ। ୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସାମୂହିକ ଭାବେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ବୃକ୍ଷରୋପଣ ଦ୍ୱାରା ପରିବେଶ ସଂରକ୍ଷଣ ଓ ସବୁଜ ବନାନୀ ସୃଷ୍ଟି ଆଦି ବାର୍ତ୍ତା ପ୍ରଚାର କରାଯାଇଥିଲା।

# ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କର ନୂତନ ଏଟିଏମ୍ ଉଦ୍‌ଘାଟିତ

**ମାଲକାନଗିରି,୧୭।୯/ଏନ୍ଏନ୍ଏସ୍:** ମାଲକାନଗିରି ସହରରେ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ପକ୍ଷରୁ ଏକ ନୂତନ ଏଟିଏମ୍ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଯୋଗଦେଇ ଏଟିଏମ୍‌ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କର ବ୍ରହ୍ମପୁର ମଣ୍ଡଳ ପ୍ରମୁଖ ପ୍ରତାପ କୁମାର ବୈରିଗଞ୍ଜନଙ୍କ ସମେତ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର କୃଷି ଓ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ହିତାଧିକାରୀଙ୍କୁ ସହାୟତା ରାଶି ଓ ଯନ୍ତ୍ରପାତି ବଣ୍ଟା ଯାଇଥିଲା। ଏଥିରେ ରଞ୍ଜିତ ମଣ୍ଡଳଙ୍କୁ ଧାନ କଟା ମେସିନ୍ ପ୍ରଦାନ କରାଯାଇଥିବାବେଳେ ଜୟ ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀକୁ ୬ ଲକ୍ଷ ଟଙ୍କା ଏବଂ ସାଇ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ମାଲକାନଗିରିରେ ନୂତନ ଏଟିଏମ୍ ସୁବିଧା ଆରମ୍ଭ ହେବା ଫଳରେ ସ୍ଥାନୀୟ ବ୍ୟାଙ୍କ ଗ୍ରାହକମାନେ ନଗଦ ଉଠାଣ ସହିତ ଅନ୍ୟାନ୍ୟ ଜରୁରୀ ଏଟିଏମ୍ ସେବା ସହଜରେ ପାଇପାରିବେ। ଜିଲ୍ଲାରେ ବ୍ୟାଙ୍କିଂ ସେବାକୁ ଆହୁରି ସୁଗମ ଓ ଗ୍ରାହକ-ଅନୁକୂଳ କରିବା ଦିଗରେ ଏହି ପଦକ୍ଷେପ ବିଶେଷ ସହାୟକ ହେବ।

# ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମଦ ଜବତ, ଜଣେ ଗିରଫ



**ରାୟଗଡ଼ା,୧୭।୯/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା ବିଷମକଟକ ଅବକାରୀ ବିଭାଗ ଦୁର୍ଗୀ ସଦର ଅଞ୍ଚଳରେ ଚଢ଼ଉ କରି ବିପୁଳ ପରିମାଣର ବିଦେଶୀମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପ୍ରଶାନ୍ତ ସାହୁ। କୌଣସି ସୂତ୍ରରୁ ଖବରପାଇ ବିଷମକଟକ ଅବକାରୀ ଅଧିକାରୀ ଦୀପକ କୁମାର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଦୁର୍ଗୀ ସଦରସ୍ଥିତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଏକ ଦୋକାନରେ ଚଢ଼ଉ କରିଥିଲା। ଏହି ଚଢ଼ଉ ସମୟରେ ଦୋକାନ ପଛପଟ ଘରୁ ୨୦ ବକ୍ସ ବିଦେଶୀମଦ ଠାବ କରାଯାଇଥିଲା। ଜବତ ମଦ ମଧ୍ୟରେ ୧୩ ବକ୍ସ ଲିକର୍ ଏବଂ ୭ ବକ୍ସ ବିୟର୍ ରହିଛି। ଅବକାରୀ ବିଭାଗ ସମସ୍ତ ମଦକୁ ଜବତ କରି ବିଷମକଟକ ଅବକାରୀ ଥାନାକୁ ଆଣିଛି। ଜବତ ହୋଇଥିବା ବିଦେଶୀମଦର ବଜାର ମୂଲ୍ୟ ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏତେ ପରିମାଣର ମଦ କେଉଁଠାରୁ ଅଣାଯାଇଥିଲା ଏବଂ ଏହା ପଛରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ସେନେଇ ଅଧିକାରୀମାନେ ତଦନ୍ତ ଜାରି ରଖିଛନ୍ତି। ଏହି ଚଢ଼ଉରେ ଅବକାରୀ ଅଧିକାରୀଙ୍କ ସମେତ କନେଷ୍ଟବଳ ରାଜୁ କାଡ୍ରାକା, ସନ୍ତୋଷ କୁମାର ଗୌଡ଼ ଓ ଯଶବନ୍ତି ଶବର ପ୍ରମୁଖ ସାମିଲ୍ ଥିଲେ। ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ମୃତଦେହ ଉଦ୍ଧାର ଘଟଣା, ୧୨ ଗିରଫ

**ରାୟଗଡ଼ା,୧୭।୯/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା ଗୁଣପୁର ପୁଲିସ୍‌କୁ ଏକ ହତ୍ୟାକାଣ୍ଡ ମାମଲାରେ ସଫଳତା ମିଳିଛି। ଗତ ୩ ତାରିଖ ଗୁଣପୁର ଥାନା ଅନ୍ତର୍ଗତ କାକିତରା ଗ୍ରାମର ପାତିକା ମାତିଆଙ୍କ ମୃତଦେହ ନିକଟସ୍ଥ କାଜୁତୋଟା ଜଙ୍ଗଲରୁ ଉଦ୍ଧାର ହୋଇଥିଲା। ଉକ୍ତ ଘଟଣାର ପର୍ଦ୍ଦାଫାଶ କରିବା ସହ ରାୟଗଡ଼ା ପୁଲିସ୍ ୧୨ ଜଣଙ୍କୁ ଗିରଫ କରିଛି। ଏହାସହ ହତ୍ୟାକାଣ୍ଡରେ ବ୍ୟବହୃତ ଏକ କାଠ ଠେଙ୍ଗା ସହ ୧୨ଟି ମୋବାଇଲ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାକିତରା ଗ୍ରାମର ବିଡ଼ିକା ରାମଚନ୍ଦ୍ର, ବିଡ଼ିକା ରମେଶ, ବିଡ଼ିକା ସନ୍ତୋଷ, ଲିଙ୍ଗରାଜ ମାଣ୍ଡାଙ୍ଗୀ, ପାତିକା ମୋଜେଶ, ପାତିକା ଯୋଗେନ୍ଦ୍ର, ନିମାଲା କୁମାରୁ, ବିଡ଼ିକା ବଡ଼ମା, ରବି ବିଡ଼ିକା, ବିଡ଼ିକା କୈଳାସ, ବିଡ଼ିକା ବିଡିକା, ରାମ ଦାସ, ବିଡ଼ିକା ଦାସ ଓ ମାଣ୍ଡାଙ୍ଗୀ କେଶବ। ପୁଲିସ୍ ସୂଚନାନୁଯାୟୀ, ମୃତ ପାତିକା ମାତିଆ ଗ୍ରାମରେ ଗୁଣିଗାରେଡ଼ି କରି ଜୀବନ ନେବା ଭଳି ଧମକ ଚମକ ଦେବାସହ ଗ୍ରାମର କୌଣସି ସାମାଜିକ କାର୍ଯ୍ୟକ୍ରମରେ ସାମିଲ୍ ନହୋଇ ଏକୁଟିଆ ଭାବେ ଗ୍ରାମରେ ରହି ଆସୁଥିଲେ। ପାତିକାଙ୍କ ଚାଲିଚଳନ ଗ୍ରାମବାସୀଙ୍କୁ ବ୍ୟଥିତ କରୁଥିଲା। ଫଳରେ ଏଥିରେ ଉତ୍‌କ୍ଷିପ୍ତ ହୋଇ ଗ୍ରାମର କିଛି ବ୍ୟକ୍ତି ପାତିକାକୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚିବା ସହ ସୁଯୋଗ ଖୋଜୁଥିଲେ। ତେବେ



୨ ତାରିଖ ପାତିକା କୌଣସି ଏକ କାମରେ ବାଇକ୍ ଯୋଗେ ବାହାରକୁ ବୁଲିବାକୁ ଯାଇ ସନ୍ଧ୍ୟାରେ ଘରକୁ ଫେରିବା ସମୟରେ ହତ୍ୟାକାରୀମାନେ କାଜୁତୋଟା ଜଙ୍ଗଲ ନିକଟରେ କାଠ ଠେଙ୍ଗା ସହାୟତାରେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ପରେ ହତ୍ୟାକାରୀମାନେ ମୃତଦେହ ସହ ତାଙ୍କ ବାଇକ୍‌କୁ ଜଙ୍ଗଲର ଏକ ଖାଲ ମଧ୍ୟକୁ ଠେଲି ଦେଇ ଚାଲି ଆସିଥିଲେ। ପ୍ରକାଶଥାଉକି ମୃତ ପାତିକା ଗତ ୨ ତାରିଖ ସନ୍ଧ୍ୟାରେ ବାଇକ୍ ଯୋଗେ ବୁଲିବାକୁ ଯାଇ ଦୀର୍ଘ ସମୟ ଧରି ଘରକୁ ଫେରିନଥିଲେ। ଫଳରେ ପରିବାରବର୍ଗ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ପୁଣି ପରଦିନ ସକାଳୁ ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦା ଖୋଜାଖୋଜି କରିବା ସମୟରେ ଗ୍ରାମ ନିକଟସ୍ଥ କାଜୁତୋଟା ରାସ୍ତାକଡ଼ର ଏକ ଖାଲରେ ବାଇକ୍ ସହ ପାତିକାଙ୍କୁ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ମୃତଦେହର ପାରିପାର୍ଶ୍ୱିକ ସ୍ଥିତିକୁ ଅନୁମାନ କରି ପରିବାରବର୍ଗ ହତ୍ୟାକାଣ୍ଡ ସନ୍ଦେହ କରି ଗୁଣପୁର ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଗୁଣପୁର ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରିବା ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତକୁ ଆଗକୁ ବଢ଼ାଇଥିଲା। ତେବେ ପୁଲିସ୍ ଉକ୍ତ ଘଟଣାର ପରଦା ହଟାଇବା ସହ ୧୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଜୁହାର ପରିବାରର ନୂଆଁଖାଇ ଭେଟଘାଟ୍



**ରେଢ଼ାଖୋଲ,୧୭।୯/ଏନ୍ଏନ୍ଏସ୍:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ରେଙ୍ଗାଲି ପଞ୍ଚାୟତ ସଦର ମହକୁମାରେ ତରଙ୍ଗିଣୀ ଆର୍ଟ ଓ ଜୁହାର ପରିବାର ମିଳିତ ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ମା' ସମଲେଇ ଓ ସୁରେଶ୍ୱରୀଙ୍କୁ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ବିଭିନ୍ନ ବର୍ଗକୁ ନେଇ ବହୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗାଁ ତଥା ଅଞ୍ଚଳର ବହୁ ବିବାହିତ ମହିଳା, ପୁରୁଷ, ଶିଶୁ ଓ ଯୁବକ ଯୁବତୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ଜୟବ୍ରତ ଦେ, ରେଢ଼ାଖୋଲ ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ରେଙ୍ଗାଲି ସରପଞ୍ଚ ସୈରେନ୍ଦ୍ରି ଭୋଇ, ସଂସ୍କୃତି ଗବେଷକ ଡାକ୍ତର ଦେବେନ୍ଦ୍ର ପ୍ରଧାନ, ବିଜେଡି ବ୍ଲକ୍ ସଭାପତି ଉଦିତ ତ୍ରିପାଠୀ, ଶିକ୍ଷାବିତ୍ ଲବଣୀଶ୍ୱର ଦେହୁରୀ, ଝଣ୍ଟୁ ସାହୁ, ବଡ଼ମାଳର ପୂର୍ବତନ ସରପଞ୍ଚ ଷଡ଼ାନନ ପ୍ରଧାନ, ମଧୁସୂଦନ ସାହୁ, ରାଜେନ୍ଦ୍ର ଜେନା, ସୌମିତ୍ରୀ ଜେନା ଓ ସୁବାଷ ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ନୂଆଁଖାଇ ଭେଟଘାଟ୍‌ର ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଅତିଥିମାନେ ନୂଆଁଖାଇର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହାୟତାରେ ଅନୁଷ୍ଠିତ ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରର ଭୀମଭୋଇ କଳା ନିକେତନ ଓ ସମ୍ବଲପୁର ପଡ଼ିଆବାହାଲର ସ୍ୱୟଂ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ଓ ଲୋକକଳା ପ୍ରଦର୍ଶନ ରାତି ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ତରୁଣ ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ସନତ କୁମାର ଧଳ ଓ ରାକେଶ ସେଠୀ ସଂଯୋଜନା କରିଥିଲେ। ଜୁହାର ପରିବାରର ସଦସ୍ୟ ଯଜ୍ଞପ୍ରସାଦ ସାହୁ, ଆଶିଷ ସାହୁ, ବିଜୟ ଜେନା, ବିନୋଦ ସେଠୀ, ସତ୍ୟବ୍ରତ ବେହେରା, ଜ୍ଞାନେନ୍ଦ୍ର ଜେନା, ସୂର୍ଯ୍ୟନାରାୟଣ ଜେନା ଓ ରାତ୍ର ଖୁଣ୍ଟୁଲି ପ୍ରମୁଖ ଦାୟିତ୍ୱ ବହନ କରିଥିଲେ।

# ମିଳିତ ଜନଶୁଣାଣି ଶିବିର



**ମାଲକାନଗିରି,୧୭।୯/ଏନ୍ଏନ୍ଏସ୍:** ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ କୋରୁକୋଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏକ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡ଼ି, ମାଲକାନଗିରି ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, କୋରୁକୋଣ୍ଡା ବିଡିଓ ଅମୂଲ୍ୟ ମହାପାତ୍ର ଓ ସହକାରୀ ଜିଲ୍ଲାପାଳ ପ୍ରୀତମ ଦେବତା ପ୍ରମୁଖ ମଞ୍ଚାସୀନ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ଜନସାଧାରଣଙ୍କ ସମସ୍ୟାର ସମୀକ୍ଷା ଏବଂ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶାସନର ସମସ୍ତ ବିଭାଗୀୟ ଅଧିକାରୀ ରାଜସ୍ୱ, ଯୋଗାଣ, ଗ୍ରାମ୍ୟ ଜଳଯୋଗାଣ, ବିଦ୍ୟୁତ୍, କୃଷି, ସାମାଜିକ ସୁରକ୍ଷା ଓ ଜନସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ମୋଟ୍ ୩୩ ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୬ଟି ବ୍ୟକ୍ତିଗତ ଏବଂ ୨୭ଟି ଗ୍ରାମ୍ୟଭିତ୍ତିକ ସମସ୍ୟା ରହିଥିଲା। ଏହି ଅବସରରେ ଗ୍ରାମାଞ୍ଚଳର ପାନୀୟଜଳ ଯୋଗାଣ, ଗ୍ରାମ୍ୟ ରାସ୍ତାଘାଟ ନିର୍ମାଣ, ବିଦ୍ୟୁତ୍ ସଂଯୋଗୀକରଣ, ସାମାଜିକ ସୁରକ୍ଷା ଭତ୍ତା, ରାସନ୍ କାର୍ଡ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଓ ଜମିପଟ୍ଟା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆଗତ ହୋଇଥିଲା। ସମସ୍ତ ପଞ୍ଜୀକୃତ ଅଭିଯୋଗକୁ ଗମ୍ଭୀରତାର ସହ ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏଗୁଡ଼ିକର ତ୍ୱରିତ ଓ ସକାରାତ୍ମକ ସମାଧାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

# ବିଚାରାଧୀନ କଏଦୀଙ୍କ ମୃତ୍ୟୁ, ଜେଲ୍ ସମ୍ମୁଖରେ ଧାରଣା

**ମାଲକାନଗିରି,୧୭।୯/ଏନ୍ଏନ୍ଏସ୍:** ମାଲକାନଗିରି ଜିଲ୍ଲା ଉପକାରାଗାରରେ ଜଣେ ବିଚାରଧୀନ କଏଦୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ଏନେଇ ମୃତକଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ମୃତଦେହକୁ ନେଇ ଜେଲ୍ ସମ୍ମୁଖରେ ଧାରଣା ଦେଇଛନ୍ତି। ମୃତକ ଜଣକ ହେଲେ ମାଲକାନଗିରି ଆଦର୍ଶ ଥାନା ଅନ୍ତର୍ଗତ କାଲାଗୁଡ଼ା ଗାଁର ଲକିନାଥ ବେହେରା। ଜେଲ୍‌ରେ ତାଙ୍କୁ ମାରି ଦିଆଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଜେଲ୍ କର୍ତ୍ତୃପକ୍ଷ ଯେ କଏଦୀ ନିଜେ ଜୀବନ ହାରିଛନ୍ତି। ଏହାର ଭିଡିଓ ସିସିଟିଭିରେ ରେକର୍ଡ ହୋଇଛି। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ ୩ ମାସ ହେବ ଲକିନାଥଙ୍କୁ ଏକ ମାମଲାରେ ବିଚାରାଧୀନ କଏଦୀ ଭାବେ ମାଲକାନଗିରି ଜିଲ୍ଲା ଉପକାରାଗାରରେ ରଖାଯାଇଥିଲା। ଲକିନାଥ ବୁଧବାର ସକାଳେ ପରିବାର ସଦସ୍ୟଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ହେଲେ ହଠାତ୍ ଜେଲ୍‌ରେ ତାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଜେଲ୍ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ନଜଣାଇ ଲକିନାଥଙ୍କୁ ହସ୍ପିଟାଲ୍ ନେଇଥିଲେ। କୌଣସି ସୂତ୍ରରୁ ଖବରପାଇ ପରିବାର ଲୋକ ହସ୍ପିଟାଲ୍‌ରେ ପହଞ୍ଚି ଲକିନାଥଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ। ଅନ୍ୟପଟେ ବିଳମ୍ବିତ ରାତିରେ ଲକିନାଥଙ୍କ ପରିବାର ଲୋକ ଓ କାଲାଗୁଡ଼ା ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପୁଲିସ୍ ଉପସ୍ଥିତିରେ ମୃତଦେହକୁ ଷ୍ଟ୍ରେଚର୍‌ରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଜେଲ୍ ପର୍ଯ୍ୟନ୍ତ (୩ କିଲୋମିଟର୍) ମୁଖ୍ୟରାସ୍ତାରେ ଠେଲି ଠେଲି ଆଣିଥିଲେ। ଜେଲ୍ ମୁଖ୍ୟ ଫାଟକ ସାମ୍ନାରେ ମୃତଦେହ ରଖି ଜେଲ୍ ପରିସରକୁ ଘେରାଉ କରିଥିଲେ। ପରେ ଘଟଣାସ୍ଥଳକୁ ମାଲକାନଗିରି ଏସ୍‌ଡିପିଓ ଓ ପୁଲିସ୍ ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ



ସେଠାରେ ପରିସ୍ଥିତି ଅଣାୟତ୍ତ ହେବାରୁ ୧ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରିବାକୁ ପଡ଼ିଥିଲା। ପରେ ଘଟଣାସ୍ଥଳରେ ମାଲକାନଗିରି ଅତିରିକ୍ତ ଏସ୍‌ପି ରାଜ୍ କିଶୋର ଦାଶ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ମାଲକାନଗିରି ଉପକାରାଗାରର ଜେଲର୍ ଦିଲ୍ଲୀପ କୁମାର ବେହେରା କହିଛନ୍ତି ଯେ ମୃତ ବିଚାରାଧୀନ କଏଦୀ ଲକିନାଥ ବେହେରା ଏକ ମାମଲାରେ ଗିରଫ ହେବା ପରେ କୁଡୁମୁଲୁଗୁମା ଜେଏମ୍ଏଫ୍‌ସି କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ମାଲକାନଗିରି ଜେଲ୍‌କୁ ପଠାଯାଇଥିଲା। ପରେ ସେପ୍ଟେମ୍ବର ୭ ତାରିଖରେ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟକୁ ବିଚାର ପାଇଁ ମାମଲା ଆସିଛି ଏବଂ ସେ ଓକିଲ ବଦଳାଇବା ପାଇଁ ବି କହିଥିଲେ। ଏହାସହ ଗତ ୧୨ ତାରିଖରେ ତାଙ୍କ ପରିବାର ଲୋକ ଦେଖା କରିବାକୁ ଆସିଥିଲେ। ବୁଧବାର ପରିବାର ଲୋକଙ୍କ ସହ ଫୋନ୍ ଯୋଗେ ମଧ୍ୟ କଥା ହୋଇଥିଲେ। ପରେ ସେ ଜେଲ୍ ଭିତରେ ଜୀବନ ହାରିଛନ୍ତି। କେଉଁ କାରଣରୁ ସେ ଜୀବନ ହାରିଛନ୍ତି ତାହା ଜଣାପଡ଼ି ନାହିଁ। ତାଙ୍କ ପରିବାର ଲୋକ ଆଣିଥିବା ଅଭିଯୋଗ ମିଥ୍ୟା। ସେ ଜୀବନ ହାରିବା ବେଳର ଭିଡିଓ ସିସିଟିଭିରେ ରେକର୍ଡ ହୋଇଛି। ଯଦି ପରିବାର ଲୋକ ଦେଖିବାକୁ ଚାହାନ୍ତି ସେମାନେ ସିସିଟିଭିରେ ରେକର୍ଡ ଦେଖିପାରିବେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଯାଇଛି।

# ସ୍ତ୍ରୀ ହତ୍ୟା ମାମଲାରେ ଆଜୀବନ ଜେଲ୍

**ରାୟଗଡ଼ା,୧୭।୯/ଏନ୍ଏନ୍ଏସ୍:** ସ୍ତ୍ରୀ ହତ୍ୟା ମାମଲାରେ ଗୁରୁନାଥ ଗୌଡ଼ଙ୍କୁ ଦୋଷୀ ସାବ୍ୟସ୍ତ କରି ରାୟଗଡ଼ା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅଲ୍ପନା ସ୍ୱାଇଁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ଆଦେଶ ହୋଇଛି। ଅଭିଯୋଗ ଅନୁଯାୟୀ ୨୦୨୪ରେ ଗୁରୁନାଥ ତାଙ୍କ ସ୍ତ୍ରୀ ପୁଷ୍ପା ଗୌଡ଼ଙ୍କୁ ଟାଙ୍ଗିଆରେ ଆକ୍ରମଣ କରି ହତ୍ୟା କରିଥିଲେ। ଏହି ମାମଲାରେ ମୋଟ୍ ୧୪ ଜଣ ସାକ୍ଷୀଙ୍କ ବୟାନ ଗ୍ରହଣ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ଭାବେ ସୂର୍ଯ୍ୟ ପ୍ରକାଶ ନାଏକ ଓ ପ୍ରଶାନ୍ତ କୁମାର ସ୍ୱାଇଁ ମାମଲାର ତଦନ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ରଜତ ରଞ୍ଜନ ଖଟୁଆ ଓ ସହଯୋଗୀ ଆଇନଜୀବୀ ଏସ୍ ଏନ୍ ପ୍ରଧାନ ମାମଲା ପରିଚାଳନା ସହ ଯୁକ୍ତି ଉପସ୍ଥାପନ କରିଥିଲେ।

## ଧର୍ମପରାୟଣାଙ୍କ ବିୟୋଗରେ ଶୋକ



**କାଣ୍ଟିଲୋ,୧୭।୯/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡୁସାହୁ ପାଟଣା ବଡ଼ସାହି ନିବାସୀ ଧର୍ମପରାୟଣା ମହିଳା ସତ୍ୟଭାମା ସାହୁ(୮୦)ଙ୍କ ପରଲୋକରେ ଶୋକ ପ୍ରକାଶ ପାଇଛି। ବାର୍ଦ୍ଧକ୍ୟଜନିତ ରୋଗରେ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ବିୟୋଗ ଘଟିଥିଲା। ସେ ଜଣେ, ଭଦ୍ର, ଅମାୟିକ, ସ୍ନେହୀ, ପରୋପକାରୀ ମହିଳା ହୋଇଥିବାରୁ ତାଙ୍କ ମୃତ୍ୟୁରେ ଗାଁରେ ଶୋକର ଛାୟା ଖେଳିଯାଇଛି।

ନିତିଦିନ NITIDIN

# ସୂର୍ଯ୍ୟମନ୍ଦିରରେ ଦିବ୍ୟାଙ୍ଗ ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ବନ୍ଦ

**କୋଣାର୍କ,୧୭।୯/ଏନ୍‌ଏନ୍‌ଏସ୍:** ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିରକୁ ଦେଶବିଦେଶ ପର୍ଯ୍ୟଟକଙ୍କ ସୁବିଧା ଯାତାୟାତ ପାଇଁ ଓ ଜରୁରୀକାଳୀନ ସମୟରେ ପର୍ଯ୍ୟଟକ ସୁରକ୍ଷାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କ ପରାମର୍ଶକ୍ରମେ ଏଏସଆଇର ସ୍ୱତନ୍ତ୍ର ଟିମ୍‌ର ଅନୁଧ୍ୟାନ ପରେ ସୂର୍ଯ୍ୟମନ୍ଦିର ଉତ୍ତରପୂର୍ବ କୋଣ ନବଗ୍ରହ ସମ୍ମୁଖରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ସ୍ୱତନ୍ତ୍ର ଜରୁରୀକାଳୀନ ପ୍ରସ୍ଥାନ ଗେଟ୍ ସହିତ ଦିବ୍ୟାଙ୍ଗ ପର୍ଯ୍ୟଟକଙ୍କ ପ୍ରସ୍ଥାନ ପାଇଁ ରାମ୍ପ୍ ବ୍ୟବସ୍ଥା ରହିତ ଗେଟ୍ ଖୋଲାଯାଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପର୍ଯ୍ୟଟକମାନେ ଉକ୍ତ ଗେଟ୍‌ରେ ସୂର୍ଯ୍ୟମନ୍ଦିର ବୁଲି ସାରି ସୁଗମ ପ୍ରସ୍ଥାନ କରୁଥିଲେ। ମାତ୍ର ଅଚାନକ ଏଏସଆଇ ପୁରୀ ସର୍କଲ ସୁପରିଟେଣ୍ଡେଣ୍ଟ ମିଲନ କୁମାର ଚାଉଲେଙ୍କ ନିର୍ଦ୍ଦେଶକ୍ରମେ ଆଜି ଗୁରୁବାର ମଧ୍ୟାହ୍ନରୁ ସୂର୍ଯ୍ୟମନ୍ଦିରର



ପ୍ରସ୍ଥାନ ଗେଟ୍‌କୁ ସବୁଦିନ ପାଇଁ ବନ୍ଦ କରିଦିଆଯାଇଛି। ପର୍ଯ୍ୟଟକମାନଙ୍କୁ ପୂର୍ବପରି ସୂର୍ଯ୍ୟମନ୍ଦିରର ସମ୍ମୁଖ ଥିବା ଏକମାତ୍ର ପ୍ରବେଶ ଗେଟରେ ପ୍ରବେଶ ଓ ପ୍ରସ୍ଥାନ କରିହେବ। ସୂଚନାଯୋଗ୍ୟ କି ଆଗାମୀ ପର୍ଯ୍ୟଟନ ଋତୁରେ ଲକ୍ଷାଧିକ ପର୍ଯ୍ୟଟକ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିବାକୁ ଥିବାରୁ ଭିଡ଼କୁ ଦୃଷ୍ଟିରେ ରଖି ଏଏସଆଇ ପକ୍ଷରୁ କି ବ୍ୟବସ୍ଥା ମୁଖ୍ୟ ଗେଟ୍‌ରେ ହେବ ତାକୁ ନେଇ ଚିନ୍ତା ପ୍ରକାଶ ପାଉଛି। ବିଶେଷ ଭାବେ ଦିବ୍ୟାଙ୍ଗ ପର୍ଯ୍ୟଟକ ଭିଡ଼ରେ କିପରି ସୁରକ୍ଷିତ ପ୍ରସ୍ଥାନ କରିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ସୂର୍ଯ୍ୟମନ୍ଦିର ସ୍ଥାନୀୟ ଅଧିକାରୀ ତ୍ରୈଲୋକନାଥ ବେହେରାଙ୍କୁ ପଚାରିବାରେ ସେ ଏଏସ୍‌ଆଇର ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ବନ୍ଦ କରାଯାଇ ମୁଖ୍ୟ ପ୍ରବେଶ ଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଶୋଇଥିବା ବେଳେ ଘରୁ ଚୋରି

**ମୁଣ୍ଡମୁହାଣ,୧୭।୯/ଏନ୍‌ଏନ୍‌ଏସ୍:** ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଘରେ ପଶି ଏକ ବାଇକ, ଦୁଇଟି ମୋବାଇଲ ଓ ପର୍ସରେ ଥିବା ୪୭ହଜାର ଟଙ୍କା ଚୋରି କରିଥିବା ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ ହୋଇଛି। ଚୋରିର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ଇନଫୋଭ୍ୟାଲି ଥାନା ଗଙ୍ଗାପଡ଼ା ପଞ୍ଚାୟତ ଭାଡ଼ଖୁରୀ ଗ୍ରାମର ମୁରଲୀଧର ମହାକୁଡ଼। ମିଳିଥିବା ସୂଚନା ଅନୁସାରେ ଗତକାଲି ମୁରଲୀ ଘରେ ଏକାକି ଥିଲେ। ସେ ଶୋଇଥିବା ବେଳେ ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଘରେ ପଶି ଏକ ବାଇକ, ଦୁଇଟି ମୋବାଇଲ ଓ ପର୍ସରେ ସହ ୪୭ହଜାର ଟଙ୍କା ଚୋରି କରି ନେଇଯାଇଥିଲେ। ମୁରଲୀ ଉଠି ଚୋରି ହୋଇଥିବା ଜାଣି ଏ ନେଇ ଇନଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପରେ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରି ଘଟଣାର ତଦନ୍ତ ଚଳାଉଛି।

## ଯୁବତୀଙ୍କୁ ବ୍ଲାକ୍‌ମେଲ୍ କରି ଠକେଇ, ଅଭିଯୁକ୍ତ ଗିରଫ

**ମୁଣ୍ଡମୁହାଣ,୧୭।୯/ଏନ୍‌ଏନ୍‌ଏସ୍:** ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଦୁଷ୍କର୍ମ କରିବା ପରେ ବ୍ଲାକମେଲ୍ କରି ଲକ୍ଷାଧିକ ଟଙ୍କା ଓ କାର୍ ଠକି ନେବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୁଲିସ ଅଭିଯୁକ୍ତ ପ୍ରେମିକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ତମାଣ୍ଡୋ ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ କାମ କରୁଥିବା ଭଦ୍ରକ ଜିଲ୍ଲା ସଦରଙ୍ଗ ଥାନା ବେନ୍ତାଳ ଗ୍ରାମର ରାଜେଶ କୁମାର ନାଏକ। ମିଳିଥିବା ସୂଚନା ଅନୁସାରେ ରାଜେଶ ଓ ପୀଡ଼ିତା ତମାଣ୍ଡୋ ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ଏକାଠି କାମ କରିବା ଭିତରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଉଭୟଙ୍କ ମଧ୍ୟରେ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ରାଜେଶ ଉତ୍ତୋଳନ କରିଥିଲେ। ପରେ ଯୁବତୀ ଜଣକ ବିବାହ କରିବାକୁ ରାଜେଶଙ୍କୁ ବାରମ୍ବାର କହିଥିଲେ। ରାଜେଶ ଯୁବତୀଙ୍କୁ ଫଟୋ ଭିଡିଓ ଦେଖାଇ ପ୍ରଘଟ କରିଦେବାକୁ ଧମକ ଦେଇ ବ୍ଲାକମେଲ୍ ଆରମ୍ଭ କରିଥିଲେ। ଯୁବତୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ଏ ନେଇ ସଂପୃକ୍ତା ଯୁବତୀ ଜଣକ ଇନ୍‌ଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ନିକଟରୁ ଏକ କାର୍ ଜବତ କରିବା ସହ ଗିରଫ କରି ଅଦାଲତ ଚାଲାଣ କରିଥିବା ଜଣାପଡ଼ିଛି।

**AFFIDAVIT**

I Rajan Kanta Das Resident At-Flat No-B/G/07, B-Block,Grand Awaas, Behind Grand Bazar, Bamphakuda, PO-Phulnakhara, Dist- Kataka-754001, Odisha declare by this Affidavit No.98656, Dtd-11.09.2026 that now onwards I shall be known as **RAJANI KANTA DAS** for all future purposes.

**AFFIDAVIT**

By virtue of an affidavit sworn before **(Executive Magistrate, Puri** dated: **17.09.2026** I, **Prabhas Majhi (new name)**, Address **At: Areda, Po.: Rebana Nuagaon, Ps.: Puri Sadar, Dist.- Puri, State: Odisha, Pin: 752011** declare that I have changed my name from **Anant Majhi (Old Name)** to **Prabhas Majhi (New Name).** Henceforth, I shall be known as **Prabhas Majhi (New Name)** for all purposes.

Sd/-
Prabhas Majhi (New Name)

**AFFIDAVIT**

I SHEIKH AMIR ALI S/O- SHEIKH AJGAR ALI Resident At- Kokilapur, PO- Piteipur, PS- Jagatsinghpur, Dist- Jagatsinghpur, Pin-754106, Odisha declared by this Affidavit No.6967 Dtd. 17.09.2026 that now onwards I shall be known as **SK AMIR ALI** S/O- SKAJGARALI.

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଡେଲାଙ୍ଗ,୧୭।୯/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ବ୍ଲକର ଅରିସଲ ପଞ୍ଚାୟତ ଅନ୍ତର୍ଗତ କୁଆଁରସାହି ଗ୍ରାମରେ ଜଣେ ୭୬ବର୍ଷ ବୟସର ବୃଦ୍ଧ ଅଦ୍ୱୈତ ପରିଡା(୭୬)ଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ବୁଧବାର ସକାଳୁ ନିକଟସ୍ଥ ପୋଖରୀକୁ ସୌଚ ହେବାକୁ ଯାଇଥିଲେ। ହେଲେ ସେ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ଅଦ୍ୱୈତଙ୍କ ଖୋଜଖବର ପାଇନଥିଲେ। ଗୁରୁବାର ସକାଳୁ ବୃଦ୍ଧ ଜଣକ ପୋଖରୀରେ ଭାସୁଥିବାର ଦେଖି ପରିବାର ଓ ଗ୍ରାମବାସୀ ତାଙ୍କ ମୃତଦେହ ଉଦ୍ଧାର କରିବା ସହ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଡେଲାଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିବା ଜଣାପଡ଼ିଛି।

## ବାଇକ୍ ଯାଞ୍ଚ: ୨୨ହଜାର ଟଙ୍କା ଜୋରିମାନା ଆଦାୟ

**ନୟାହାଟ,୧୭।୯/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ସାହୁ ବୁଧବାର ୪୦ ଗୋଟି ବାଇକ୍ ଯାଞ୍ଚ କରି ୨୨ହଜାର ଟଙ୍କା ଚାଲାଣ କାଟିଥିବା ସୂଚନା ମିଳିଛି। ଗୋପ ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ନୟାହାଟ ବଜାର ରାସ୍ତା ଉପରେ ବାଇକ ରଖି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବା ବାଇକ୍‌ଚାଳକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇଥିବାରୁ ଗାଡିଚାଳକଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ନୟାହାଟ ପୁଲିସ୍‌ର ଏଭଳି ପଦକ୍ଷେପକୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପ୍ରଶଂସା କରାଯାଇଛି।

## ପାଇପ୍ ଚୋରି ଘଟଣାର ପର୍ଦ୍ଦାଫାସ୍, ୩ ଅଭିଯୁକ୍ତ ଗିରଫ

**ଖୋର୍ଦ୍ଧା,୧୭।୯/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲାର ଗଡ଼ଖୋରଧା ଅଞ୍ଚଳରେ ଷ୍ଟକ୍‌ୟାର୍ଡରୁ ଡିଆଇ ପାଇପ ଚୋରି ଘଟଣାରେ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିବା ସହ ୧୫ଟି ଚୋରି ହୋଇଥିବା ଡିଆଇ ପାଇପ୍ ଉଦ୍ଧାର କରିଛି। ଚୋରି ସାମଗ୍ରୀ ଗ୍ରହଣ କରିବା ଏବଂ ଏହାର ବିନିମୟରେ ଟଙ୍କା ଦେବା ଅଭିଯୋଗରେ ମଧ୍ୟ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି। ମାମଲାରେ ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗଡ଼ଖୋରଧାରେ ମା' ଗଡ଼ଚଣ୍ଡୀ ମନ୍ଦିର ସମ୍ମୁଖରେ ଥିବା ଏକ ଷ୍ଟକ୍‌ୟାର୍ଡରୁ ଡିଆଇ ପାଇପ ଚୋରି ହୋଇଥିବା ନେଇ ଅଭିଯୋଗ ମିଳିଥିଲା। ସ୍ୱଚ୍ଛ ଏନଭାଇରନମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ପାର୍ଥ ରାୟ ଏନେଇ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଥାନାରେ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରି ଚୋରିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲା। ତଦନ୍ତ ସମୟରେ ଚୋରି ହୋଇଥିବା ପାଇପ୍‌ଗୁଡ଼ିକର ସନ୍ଧାନ ମିଳିବା ସହ ଏହାକୁ ଚୋରି କରିଥିବା ଏବଂ ଚୋରି ସାମଗ୍ରୀ ଗ୍ରହଣ କରିଥିବା ବ୍ୟକ୍ତିମାନେ ପୁଲିସ ଜାଲରେ ପଡ଼ିଥିଲେ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଜଟଣୀ ଥାନା ଅନ୍ତର୍ଗତ ଦେଉଳବସ୍ତା ଗ୍ରାମର ଗୁଣ୍ଡିଚା ଓରଫ ସୁଶାନ୍ତ ସାମନ୍ତରାୟ(୪୨) ରହିଛନ୍ତି। ସେ ଖୋରଧା ସହର ଅଞ୍ଚଳରେ ପାଇପ୍ ଫିଟର ଓ ପ୍ଲମ୍ବର ଭାବେ କାମ କରୁଥିବା ପୁଲିସ କହିଛି। ଦ୍ୱିତୀୟ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲା ସୁତାହାଟା ଥାନା ଅଞ୍ଚଳର ନନ୍ଦରାମପୁର ଗ୍ରାମର ସାହାଦେବ ବରାଳ(୬୪)। ସେ ପାଇପ୍‌ଲାଇନ୍ କାମରେ ଟେକ୍ନିସିଆନ୍ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସେହିପରି ଖୋରଧା ମଡେଲ ଥାନା ଅନ୍ତର୍ଗତ ତଳସାହିର ଶିବପ୍ରସାଦ ସେଠୀ(୪୫)ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ପୁଲିସ ତଦନ୍ତ ଅନୁଯାୟୀ, ଶିବ ପ୍ରସାଦ ଗୁଣ୍ଡିଚା ଓରଫ ସୁଶାନ୍ତଙ୍କଠାରୁ ଚୋରି ହୋଇଥିବା ପାଇପ୍ ଗ୍ରହଣ କରିଥିଲେ। ଏହା ବଦଳରେ ସେ ୪୫ହଜାର ଟଙ୍କା ପ୍ରଦାନ କରିଥିବା ପୁଲିସ ପକ୍ଷରୁ କୁହାଯାଇଛି। ତଦନ୍ତ ବେଳେ ପୁଲିସ ଚୋରି ହୋଇଥିବା ୧୫ଟି ଡିଆଇ ପାଇପ୍ ଉଦ୍ଧାର କରିଛି। ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଚୋରି ସାମଗ୍ରୀ କାରବାର ସମ୍ପର୍କରେ ଅଧିକ ତଥ୍ୟ ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ଗିରଫ ତିନି ଅଭିଯୁକ୍ତଙ୍କୁ ଆଜି ଆଇନାନୁସାରେ କୋର୍ଟରେ ହାଜର କରାଯାଇ ଚାଲାଣ କରାଯାଇଛି। ଘଟଣାରେ ଉଦ୍ଧାର ହୋଇଥିବା ପାଇପ୍‌ଗୁଡ଼ିକୁ ପୁଲିସ ଜବତକରି ପରବର୍ତ୍ତୀ ତଦନ୍ତ ପ୍ରକ୍ରିୟା ଜାରି ରଖିଛି।

## ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ଶୋକ

**ଅସ୍ତରଙ୍ଗ,୧୭।୯/ଏନ୍‌ଏନ୍‌ଏସ୍:** ଶିକ୍ଷକଙ୍କ ବିୟୋଗରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅସ୍ତରଙ୍ଗ ନୋଡାଲ ପ୍ରାଥମିକ ସ୍କୁଲ୍‌ର ସହକାରୀ ଶିକ୍ଷକ ହେଉଛନ୍ତି ଜଟିନ୍ଦ୍ର କୁମାର ବିଶ୍ୱାଳ। ସମସ୍ତଙ୍କର ପ୍ରିୟ ଜଟି ସାର୍। ଏହି ସରଳ, ନିଷ୍କପଟ, ଦରଦୀ ମଣିଷ ନିଜ ହାତରେ ତିଆରି କରିଛନ୍ତି ଅନେକ ମଣିଷଙ୍କୁ। ଆଉ ତିନି ମାସ ପରେ ଚାକିରିରୁ ଅବସର ନେଇଥାନ୍ତେ। କିନ୍ତୁ ଭାଗ୍ୟର ଓଲଟା ଗତିରେ ଏବେ ନିରବୀ ଗଲେ। ଅଗ୍ରଣୀ ସଂଗଠନ ଅସ୍ତରଙ୍ଗର ସବୁଜ ଶାଖାରେ ଦିଗମ୍ବତ ସାର୍‌ଙ୍କ ସ୍ମୃତିରେ ଏକ ଶୋକସଭା ପାଳନ କରାଯାଇ ସ୍ମୃତିଚାରଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ସାଂସଦ ପ୍ରତିନିଧି ଦିବାକର ଛାଟୋଇ, ହୃଷିକେଶ ଛାଟୋଇ, ଶିକ୍ଷାବିତ ରବୀନ୍ଦ୍ର ମହାନ୍ତି, କାଳନ୍ଦୀ ଚରଣ ଛାଟୋଇ, ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା, ପ୍ରକାଶ ବେହେରା, ପ୍ରଦୀପ୍ତ ତ୍ରିପାଠୀ, ସବୁଜ ଶାଖାର ସଭାପତି ରମାକାନ୍ତ ବସ୍ତିଆ, ହୃଷିକେଶ ମୁଦୁଲି ଯୁଗଳ କିଶୋର ମହାନ୍ତି, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡିଙ୍କ ସମେତ ଅନେକ ଛାତ୍ରଛାତ୍ରୀ, ନେତା, ଜନତା ଓ ଶିକ୍ଷାବିତ, ବୁଦ୍ଧିଜୀବୀ, ସମାଜସେବୀ ଯୋଗଦାନ କରିଥିଲେ।

## ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକଙ୍କ ପରଲୋକ

**ଖଣ୍ଡପଡ଼ା,୧୭।୯/ଏନ୍‌ଏନ୍‌ଏସ୍:** ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ତଥା ଜଣେ ଦକ୍ଷ ସଂଗଠକ ଓ ଆଦର୍ଶ ଶିକ୍ଷକ ଭାବେ ସୁପରିଚିତ ବିଭୁପ୍ରସାଦ ସାହୁ(୫୩)ଙ୍କର ମଙ୍ଗଳବାର ରାତି ୧୦ଟା ୪୫ ମିନିଟ ସମୟରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଫତେଗଡ଼ ଗ୍ରାମସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶିକ୍ଷକ ସ୍ୱର୍ଗତ ସାହୁଙ୍କ ବିୟୋଗରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସମସ୍ତ ସଦସ୍ୟଙ୍କ ସମେତ ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳରେ କର୍ତ୍ତବ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଗଭୀର ଦୁଃଖପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ସାହୁଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

**ପୂର୍ବ ତଟ ରେଳପଥ**

**ନଭେମ୍ବର ଏବଂ ଡିସେମ୍ବର – 2026 ପାଇଁ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ**

ଇ-ନିଲାମର ଅନୁସୂଚୀ

| ମାସ | ନିଲାମ ପରିଚାଳନା ୟୁନିଟ୍ | ନିମ୍ନରେ ଉଲ୍ଲେଖ କରାଯାଇଥିବା ତାରିଖ: | | | | |
|---|---|---|---|---|---|---|
| ନଭେମ୍ବର-2026 | ମଞ୍ଚେଶ୍ୱର ଡିପୋ | 02 | 09 | 16 | 23 | |
| | ଖୋର୍ଦ୍ଧା ରୋଡ୍ ମଣ୍ଡଳ | 03 | 10 | 17 | 25 | |
| | ରାୟଗଡ଼ା ମଣ୍ଡଳ | 04 | 11 | 18 | 25 | |
| | ସମ୍ବଲପୁର ମଣ୍ଡଳ | 05 | 12 | 19 | 26 | |
| ଡିସେମ୍ବର-2026 | ମଞ୍ଚେଶ୍ୱର ଡିପୋ | 01 | 07 | 14 | 21 | 28 |
| | ଖୋର୍ଦ୍ଧା ରୋଡ୍ ମଣ୍ଡଳ | 02 | 08 | 15 | 22 | 29 |
| | ରାୟଗଡ଼ା ମଣ୍ଡଳ | 03 | 09 | 16 | 23 | 29 |
| | ସମ୍ବଲପୁର ମଣ୍ଡଳ | 04 | 10 | 17 | 24 | 30 |


[illegible] www.ireps.gov.in [illegible]

PR - 448/R/26-27 ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ-I, [illegible]

## ପାନଦୋକାନରୁ ମଦ ଜବତ, ଜଣେ ଗିରଫ

**ନୟାହାଟ,୧୭।୯/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ପୋଲିସ ବୁଧବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏକ ପାନଦୋକାନରୁ ୨୪ବୋତଲ ଦେଶୀ ମଦ ଜବତ କରିବା ସହିତ ଦିଲ୍ଲୀପ ଭୋଇ ନାମକ ଜନୈକ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ ଧୁମାଳ ପଞ୍ଚାୟତ ନୂଆ ଭୋଇସାହି ଗ୍ରାମର ଦିଲ୍ଲୀପ ଭୋଇ ପ୍ରାଚୀ ନଦୀ କୂଳରେ ଏକ ପାନ ଦୋକାନ କରି ଦୀର୍ଘଦିନ ହେଲା ଚୋରା ମଦ ବେପାର କରିଆସୁଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ସାହୁ ସଦଳବଳେ ଚଢ଼ାଉକରି ଏକ ପେଟି ଦେଶୀ ମଦ ଜବତ କରିଥିଲେ। ଏ ନେଇ ଗୋପ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ଶ୍ରୀଧର ମଲିକ ସଂପୃକ୍ତ ଦୋକାନୀ ଦିଲୀପଙ୍କୁ ଗୁରୁବାର କୋର୍ଟଚାଲାଣ କରିଥିବା ସୂଚନା ମିଳିଛି।

## ଶତାୟୁଙ୍କ ବିୟୋଗରେ ଶୋକ



**କୋଣାର୍କ,୧୭।୯/ଏନ୍‌ଏନ୍‌ଏସ୍:** କୋଣାର୍କ ଥାନା ଅନ୍ତର୍ଗତ ବନାଖଣ୍ଡି ପଞ୍ଚାୟତ ମାଙ୍କରଗୋରଡି ଗ୍ରାମର କୋଣାର୍କ ଅଂଚଳର ବିଶିଷ୍ଟ ହୋଟେଲ ବ୍ୟବସାୟୀ ମିଟୁ ପ୍ରଧାନଙ୍କ ପିତା କୁବେର ପ୍ରଧାନଙ୍କ ନିଜ ବାସଭବନରେ ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୧ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ପ୍ରଧାନ କୋଣାର୍କ ସମେତ ବନାଖଣ୍ଡି ପଞ୍ଚାୟତ ଅଞ୍ଚଳରେ ଜଣେ ଧର୍ମପରାୟଣ, ପରୋପକାରୀ, ମିଷ୍ଟଭାଷୀ ଲୋକ ଭାବେ ବେଶ୍ ପରିଚିତ ଥିଲେ। ସେ ଦୀର୍ଘ ୫୦ବର୍ଷ ଧରି କୋଲକତାର ଏକ ପ୍ରତିଷ୍ଠିତ କମ୍ପାନୀରେ ବୈଷୟିକ କର୍ମଚାରୀ ଭାବେ ଚାକିରି କରି ସଫଳତାର ସହ କାର୍ଯ୍ୟ କରିଥିଲେ। ମାଙ୍କରଗୋରଡି ଗ୍ରାମର ଏକ ମାତ୍ର ଶତାୟୁ ବୃଦ୍ଧ ଭାବେ ତାଙ୍କର ମୃତ୍ୟୁ ଖବର ସମସ୍ତଙ୍କୁ ଶୋକାକୁଳ କରିଦେଇଥିଲା। ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଜନପ୍ରତିନିଧି ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତ ପ୍ରଧାନଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଥିଲେ।

## ଖଜା ଗୋଦାମରେ ବଡ଼ଧରଣର ଚଢ଼ଉ

**ପୁରୀ,୧୭।୯/ଏନ୍‌ଏନ୍‌ଏସ୍:** ପୁରୀ ସହରର ବିଭିନ୍ନ ସ୍ଥାନରେ ଥିବା ଖଜା ଗୋଦାମ ଓ କାରଖାନା ଉପରେ ଗୁରୁବାର ସକାଳୁ ପୋଲିସ ପକ୍ଷରୁ ବଡ଼ଧରଣର ଚଢ଼ାଉ କରାଯାଇଛି। ସିଟି ଡିଏସପିଙ୍କ ନେତୃତ୍ୱରେ ଟାଉନ ଥାନା ପୋଲିସ, ଖାଦ୍ୟ ସୁରକ୍ଷା ବିଭାଗ ଏବଂ ଓଜନ ଓ ମାପ ବିଭାଗର ମିଳିତ ଟିମ୍ ଏହି ଅଭିଯାନ ଚଳାଇଛି। ଶ୍ରଦ୍ଧାଳୁମାନଙ୍କୁ ନିମ୍ନମାନର ଓ ଭେଜାଲ ଖଜା ଅଧିକ ଦାମରେ ବିକ୍ରି କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ଆସୁଥିବାରୁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଶ୍ରୀକୃଷ୍ଣ ସିନେମା ଲେନ୍, ବଡ଼ଦାଣ୍ଡ, ସ୍ୱର୍ଗଦ୍ୱାର ସମେତ ସହରର ବିଭିନ୍ନ ଅଞ୍ଚଳରେ ଥିବା ଖଜା ଗୋଦାମ ଓ କାରଖାନାରେ ଟିମ୍ ପକ୍ଷରୁ ଯାଞ୍ଚ ଜାରି ରହିଛି। ଚଢ଼ାଉ ସମୟରେ ଖଜାର ଗୁଣବତ୍ତା, ଓଜନରେ ହେର୍‌ଫେର୍, ପ୍ୟାକେଜିଂ ଏବଂ ଖାଦ୍ୟ ସୁରକ୍ଷା ଲାଇସେନ୍ସ ଯାଞ୍ଚ କରାଯାଉଛି। ଚଢ଼ାଉ ସମୟରେ ଜଣାପଡ଼ିଛି ଖଜା ନିମ୍ନମାନର ପାମୋଲିନ ତେଲରେ ପ୍ରସ୍ତୁତ ହେଉଥିବା ସହ ଏଥିରେ ମାରାତ୍ମକ ରାସାୟନିକ ରଙ୍ଗ ବ୍ୟବହାର କରାଯାଉଛି। ଯାଞ୍ଚ ବେଳେ ଭେଜାଲ କିମ୍ବା ନିମ୍ନମାନର ଖଜା ମିଳିଲେ ତାହାକୁ ଜବତ କରାଯିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଆଇନାନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଟି ଡିଏସପି ସୂଚନା ଦେଇଛନ୍ତି।

**OFFICE OF THE DIVISIONAL FOREST OFFICER**
**NAYAGADA DIVISION**
**Email:- dfo.Nayagada@odisha.gov.in**
**INVITATION FOR BIDS THROUGH e-Procurement**
**Bid Identification No. 01/2026-27**

8001/316/2627

*********

| | | | |
|---|---|---|---|
| 1. | Name of the work | : | Construction of different Buildings. |
| 2. | Total no of Works | : | 28 Nos |
| 3. | Estimated cost | : | Rs. 1078453/- |
| 4. | Class of Contractor | : | As Per TCN |
| 5. | Period of Completion | : | 5 (Five Calendar Months) |
| 6. | Type of tender | : | Single Cover Tender |
| 7. | Date and Time of availability of Bid documents in the portal | : | 05.30 P.M. of dated 17.09.2026 to 10.00 A.M. of dated 24.09.2026 |
| 8. | Last date/Time for receipt of bids in the portal | : | Dt. 24.09.2026 upto 10.00 AM |
| 9. | Submission of Original documents (TP cost, EMD, Affidavit etc as per DTCN) | : | During office hours from 10.30 A.M. on dt. 24.09.2026 to 28.09.2026 of 10.30 hrs in the office of the undersigned. |
| 10. | Date of opening of Bid through online | : | Dt. 28.09.2026 at 11.00 hrs in the office of the undersigned. |
| 11. | Name & address of the O.I.T (Officer Inviting tender) | : | Divisional Forest Officer. Nayagada Division, Nayagada. |

Further details can be seen from the e-procurement portalhttps://tendersodisha.gov.in.
**N.B. Subsequent corrigendum/addendum if required shall be available in the website as indicated above.**

Sd/-Divisional Forest Officer
Nayagada Division

OIPR-8001/8026/1/26-27/0003

**OFFICE OF THE MUNICIPAL COUNCIL , TITILAGARH**
(Deptt. of Housing & Urban Development, Govt. of Odisha)
At/Po/Ps - Titilagarh, Dist-Balangir-767033, e-mail : titilagarhmunicipality@gmail.com

Letter No. 2655 Date : 11.09.2026

**QUOTATION CALL NOTICE**

Sealed Quotations are invited from the intending contractor / sculpturist / architecture for construction various design like bamboo design **barricade/ Gazebo / water jharana** etc made up with RCC structure or civil structure as per requirement as per drawing supplied by the engineer in charge as detailed below in the prescribed Proforma. The Quotation should reach to the undersigned by 30.09.206 upto 12.00 Noon. and the same will be opened on the same day at 12.30 P.M. The quotationers or his authorized representative may attend at the time of opening . . The must attached the Photo Copy of GST number , PAN Card, contractor licence along with Rs 6000.00 in Demand Draft in favor of Executive Officer , Titilalagarh Municipality or in cash receipt of Titilagarh Municipality as (non refundable as )paper cost with the quotation schedule otherwise the same will be rejected. The photo copy picture are available at office undersigned and NIC bolangir portal for reference .

| Sl. No. | Description | Unit | Quantity | Rate / unit | Amount |
|---|---|---|---|---|---|
| 01 | Construction of Water Jharana of 18 feet long x 22 feet wide and x 12 feet height alongwith with fixing of 6 feet height Lord siva statue made up with RCC Structure at Swarga Dham ward no 15 as per the drawing and design supplied by the engineer in charge including all labour , material,cost,and conveyance etc complete as per direction of engineer in charge . | Single job | 1 | | |
| 02 | Construction of Art design at Boundary wall of Swarga Dham (stone cladding model ) maded up with cement plaster, colour punning as per drawing supplied by the engineer in charge including all labour , material,cost,and conveyance etc complete as per direction of engineer in charge . | sqft | 300 | | |
| 03 | Construction of Gazebo of 12 feet to 15 feet dia as per required design in drawing supplied by the office including labour , material,cost,and conveyance etc complete as per direction of engineer in charge . | Nos | 1 | | |
| 04 | Construction of bamboo design barricade made up with RCC structure design in drawing supplied by the office including labour , material, cost ,and conveyance etc complete as per direction of engineer i,n charge . | sqft | 300 | | |

The undersigned reserves the right to accept or reject any or all the Quotations without assigning reason thereof.

Sd/- Executive Officer
Titilagarh Municipality

OIPR-13001/13095/1/26-27/0013 13001/1860/2627

**GOVERNMENT OF ODISHA**
**DEPARTMENT OF WATER RESOURCES**
Office of the Superintending Engineer,
Bhanjanagar Irrigation Division, Bhanjanagar.
Phone No. 06821-291004, e-mail ID:- bajirrigation2010@gmail.com

32001/878/2627

**e-Procurement Notice No. e-BNID-03/2026-27 dated 09.09.2026**

| | | | |
|---|---|---|---|
| 1. | Name of work | : | Flood Protection, Building , Canal lining & Road works |
| 2. | Total No of works | : | 31 (Thirty One) nos. only. |
| 3. | Estimated cost | : | Rs.5.17 Lakh to 49.94 Lakh. |
| 4. | Period of completion | : | Varies from 02 (two) calendar months to 04(four) calendar months. |
| 5. | Date & time of availability of Bid Document in the portal | : | 10.00 A.M. of 18.09.2026 to 5.00 P.M. of 28.09.2026 |
| 6. | Last date/ Time for receipt of Bids in the Portal | : | 28.09.2026 upto 5.00 P.M. |
| 7. | Date and place of opening of Bid | : | 29.09.2026 at 10.00 A.M. in the office of the Superintending Engineer Bhanjanagar Irrigation Division Bhanjanagar |
| 8. | Date of Lottery | : | If situation arises, the date and time of lottery will be intimated to the eligible bidders through their E-mail ID later on. |
| 9. | Name and address of the O.I.T (Officer Inviting Tender) | : | Superintending Engineer Bhanjanagar Irrigation Division Bhanjanagar |

Further details can be seen from the e-Procurement Portal "https://tendersodisha.gov.in"

Sd/-Superintending Engineer
OIPR-32001/32010/1/26-27/0003 Bhanjanagar Irrigation Division, Bhanjanagar

**ZILLA SWASTHYA SAMITI, JAGATSINGHPUR**
Office of the CDM & PHO-cum-District Mission Director,
NHM, Jagatsinghpur, Odisha, 757001

10001/546/2627

Advt. No. 2565/NHM/2026-27 Dt. 17.09.2026

**Tender Call Notice**

Sealed tenders are invited from the interested eligible bidders for "TENDER FOR SELECTION OF NABL ACCREDITED LAB FOR QUALITY TESTING OF LINEN & WATER (USED ESPECIALLY IN DIALYSIS CENTERS) SAMPLES AT PUBLIC HEALTH FACILITIES". The eligible criteria, the terms of reference and the formats for submission of bid as set forth in the tender document can be downloaded from the website https://jagatsinghpur.odisha.gov.in. Interested bidders fulfilling the eligibility criteria may submit their proposals(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o : The CDM & PHO cum District Mission Director, Jagatsinghpur. Proposal(s) complete in all respect should reach the undersigned on the before 04.00 PM of dt: 05.10.2026 through Regd/Speed post / Courier and the same will be opened on 06.10.2026 at 11.00 AM. The undersigned reserves the right to reject any or all the tender(s) without assigning any reason thereof.

**Sd/- Chief District Medical & Public Health Officer**
OIPR-10001/10043/1/26-27/0007 **Jagatsinghpur**

## ଶିକ୍ଷକ ନେତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ନୟାଗଡ଼,୧୭।୯/ଏନ୍‌ଏନ୍‌ଏସ୍:** ରାଜ୍ୟ ପ୍ରାଥମିକ ସ୍କୁଲ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ତଥା ନୟାଗଡ଼ ଜିଲ୍ଲାର ବିଶିଷ୍ଟ ଶିକ୍ଷକ ନେତା ବିଭୂପ୍ରସାଦ ସାହୁଙ୍କ ଅକାଳ ବିୟୋଗରେ ଆଜି ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭରେ ସ୍ୱର୍ଗତ ବିଭୂପ୍ରସାଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଧୂପ-ପୁଷ୍ପ ଅର୍ପଣ କରାଯିବା ସହ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସ୍ମୃତିଚାରଣ ସଭାରେ ଉପସ୍ଥିତ ଶିକ୍ଷକବୃନ୍ଦ ମତବ୍ୟକ୍ତ କରିଥିଲେ ଯେ ବିଭୂପ୍ରସାଦ ଜଣେ ଦୂରଦୃଷ୍ଟିସମ୍ପନ୍ନ ଓ ସାଲିସବିହୀନ ଶିକ୍ଷକ ନେତା ଥିଲେ। ଶିକ୍ଷକ ସମାଜର ନ୍ୟାଯ୍ୟଯୁକ୍ତ ଅଧିକାର ଓ ସମସ୍ୟା ସମାଧାନ ଦିଗରେ ତାଙ୍କର ନିରନ୍ତର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ଶିକ୍ଷକ ଅଶୋକ ମଲ୍ଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶଙ୍କ ସମେତ ଶିକ୍ଷକ ନେତା ଶେଖ ଅବଦୁଲ ଖାଲିକ୍, ବଟକୃଷ୍ଣ ମିଶ୍ର, ପ୍ରମୋଦ ମହାପାତ୍ର, ଗତିକୃଷ୍ଣ ପ୍ରଧାନ, ନିତ୍ୟାନନ୍ଦ ମହାନ୍ତି, ବିପିନ ବିହାରୀ ଦାସ, ପୀତବାସ ପ୍ରଧାନ, ସନ୍ତୋଷ ସାହୁ, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ଭକ୍ତରଞ୍ଜନ ମିଶ୍ର, ଲକ୍ଷ୍ମୀଧର ସାହୁ, ଶ୍ରୀଧର ପରିଡ଼ା, ସୁରେଶ ସେଠି, ଅଶୋକ ପଣ୍ଡା, ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ୨୨କୁ ଘୁଞ୍ଚିଲା ...

ସଲିସିଟର ଜେନେରାଲ ତ୍ୱରିତ ଶୁଣାଣି ପାଇଁ ନିବେଦନ କରିଛନ୍ତି। ୟୁପିଏସସିକୁ ନାଁ ସୁପାରିସ କରିବାରେ ସରକାର କୌଣସି ତ୍ରୁଟି କରି ନାହାନ୍ତି। ପ୍ରକାଶ ସିଂ ରାୟ ଆଧାରରେ ନାମ ସୁପାରିସ୍ କରାଯାଇଛି। କୌଣସି ଠାରେ ସୁପ୍ରିମକୋର୍ଟ କହି ନାହାନ୍ତି କେତେ ଜଣଙ୍କ ନାଁ ସୁପାରିସ ହେବ। ୩ ଜଣଙ୍କ ନାଁ ସୁପାରିସ୍ ନେଇ କିଛି ଲୋକଙ୍କ ମଧ୍ୟରେ ଭ୍ରାନ୍ତ ଧାରଣା ରହିଛି। ଯଦି ଆମେ ୩ଟି ନାଁ ପଠାଇବୁ, ୟୁପିଏସସି ୩ଟି ନାଁ ଫେରାଇବ ତା'ହେଲେ କ'ଣ ହେବ। ସେ ଆହୁରି କହିଛନ୍ତି, ଏହି ମାମଲା ପଛରେ କିଛି ଅଫିସରଙ୍କ ଅଭିସନ୍ଧି ରହିଛି। ତେଣୁ ସରକାର ସମ୍ପୂର୍ଣ୍ଣ ଭାବେ ଆଇନସମ୍ମତ କାର୍ଯ୍ୟ କରିଛନ୍ତି। କିଏ ଡିଜିପି ହେବେ ତାହା ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ନିଜସ୍ୱ ନିଷ୍ପତ୍ତି। ଓଡ଼ିଶା ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ତଥା ୟୁପିଏସସି ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ କରି ମାମଲା ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ଯୁକ୍ତି କରିଛନ୍ତି ଯେ ୨୦୦୬ ମସିହାରେ ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ଐତିହାସିକ ରାୟକୁ ଉଲ୍ଲଂଘନ କରାଯାଇ ଏଡିଜି ପାହ୍ୟାର ଅଫିସରଙ୍କୁ ରାତାରାତି ପଦୋନ୍ନତି ଦେଇ ଡିଜି ପ୍ୟାନେଲରେ ସାମିଲ ପାଇଁ ବ୍ୟାକଡୋର ପ୍ରୟାସ ଚାଲିଥିବା ଅଭିଯୋଗ କରିଥିଲେ।

### ୩ ସପ୍ତାହ ପରେ ...

ଆବେଦନ ଖାରଜ ନିଷ୍ପତ୍ତିକୁ ସିଧାସଳଖ ଚ୍ୟାଲେଞ୍ଜ କରିବା ଓ ଆବେଦନରେ ଆବଶ୍ୟକ ସଂଶୋଧନ ଆଣିବାକୁ ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଓଡ଼ିଶା ସରକାର ନିଜର ନିଷ୍ପତ୍ତି ସମ୍ପର୍କରେ ସୁପ୍ରିମକୋର୍ଟଙ୍କୁ ଅବଗତ କରିବା ପରେ ସରକାରଙ୍କ ଖାରଜ ନିର୍ଦ୍ଦେଶନାମାର ଏକ ନକଲ ଦାରା ସିଂଙ୍କ ଓକିଲଙ୍କୁ ତୁରନ୍ତ ଯୋଗାଇଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏବେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିର ବୈଧତା ଉପରେ ସୁପ୍ରିମକୋର୍ଟରେ ପୁଣିଥରେ ଆଇନଗତ ଲଢ଼େଇ ଆରମ୍ଭ ହେବ ବୋଲି ସ୍ପଷ୍ଟ ହୋଇଛି। ସୁପ୍ରିମକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ଜଷ୍ଟିସ ମନୋଜ ମିଶ୍ର ଓ ଜଷ୍ଟିସ ବିଜୟ ବିଷ୍ଣୋୟୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ମାମଲାର ଶୁଣାଣି କରି ଓଡ଼ିଶା ସରକାରଙ୍କ ଅଗଷ୍ଟ ୩୧ ତାରିଖର ପ୍ରତ୍ୟାଖ୍ୟାନ ଆଦେଶକୁ ରେକର୍ଡଭୁକ୍ତ କରିଛନ୍ତି। ଦାରା ସିଂହଙ୍କ ଓକିଲ ଆଜି ଶୁଣାଣିବେଳେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ସଂଶୋଧିତ ପିଟିସନ ଦାଖଲ କରିବା ଲାଗି ଦୁଇ ସପ୍ତାହର ମହଲତ ଲୋଡ଼ିଥିଲେ। ସୁପ୍ରିମକୋର୍ଟ ଏହି ଅନୁରୋଧକୁ ଗ୍ରହଣ କରିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ତିନି ସପ୍ତାହ ପରେ ଧାର୍ଯ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ , ଦାରା ସିଂହଙ୍କ ଆଗୁଆ ମୁକ୍ତି ଆବେଦନ ଉପରେ ନିଷ୍ପତ୍ତି ନେବାରେ ରାଜ୍ୟ ସରକାର ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ବିଳମ୍ବ କରି ଆସୁଥିବାରୁ ପୂର୍ବ ଶୁଣାଣିଗୁଡ଼ିକରେ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। ବାରମ୍ବାର ସମୟ ମାଗିବା ଘଟଣାରେ ଅଦାଲତ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ ଯେ, ମାମଲାକୁ ଏଭଳି ଅନିର୍ଦ୍ଦିଷ୍ଟ କାଳ ପାଇଁ ଝୁଲାଇ ରଖାଯାଇ ପାରିବ ନାହିଁ ଓ ଯଦି ଆବେଦନ ଖାରଜ କରିବାର ଅଛି ତେବେ ତୁରନ୍ତ ତାହା ଉପରେ ସ୍ପଷ୍ଟ ନିଷ୍ପତ୍ତି ନେଉ ନଚେତ୍ ଆମେ ଦାୟିତ୍ୱରେ ଥିବା ସଚିବଙ୍କୁ ହାଜର ପାଇଁ ନୋଟିସ୍ ଦେବୁ। ସୁପ୍ରିମକୋର୍ଟଙ୍କ ଏହି କଡ଼ା ଚେତାବନୀ ପରେ ରାଜ୍ୟର ସେଣ୍ଟେନ୍ସ ରିଭ୍ୟୁ ବୋର୍ଡର ବୈଠକ ବସି ଶେଷରେ ଏହି ଆବେଦନକୁ ଅଗଷ୍ଟ ୩୧ରେ ଅଗ୍ରାହ୍ୟ କରିଦେଇଥିଲେ। ପୂର୍ବରୁ ୨୦୧୬, ୨୦୧୯, ୨୦୨୦, ୨୦୨୨ ଓ୨୦୨୩ରେ ୫ଥର ଦାରା ସିଂଙ୍କ ମୁକ୍ତି ଦାବି ପ୍ରତ୍ୟାଖ୍ୟାନ ହୋଇଥିବାବେଳେ ଏବେପୁଣି ଥରେ ରାଜ୍ୟ ସରକାର ଏହାକୁ ଖାରଜ କରିଛନ୍ତି।

### ଭୁବନେଶ୍ୱର ଡିସିପିଙ୍କ ...

କରିଥିଲେ। ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ଉପରେ ଅଧିକ ଚର୍ଚ୍ଚା-ଆଲୋଚନା ନକରିବାକୁ ମଧ୍ୟ ଗଣମାଧ୍ୟମକୁ ଅନୁରୋଧ କରିଥିଲେ। ନିଜର ୧୩ ବର୍ଷର ପୁଲିସ ସେବା କାର୍ଯ୍ୟକାଳ ମଧ୍ୟରେ ସେ ଅନୁଗୋଳ, ଗଞ୍ଜାମ ଓ ମାଲକାନଗିରି ଜିଲ୍ଲାରେ ପୁଲିସ ଏସପି ଭାବେ ଓ କଟକରେ ଡିସିପି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୨୫ ଫେବୃଆରୀ ୨୮ ତାରିଖରୁ ସେ ଭୁବନେଶ୍ୱରର ଡିସିପି ଭାବେ କାର୍ଯ୍ୟ କରୁଛନ୍ତି।

### ମୋଦୀ ହେଉଛନ୍ତି ...

କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ମାନବସେବା ଓ ତ୍ୟାଗର ଏକ ବିରାଟ ଜନ-ଆନ୍ଦୋଳନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଅବସରରେ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ୟୁନିଟ-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ମେଗା-ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ଏହାଛଡ଼ା ରକ୍ତଦାନ କରି ଗୋଟିଏ ଜୀବନ ବଞ୍ଚାଇବାର ଅନୁଭବ ଆମର ଉଚ୍ଚ ମାନବୀୟ ମୂଲ୍ୟବୋଧର ପରିଚୟ ପ୍ରଦାନ କରିଥାଏ। ବିଜ୍ଞାନ ଯେତେ ଆଗେଇଲେ ମଧ୍ୟ ରକ୍ତର କୌଣସି ବିକଳ୍ପ ନାହିଁ ଏବଂ ଏହା କୌଣସି କାରଖାନାରେ ତିଆରି ହୋଇପାରିବ ନାହିଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ପୂର୍ବରୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଏକ ଅଶୋକ ଗଛର ଚାରା ମଧ୍ୟ ରୋପଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ରକ୍ତ ଅଭାବରୁ ଯେପରି କୌଣସି ଜୀବନ ଅସମୟରେ ଝଡ଼ି ନପଡ଼େ, ସେଥିପାଇଁ ସରକାର ସଂକଳ୍ପବଦ୍ଧ। ଏହି ଶିବିରରେ ଆଜି ୮,୮୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ରାଜ୍ୟରେ ରକ୍ତ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୨୦୨୬-୨୭ ବଜେଟ୍‌ରେ ୫୦ କୋଟି ୫୪ ଲକ୍ଷ ଟଙ୍କାର ବ୍ୟୟବରାଦ ସହ 'ଅଟଳ ରକ୍ତଦାନ ଅଭିଯାନ' ଆରମ୍ଭ କରାଯାଇଛି। ଏହା ଅଧୀନରେ ନୂତନ ମେଡିକାଲ କଲେଜଗୁଡ଼ିକରେ ରକ୍ତଭଣ୍ଡାର ସ୍ଥାପନ ଏବଂ ପୁରୁଣା ରକ୍ତଭଣ୍ଡାରଗୁଡ଼ିକର ଆଧୁନିକୀକରଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟର ଯୁବଶକ୍ତିକୁ ଆହ୍ୱାନ ଦେଇ ସେ କହିଥିଲେ ଯେ, ଯୁବବର୍ଗ ନିଜ ଦୈନନ୍ଦିନ ଜୀବନରୁ କିଛି ସମୟ କାଢ଼ି ସମାଜସେବାରେ ନିୟୋଜିତ ହେବା ସହ ଦେଶସେବା ପାଇଁ ବ୍ରତୀ ହେବା ହିଁ ମୋଦୀଜୀଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହି ଅବସରରେ ନଗର ଉନ୍ନୟନ, ଗୃହ ନିର୍ମାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଆଜିର ଦିନଟି କୌଣସି ସାଧାରଣ ଦିବସ ନୁହେଁ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୀର୍ଘ ୨୫ ବର୍ଷର ନିସ୍ୱାର୍ଥପର ସେବା ଓ ସଂକଳ୍ପକୁ ସ୍ମରଣ କରିବାର ଏହା ଏକ ପବିତ୍ର ଅବସର। ଜଣେ ବ୍ୟକ୍ତିର ମୂଲ୍ୟବାନ୍ ଜୀବନ ବଞ୍ଚାଇବା ପାଇଁ ରକ୍ତଦାନ ଅତ୍ୟନ୍ତ ଆବଶ୍ୟକ, ସେଥିପାଇଁ ଆମ ସମସ୍ତଙ୍କ ମଧ୍ୟରେ ସେବା ଓ ସମର୍ପଣ ଭାବନା ରହିବା ଦରକାର। ଆଜି ଆୟୋଜିତ ହୋଇଥିବା ଏହି ରକ୍ତଦାନ ଶିବିର ରାଜ୍ୟରେ ରକ୍ତ ସଂଗ୍ରହ କ୍ଷେତ୍ରରେ ଏକ ନୂତନ ରେକର୍ଡ ସୃଷ୍ଟି କରିବ ବୋଲି ସେ ଦୃଢ଼ ପ୍ରକାଶ କରିଥିଲେ। ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି ଯେ, ଜଣେ ଜନପ୍ରତିନିଧି ଭାବେ କ୍ରମାଗତ ୨୫ ବର୍ଷ ଧରି ସଫଳତାର ସହ କାର୍ଯ୍ୟ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏକ ଅନନ୍ୟ ରେକର୍ଡ ସୃଷ୍ଟି କରିଛନ୍ତି। ସାଧାରଣ ଲୋକଙ୍କ ନିରବଚ୍ଛିନ୍ନ ସେବା ପାଇଁ ସେ ଆଜି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି, ଯାହାକୁ ସ୍ମରଣ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। କୋଭିଡ୍-୧୯ ମହାମାରୀ ପରଠାରୁ ରକ୍ତଭଣ୍ଡାରଗୁଡ଼ିକରେ ଯେଉଁ ରକ୍ତର ଅଭାବ ଦେଖାଦେଇଥିଲା, ଆଜିର ଏହି ବିଶାଳ ରକ୍ତଦାନ ଶିବିର ସେହି ଆବଶ୍ୟକତାକୁ ପୂରଣ କରିବାରେ ବେଶ୍ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଏକାମ୍ର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଯୁବନେତା ଅଭିଲାଷ ପଣ୍ଡା, ଦଳର ବରିଷ୍ଠ ନେତୃବୃନ୍ଦ, ରକ୍ତଦାତା, ଯୁବ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

### ୧୨ ଦୋଷୀଙ୍କୁ ...

ଚାଲାଣ କରିଥିଲା। ଏହି ମାମଲାର ଚୂଡ଼ାନ୍ତ ରାୟ ଗୁରୁବାର ପ୍ରକାଶ ପାଇଛି। ସମସ୍ତ ୧୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ କରିଛନ୍ତି କୋର୍ଟ। ଜରିମାନା ଅନାଦେୟ ସ୍ଥଳେ ଅଧିକ ୬ ମାସ ଲେଖାଏ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସରକାରୀ ଓକିଲ ରାଜେଶ ମିଶ୍ର ସୂଚନା ଦେଇଛନ୍ତି।

### ଓଡ଼ିଶାରେ ହେବ ...

ଓ ଫୋଟୋନିକ୍ସ ୟୁନିଟ୍, ସେନ୍‌ସର ଏବଂ ଡିସ୍‌ପ୍ଲେ ଫ୍ୟାବ୍ ଆଦି ସାମିଲ ରହିବ। ଅତ୍ୟାଧୁନିକ ପ୍ୟାକେଜିଂ ଏଟିଏମ୍‌ପି ଏବଂ ଓଏସ୍ଏଟି ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହା ଅଧୀନରେ ଓଡ଼ିଶାରେ ଏକ ୩ଡି ପ୍ୟାକେଜିଂ ୟୁନିଟ୍ ସ୍ଥାପନ କରାଯାଉଛି। ଶିଳ୍ପସଂସ୍ଥା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ସିଧାସଳଖ ସହଯୋଗ ମାଧ୍ୟମରେ ବ୍ୟାବହାରିକ ଗବେଷଣାକୁ ପ୍ରୋତ୍ସାହନ ଦେବା ସରକାରଙ୍କ ପ୍ରାଥମିକତା ରହିଛି। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତର ପରବର୍ତ୍ତୀ ପର୍ଯ୍ୟାୟର ଅଭିଯାନ ଅଧିକ ବ୍ୟାପକ ହେବ। ଦେଶରେ ଅତିକମ୍‌ରେ ୨୦୦ଟି ଷ୍ଟାର୍ଟଅପ୍ ଓ କମ୍ପାନୀକୁ ଚିପ୍ ଡିଜାଇନ କାର୍ଯ୍ୟରେ ସାମିଲ କରିବା ସହ ୧ ଲକ୍ଷ ଶିଳ୍ପ-ପ୍ରସ୍ତୁତ ସେମିକଣ୍ଡକ୍ଟର ଟେକ୍ନିସିଆନ୍ ଓ କର୍ମଚାରୀ ପ୍ରସ୍ତୁତ କରାଯିବ। ସେ ସୂଚନା ଦେଇ କହିଛନ୍ତି ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ସେମିକନ୍ ୧.୦ରେ ମୋଟ୍ ୧୦୫ଟି ଷ୍ଟାର୍ଟଅପ୍ ଅଂଶଗ୍ରହଣ କରିଥିଲେ ଏବଂ ୨୦ଟି ଷ୍ଟାର୍ଟଅପ୍ ପ୍ରାୟ ୮୦୦ କୋଟିର ଫଣ୍ଡିଂ ପାଇଥିଲେ। ସେମିକନ୍ ୧.୦ ଅଧୀନରେ ସରକାର ୧୨ଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିଲେ, ଯେଉଁଥିରୁ ୩ଟି ପ୍ରକଳ୍ପରେ ବ୍ୟାବସାୟିକ ଉତ୍ପାଦନ ଆରମ୍ଭ ହୋଇସାରିଛି।

# ସେବା ସଂକଳ୍ପ ଅଭିଯାନରେ 'ଆଶୀର୍ବାଦ ଦୀପ' ପ୍ରଜ୍ଜ୍ୱଳନ



**ଯାଜପୁର,୧୭।୯/ଏନ୍ଏନ୍ଏସ୍:** ରାଜ୍ୟବ୍ୟାପି 'ସେବା ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ଅବସରରେ ଆଜି ଯାଜପୁର ଜିଲ୍ଲାରେ 'ଆଶୀର୍ବାଦ ର ଦୀପ ପ୍ରଜ୍ଜ୍ୱଳନ' କାର୍ଯ୍ୟକ୍ରମ ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଛି। ଜିଲ୍ଲାସ୍ତରରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିର ପରିସର ଓ ଐତିହାସିକ ଦଶାଶ୍ୱମେଧ ଘାଟଠାରେ ଆଶୀର୍ବାଦର ଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ଏଥିରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ସମାଜସେବୀ ଗୌତମ ରାୟ, ପୌରପାଳିକା ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ଅତିରିକ୍ତ ତହସିଲଦାର ଡିପିସି ମିଶନ ଶକ୍ତି ସୀତାଂଶୁ ଶେଖର ସାହୁ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବର୍ଗର ଜନପ୍ରତିନିଧି, ମିଶନ ଶକ୍ତିର ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସାଧାରଣ ଜନତା ଉପସ୍ଥିତ ରହିଥିଲେ। ସେହିପରି ଦଶାଶ୍ୱମେଧ ଘାଟ ଠାରେ ନିର୍ବାହୀ ଅଧିକାରୀ, ଯାଜପୁର ପୌରପାଳିକା, ସମାଜସେବୀ ତପନ କୁମାର ନନ୍ଦ, ଡିପିସି ମିଶନଶକ୍ତି ସୀତାଂଶୁ ଶେଖର ସାହୁ, ମହିଳା ଏସ୍ଏଚ୍‌ଜି ପ୍ରମୁଖ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ। 'ସେବା ସଂକଳ୍ପ ଅଭିଯାନ'ର ଉଦ୍ଦେଶ୍ୟ ହେଉଛି ସେବା, ସମର୍ପଣ ଓ ଜନକଲ୍ୟାଣର ବାର୍ତ୍ତାକୁ ତୃଣମୂଳସ୍ତରରେ ପହଞ୍ଚାଇବା। ଏହି ଅବସରରେ ପ୍ରଜ୍ୱଳିତ ଦୀପ ସେବା ଓ ସାମାଜିକ ଦାୟିତ୍ୱ ପ୍ରତି ଏକତା ଏବଂ ସଂକଳ୍ପର ପ୍ରତୀକ ଭାବେ ପରିଗଣିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପ୍ରମୁଖ ସ୍ଥାନରେ ମଧ୍ୟ ଏହି ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁକିନ୍ଦା ଜଗନ୍ନାଥ ମନ୍ଦିର ଠାରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ଗୋକର୍ଣ୍ଣେଶ୍ୱର ମନ୍ଦିରଠାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବ୍ୟାସସରୋବରଠାରେ କୋରେଇ ବିଧାୟକ ଆକାଶ ଦାସନାୟକ ଏବଂ ମହାବିନାୟକ ମନ୍ଦିରଠାରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଛତିଆ ଠାରେ ବିଜେପି ସଭାପତି ଦେବଯାନୀ ପ୍ରଧାନଙ୍କ ଉପସ୍ଥିତିରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ସେହପରି ରତ୍ନଗିରି ବୌଦ୍ଧ ବିହାର, ବରୁଣେଶ୍ୱର ମନ୍ଦିର ଏବଂ ଉଦୟଗିରି ବୌଦ୍ଧ କମ୍ପ୍ଲେକ୍ସଠାରେ 'ଆଶୀର୍ବାଦ ଦୀପ ପ୍ରଜ୍ୱଳନ' କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତିର ମହିଳାମାନଙ୍କ ସକ୍ରିୟ ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ଅଧିକ ଜନସମ୍ପୃକ୍ତ କରିଥିଲା। ବିଭିନ୍ନ ସ୍ଥାନରେ ଦୀପ ପ୍ରଜ୍ୱଳନ ମାଧ୍ୟମରେ ସେବା, ସମର୍ପଣ, ମହିଳା ସଶକ୍ତିକରଣ ଓ ଜନକଲ୍ୟାଣର ଭାବନାକୁ ପ୍ରତିଫଳିତ କରାଯାଇଥିଲା।

# ପୌରପରିଷଦ ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳୁନି ପେନ୍‌ସନ୍



**କେନ୍ଦ୍ରାପଡ଼ା,୧୭।୯/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ପୌରପରିଷଦର ଅବସରପ୍ରାପ୍ତ କର୍ମଚାରୀଙ୍କୁ ଗତ ୨ ମାସ ହେଲା ପେନସନ୍ ମିଳିନଥିବାରୁ ଅବସରପ୍ରାପ୍ତ କର୍ମଚାରୀମାନେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଅବସର ଗ୍ରହଣ କରୁଥିବା ବହୁ କର୍ମଚାରୀ ଗତ ଜୁନ୍ ମାସର ପେନସନ୍ ଜୁଲାଇ ୨୨ ତାରିଖରୁ ପାଇଥିବାବେଳେ ଜୁଲାଇ ମାସର ପେନସନ୍ ଅଗଷ୍ଟ ୧୨ ତାରିଖରେ ପାଇଥିଲେ। ସରକାରୀଙ୍କ ନିୟମ ଅନୁଯାୟୀ ଅବସରପ୍ରାପ୍ତ କର୍ମଚାରୀମାନେ ପ୍ରତି ମାସ ୧ ତାରିଖରେ ପେନସନ୍ ଦରମା ପାଇବାର ବ୍ୟବସ୍ଥା ଥିବାବେଳେ କେନ୍ଦ୍ରାପଡା ନିର୍ବାହୀ ଅଧିକାରୀ ଠିକ୍ ସମୟରେ ପେନସନ୍ ବିଲ୍ କରୁନଥିବାରୁ ଅବସରପ୍ରାପ୍ତ କର୍ମଚାରୀମାନେ ଦରମା ପାଇବାରେ ବିଳମ୍ବ ହେଉଛି। ତେଣୁ ପ୍ରତି ମାସ ୧ ତାରିଖରେ ପେନସନ୍ ପ୍ରଦାନ ପାଇଁ କର୍ମଚାରୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ଏହି ଦାବୀପତ୍ର ପ୍ରଦାନ ସମୟରେ ବଂଶୀଧର ମହାନ୍ତି, ଶ୍ରୀଧର ବେହେରା, ଗୋପାଳକୃଷ୍ଣ ଦାସ, ସଞ୍ଜୟ ମଲ୍ଲିକ, ରାଜକିଶୋର ରାଉତ, ଭରତ ଚନ୍ଦ୍ର ଜେନା, ରଞ୍ଜିତ୍ କୁମାର ସିଂହ ପ୍ରମୁଖ ବହୁ ଅବସରପ୍ରାପ୍ତ କର୍ମଚାରୀ ଥିଲେ।

# ବିଭିନ୍ନ ପଞ୍ଚାୟତରେ 'ଆଶୀର୍ବାଦ ଦୀପ' ପ୍ରଜ୍ଜ୍ୱଳନ



**ପରଜଙ୍ଗ,୧୭।୯/ଏନ୍ଏନ୍ଏସ୍:** ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଜି ୭୬ତମ ଜନ୍ମଦିନରେ ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ମଣ୍ଡଳରେ ' ଆଶର୍ବାଦ ଦୀପ ' ପ୍ରଜ୍ୱଳନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିଗତ ବର୍ଷମାନଙ୍କରେ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ବିକାଶ ଓ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିଛି। ତାଙ୍କ ଶାସନ କାଳରେ ଦେଶକୁ ଆଗକୁ ବଢ଼ାଇବା ପାଇଁ ଅନେକ ଐତିହାସିକ ନୀତି ଏବଂ ଯୋଜୋନା ପ୍ରଣୟନ କରାଯାଇଛି। ଅର୍ଥନୈତିକ ଅଭିବୃଦ୍ଧି ଓ ସଂସ୍କାର, ଡିଜିଟାଲ ବିପ୍ଳବ, ଭିତ୍ତିଭୂମିର ବିକାଶ, ଗରିବ କଲ୍ୟାଣ ଓ ସାମାଜିକ ସୁରକ୍ଷା, ସ୍ୱଚ୍ଛତା ଏବଂ ମୌଳିକ ସୁବିଧା, ପ୍ରତିରକ୍ଷା ଓ ବୈଦେଶିକ ନୀତି ଭଳି ଦେଶରେ ଐତିହାସିକ ବିକାଶ ଓ ଅଭିବୃଦ୍ଧି କରି ଚାଲିଛନ୍ତି। ତାଙ୍କର ଜନ୍ମ ୧୭ସେପ୍ଟେମ୍ବର ୧୯୫୦ ମସିହାରେ ଗୁଜୁରାଟର ବଡ଼ନଗର ଠାରେ ହୋଇଥିଲା। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ ତମ ଜନ୍ମ ଦିନ। ଏହି ଅବସରରେ ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ପରଜଙ୍ଗ, ମୁକ୍ତାପଶି, ବାରିହାପୁର, କୁଆଲୋ, ରୋଡ଼, ବଡ଼କମର, ବସୋଇ, ଆଖୁଆପାଳ, ବସୁଲେଇ, ଜହ୍ନାପଡ଼ା ଆଦି ପ୍ରତ୍ୟେକ ପଞ୍ଚାୟତରେ ଯୁବମୋର୍ଚ୍ଚା ଓ ବିଜେପି କର୍ମୀମାନେ ବିଭିନ୍ନ ମନ୍ଦିରରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଦୀପ ଜାଳିବା ସହ ପ୍ରତି ଘରେ ଘରେ ' ଆଶୀର୍ବାଦ ଦୀପ ' ପ୍ରଜ୍ୱଳନ କରି ପ୍ରଧାନମନ୍ତ୍ରୀଙ୍କ ମଙ୍ଗଳ କାମନା କରିଛନ୍ତି।

## ସେବା ସଂକଳ୍ପ ଅଭିଯାନର ପ୍ରଥମ ଦିବସ

# ବିଭିନ୍ନ ମନ୍ଦିରରେ ଜଳିଲା 'ଆଶୀର୍ବାଦ ଦୀପ'



**ଅନୁଗୋଳ,୧୭।୯/ଏନ୍ଏନ୍ଏସ୍:** ସ୍ଥାନୀୟ ଶୈଳ ଶ୍ରୀକ୍ଷେତ୍ର ଓ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପରିସରରେ ମିଶନ ଶକ୍ତି ଏବଂ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସେବା ସଂକଳ୍ପ ଅଭିଯାନର ପ୍ରଥମ ଦିବସର କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଆଜିଠାରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ମାସ ବ୍ୟାପୀ ହେବାକୁ ଥିବା ଏହି ଅଭିଯାନରେ ବହୁ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ରହିଛି। ଶୈଳ ଶ୍ରୀକ୍ଷେତ୍ରରେ ହୋଇଥିବା ଆଶୀର୍ବାଦ ଦୀପ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ପ୍ରକଳ୍ପ ଅଧିକାରୀମାନେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣ ଆନନ୍ଦର ସହ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ, ରଙ୍ଗୋଲି ପ୍ରସ୍ତୁତି ଭଳି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ସେବା ପକ୍ଷ ଅଭିଯାନରେ ଅନୁଗୋଳ ଜିଲ୍ଲାର ୨୨୫ଟି ଗ୍ରାମ ପଞ୍ଚାୟତ ସମେତ ଆଠମଲ୍ଲିକ,ବଣ୍ଠରପାଳ,ଛେଣ୍ଡିପଦା,କଣିହାଁ, କିଶୋରନଗର,ପାଲଲହଡ଼ା ଓ ତାଳଚେର ଆଦି ବିଭିନ୍ନ ବ୍ଲକର ପ୍ରମୁଖ ମନ୍ଦିର(ଯଥା: ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର,ମା' ବୁଢ଼ୀ ଠାକୁରାଣୀ ମନ୍ଦିର, ମାହେଶ୍ୱର ମନ୍ଦିର, ଶିବ ମନ୍ଦିର ଓ ଶ୍ରୀରାମ ମନ୍ଦିର) ଏବଂ ଜିଲ୍ଲାର ସମସ୍ତ ମହାସଂଘ ଓ ପରିବାର ଗୁଡ଼ିକରେ ବ୍ୟାପକ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ଜନସାଧାରଣଙ୍କ ସେବା,ସଶକ୍ତିକରଣ ଓ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସଚେତନତା ବାର୍ତ୍ତାନେଇ ଏହି ଅଭିଯାନ ଆରମ୍ଭ ହୋଇଛି। ପାଲଲହଡାର ମା' କୁଣ୍ଡେଇବିରା ମନ୍ଦିରରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳର ଶୈଳ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଛେଣ୍ଡିପଦା ଜଗନ୍ନାଥ ମନ୍ଦିରରେ ବିଧାୟକ ଅଗସ୍ତି ବେହେରା ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

# କଳାହୀରା ସହରରେ ପୂଜା ପାଇଲେ ପ୍ରଭୁ ବିଶ୍ୱକର୍ମା

**ତାଳଚେର,୧୭।୯/ଏନ୍ଏନ୍ଏସ୍:** ଭାଦ୍ରବ ମାସ ଶୁକ୍ଳପକ୍ଷ ୬ଷ୍ଠୀ ତିଥି ୧୭ତାରିଖରେ ପ୍ରଭୁ ବିଶ୍ୱକର୍ମା କଳାହୀରା ସହରରେ ବଡ଼ଧୁମଧାମ ସହକାରେ ପାଳିତ ହୋଇଯାଇଛି। ତାଳଚେରର ଗ୍ୟାରେଜ, ବଡ଼ବଡ଼ ୱାର୍କସପ୍, କମ୍ପାନୀ ଓ ଶିଳ୍ପାନୁଷ୍ଠାନ, ଟ୍ରକ ମାଲିକସଂଘ ଗୁଡ଼ିକରେ କର୍ମଚାରୀ, ଶ୍ରମିକମାନେ ପୁରୋହିତଙ୍କ ଦ୍ୱାରା ତାଳଚେର ଚିରୋସ୍ରୋତା ବ୍ରାହ୍ମଣୀ ନଦୀପଠା ଠାରେ ପୂଜାର୍ଚ୍ଚନା ଓ ସୂର୍ଯ୍ୟପୂଜା, ଦୋଦେବୀଙ୍କୁ ଆମନ୍ତ୍ରଣ ପାଠ କରାଯିବା ସହ ମନ୍ତ୍ରୀତ ଜଳ କଳସରେ ଆଣି ଜଗନ୍ନାଥ ମନ୍ଦିର ଓ ବଡ଼ଦାଣ୍ଡସାହି ମଧ୍ୟରେ କଳସ ଶୋଭାଯାତ୍ରା କରି ନିଜ ନିଜ ପୂଜାମଣ୍ଡପରେ ପହଞ୍ଚି ବାବା ବିଶ୍ୱକର୍ମାଙ୍କ ସମ୍ମୁଖରେ କଳସ ସ୍ଥାପନ କରିଥିଲେ। ପରେପରେ ପୂଜାପାଠ ହୋମଯଜ୍ଞର ପ୍ରାରମ୍ଭ କରାଯାଇ ପ୍ରାୟ ମଧ୍ୟାହ୍ନ ସମୟରେ ପୂଜାପାଠ ସମ୍ପୂର୍ଣ୍ଣ ହୋଇଥିଲା। ଗୃହନିର୍ମାଣ ମିସ୍ତ୍ରୀ, ଗ୍ୟାରେଜ ମିସ୍ତ୍ରୀ, ଅନୁଷ୍ଠାନର କାରିଗରମାନେ ନୂତନ ପୋଷାକ ପରିଧାନ କରି ନିଜ ନିଜର ହାତ ହତିଆର ପ୍ରଭୁଙ୍କ ସମ୍ମୁଖରେ ରଖି ପୂଜାପାଠ କରିବା ସହ ବାବା ବିଶ୍ୱକର୍ମାଙ୍କୁ ସ୍ମରଣ ଓ ନତମସ୍ତକ ହୋଇ ପ୍ରାର୍ଥନା କରିଥିଲେ। ପୂଜା ସମାପନ ହେବା ପରେ ସେଉବୁନ୍ଦି, ମିଷ୍ଟାନ୍ନ ଇତ୍ୟାଦି ବଡ଼ ଆନନ୍ଦ ଉଲ୍ଲାସରେ ବଣ୍ଟନ କରିବା ସହ ଅନ୍ନପ୍ରସାଦର ବ୍ୟବସ୍ଥା ମଧ୍ୟ ହୋଇଥିଲେ। ପ୍ରଭୁଙ୍କର ଏହି ପୂଜା ଉତ୍ସବଟି ବେଶ ଉତ୍ସବ ମୁଖର ହୋଇପଡ଼ିଛି ତାଳଚେର କଳାହୀରା ସହରରେ।

# ପାଟକୁରା ବିଧାୟକଙ୍କ ଚରିତ୍ର ସଂହାର ବିରୋଧରେ ଏତଲା




**ଚାନ୍ଦୋଳ,୧୭।୯/ଏନ୍ଏନ୍ଏସ୍:** ସାମାଜିକ ଗଣମାଧ୍ୟମରେ ଫେକ୍ ଆଇଡି ମାଧ୍ୟମରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବଦନାମ କରିବା ତଥା ତାଙ୍କ ଚରିତ୍ର ସଂହାର କରିବାକୁ ବିରୋଧ କରି ଡେରାବିଶ ଥାନାରେ ଆଜି ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି ଏକ ଲିଖିତ ଅଭିଯୋଗ କରିଛନ୍ତି। ଶ୍ରୀ କାଣ୍ଡିଙ୍କ ଅଭିଯୋଗ ଅନୁଯାୟୀ କେହି ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଫେକ୍ ଆଇଡି ମାଧ୍ୟମରେ ଶ୍ରୀ ମହାପାତ୍ରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଚରିତ୍ର ସଂହାର କରି ତାଙ୍କୁ ବଦନାମ କରୁଥିବାର ଭିଡିଓ ଏବେ ବିଭିନ୍ନ ମୋବାଇଲରୁ ମୋବାଇଲ୍ ଘୁରି ବୁଲିଛି। ଏହାଦ୍ୱାରା ପାଟକୁରା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ସମ୍ମାନରେ ଆଞ୍ଚ ଆସିଛି। ଏଣୁ ଶ୍ରୀ କାଣ୍ଡି ଜଣେ ଜନପ୍ରତିନିଧି ତଥା ସଚେତନ ନାଗରିକ ଭବେ ଡେରାବିଶ ପୁଲିସ ନିକଟରେ ଅନୁରୋଧ କରିଛନ୍ତି କି ତୁରନ୍ତ ଏହାର ତଦନ୍ତ କରି ଏହି ଫେସ୍‌ବୁକ୍ ଆଇଡି ବନ୍ଦ କରିବା ସହିତ ଏଭଳି କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଶ୍ରୀ କାଣ୍ଡି ଥାନରେ ପହଞ୍ଚି ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସଙ୍କୁ ପ୍ରଦାନ କରିଥିବା ବେଳେ ଏହି ମହେନ୍ଦ୍ର ସିଂ, ସରୋଜ ନାୟକ, ନିରଞ୍ଜନ କର, ସୁଧିର ଖଟୁଆ, ଜୟନ୍ତ ଶତପଥି, ମନୋରଞ୍ଜନ ଉପାଧ୍ୟାୟ, ଶିଶିର ସାମଲ, ପ୍ରବୀର ସିଂ, ଗଗନ ଧଳ, ଦିଲ୍ଲିପ କୁମାର ଦାସ, ସତ୍ୟରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ରହିଥିଲେ।

### ସେମିକଣ୍ଡକ୍ଟର ଯାତ୍ରାର ...

୩ ଦିନିଆ ସମ୍ମିଳନୀରେ ବିଶ୍ୱର ପ୍ରମୁଖ ଟେକ୍ନୋଲୋଜି ନେତା, ନୀତି ନିର୍ଦ୍ଧାରକ ଏବଂ ନିବେଶକମାନେ ଏକାଠି ହୋଇଛନ୍ତି। ସେହିପରି ଏହି ସମ୍ମିଳନୀରେ ୩୦୦ଟି ଅନ୍ତର୍ଜାତୀୟ କମ୍ପାନୀ ସମେତ ୬୦୦ରୁ ଅଧିକ ପ୍ରଦର୍ଶକ ଭାଗ ନେଉଛନ୍ତି। ୧୫,୦୦୦ ବର୍ଗ ମିଟର ପରିମିତ ଏହି ପ୍ରଦର୍ଶନୀରେ ୧୫୦ରୁ ଅଧିକ ବକ୍ତା ନିଜର ବକ୍ତବ୍ୟ ରଖିବେ। ଏଥିରେ ୬ଟି ଦେଶ (ଜାପାନ, ଦକ୍ଷିଣ କୋରିଆ, ମଲେସିଆ, ନେଦରଲ୍ୟାଣ୍ଡ, ସିଙ୍ଗାପୁର ଏବଂ ସ୍ୱିଡେନ)ର ସ୍ୱତନ୍ତ୍ର ପାଭିଲିୟନ୍ ଏବଂ ୧୨ଟି ରାଜ୍ୟ ସରକାରଙ୍କ ପାଭିଲିୟନ୍ ସାମିଲ ରହିଛି। ଏତଦ୍‌ବ୍ୟତୀତ ଏହି ପ୍ରଦର୍ଶନୀରେ ଷ୍ଟାର୍ଟଅପ୍, ଛାତ୍ରଛାତ୍ରୀଙ୍କ ପାଇଁ ଦକ୍ଷତା ବିକାଶ ପାଇଁ ହାକାଥନ୍ (ଇଂଜିନିୟରିଂ ପ୍ରତିଯୋଗିତା) ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷ ମାନବସମ୍ବଳ ବିକାଶ ପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ୧.୨୭ ଲକ୍ଷ କୋଟି ଟଙ୍କାର ସେମିକନ୍ ୨.୦ ଯୋଜନା ଉପରେ ଆଲୋକପାତ କରାଯାଇଛି, ଯାହା କେବଳ ଆସେମ୍ବଲି ଏବଂ ଟେଷ୍ଟିଂ ମଧ୍ୟରେ ସୀମିତ ନରହି କଞ୍ଚାମାଲ, ଚିପ୍ ଡିଜାଇନ୍, ଯନ୍ତ୍ରପାତି ନିର୍ମାଣ ଏବଂ ଉଚ୍ଚସ୍ତରୀୟ ଗବେଷଣା ଉପରେ ଧ୍ୟାନ ଦେବ। ବାଲିରୁ ସିଲିକନ୍ ୱାର୍ଫ, ଚିପ୍ ଏବଂ ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ତିଆରି ହେବାର ଏକ ଜୀବନ୍ତ ପ୍ରଦର୍ଶନୀ ଏଥିରେ ପ୍ରଦର୍ଶିତ ହେବ। ପ୍ରାୟ ୪୦ଟି ମାଇକ୍ରୋ-ଇଲେକ୍ଟ୍ରୋନିକ୍ସ ଷ୍ଟାର୍ଟଅପ୍ ନିଜ ନୂତନ ଜ୍ଞାନକୌଶଳ ପ୍ରଦର୍ଶନ କରିବେ। ସୂଚନାଯୋଗ୍ୟ, ସେମିକଣ୍ଡକ୍ଟର ଶିଳ୍ପ ପାଇଁ ୧,୦୦,୦୦୦ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କୁ ତାଲିମ ଦେବାର ଲକ୍ଷ୍ୟ ମଧ୍ୟରୁ ୭୦,୦୦୦ରୁ ଅଧିକଙ୍କୁ ସଫଳତାର ସହ ତାଲିମ ଦିଅସରିଛି। ଏଏସ୍ଏମ୍ଏଲ୍, ଆପ୍ଲାଏଡ୍ ମାଟେରିଆଲ୍ସ, ଲାମ୍ ରିସର୍ଚ୍ଚ, ମାଇକ୍ରନ୍, ଟାଟା ଇଲେକ୍ଟ୍ରୋନିକ୍ସ, ଇନ୍‌ଫାଇନିୟନ୍, ଏନ୍ଏକ୍ସପି, ଆଇବିଏମ୍ ରିସର୍ଚ୍ଚ ଏବଂ ସିଜି ପାୱାର ଭଳି ବିଶ୍ୱର ଅଗ୍ରଣୀ କମ୍ପାନୀଗୁଡ଼ିକ ଏଥିରେ ଅଂଶଗ୍ରହଣ କରିଛନ୍ତି।

# ଚୋରାମଦ ଜବତ, ୬ ଗିରଫ



**କେନ୍ଦ୍ରାପଡ଼ା,୧୭।୯/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ କେନ୍ଦ୍ରାପଡ଼ା ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର, ରାଜନଗର ଓ କୁଦାନଗରୀ ଥାନା ଅଧିନ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ରାଜନଗର ଗ୍ରାମର ଅରକ୍ଷିତ ସେଠୀ(୨୪)ଙ୍କ ନିକଟରୁ ୧୧୦ ଲିଟର ଚୋରା ବିଦେଶୀ ମଦ, କାଠୁଆଗଣ୍ଡା ଗ୍ରାମର ଲତା ସ୍ୱାଇଁ(୬୦)ଙ୍କ ନିକଟରୁ ୧୫ ଲିଟର ଚୋରା ବିଦେଶୀ ମଦ, କରିଲୋପାଟଣା ଗ୍ରାମର ବିଳାଶ କିଶୋର ଦାସ(୨୭)ଙ୍କ ନିକଟରୁ ୧୯ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ଦାନପୁର ଗ୍ରାମର ନିରଞ୍ଜନ ଜେନା(୬୦)ଙ୍କ ନିକଟରୁ ୨୮ ଲିଟର ଚୋରା ବିଦେଶୀ ମଦ, ବଡ଼ନାରାୟଣ ଗ୍ରାମର ବେଣୁଧର ବେହେରା(୩୩)ଙ୍କ ନିକଟରୁ ୩୪ ଲିଟର ଚୋରା ବିଦେଶୀ ମଦ ଏବଂ ତରସା ଗ୍ରାମର ମହେଶ୍ୱର ଦଳାଇ(୩୮)ଙ୍କ ନିକଟରୁ ୧୬ ଲିଟର ଚୋରା ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା। ଉକ୍ତ ଚଢ଼ାଉରେ ସମୁଦାୟ ୨୨୨ ଲିଟର ଚୋରା ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି। ଏସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇ ୬ ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ରତ୍ନପ୍ରଭା ସ୍ୱାଇଁ, ରଞ୍ଜନ କୁମାର ପାତ୍ର, ତ୍ରିବେଣୀ ମହନ୍ତଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ଭାବେ ସାମିଲ ହୋଇଥିଲେ।



'ନିତିଦିନ' କାର୍ଯ୍ୟାଳୟରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଆରାଧନା

# ଟିପିଡବ୍ଲ୍ୟୁଓଡିଏଲ୍ 'ସୋଲାର ରଥ'ର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର

## ୬୨ହଜାରରେ ପହଞ୍ଚିଲା ପଶ୍ଚିମ ଓଡ଼ିଶାରେ ରୁଫ୍‌ଟପ୍ ସୋଲାର ସଂଯୋଗ ସଂଖ୍ୟା

**ରାଉରକେଲା,ବୁର୍ଲା,୧୭।୯/ଏନ୍ଏନ୍ଏସ୍:** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ 'ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା' ଅଧୀନରେ ସୌର ଶକ୍ତି (ରୁଫ୍‌ଟପ୍ ସୋଲାର) ସମ୍ପର୍କରେ ସଚେତନତା ସୃଷ୍ଟି ତଥା ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ସମ୍ବଲପୁର ସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର 'ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି। ବିଶ୍ୱକର୍ମା ପୂଜା ଅବସରରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏହି ସୋଲାର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ (ଏସ୍ଏମ୍‌ସି) କମିଶନର ରେହାନ ଖତ୍ରି ଏବଂ ଟିପିଡବ୍ଲ୍ୟୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପ୍ରବୀଣ ବର୍ମା ଉପସ୍ଥିତ ଥିଲେ। ଏଥିସହିତ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ, ବିଜେପି ସମ୍ବଲପୁର ଜିଲ୍ଲା ସଭାପତି ରାମଚନ୍ଦ୍ର



ମେହେର, ବିଜେପି ସମ୍ବଲପୁର ଉପସଭାପତି ସୀମାଞ୍ଚଳ ଖଟେଇ ଏବଂ ଟିପିଡବ୍ଲ୍ୟୁଓଡିଏଲ୍‌ର ବରିଷ୍ଠ ଅଧିକାରୀ ତଥା କର୍ମଚାରୀମାନେ ଯୋଗ ଦେଇଥିଲେ।

ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାରେ ଟିପିଡବ୍ଲ୍ୟୁଓଡିଏଲ୍‌ର ସୌର ଶକ୍ତି ସଂଯୋଗ ସଂଖ୍ୟା ୬୧,୦୦୦ ଅତିକ୍ରମ କରିବା ଅବସରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ବର୍ତ୍ତମାନ ସୁଦ୍ଧା ମୋଟ ୬୧,୭୨୯ଟି ସଂଯୋଗ ପ୍ରଦାନ କରିସାରିଛି; ଯେଉଁଥିରେ ଦୁଇ ଏବଂ ତିନି କିଲୋୱାଟ ସୌର ଶକ୍ତି ସଂଯୋଗ ପାଇଁ କ୍ୟାପେକ୍ସ ମଡେଲ୍ ଅଧୀନରେ ୩୫,୮୨୯ଟି ଏବଂ ଏକ କିଲୋୱାଟ ସୌର ଶକ୍ତି ସଂଯୋଗ ପାଇଁ ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲ୍ଏ) ମଡେଲ୍ ଅଧୀନରେ ୨୫,୯୦୦ଟି ସଂଯୋଗ ସାମିଲ ରହିଛି। ଏହି କ୍ଷେତ୍ରରେ ୧୦,୪୮୯ଟି ସଂଯୋଗ ସହ ନୂଆପଡ଼ା ଜିଲ୍ଲା ସମଗ୍ର ପଶ୍ଚିମ ଓଡ଼ିଶାରେ ଶୀର୍ଷରେ ରହିଛି। ଏହି ଅବସରରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, "ଛାତ ଉପର ସୌର ଶକ୍ତି ବ୍ୟବସ୍ଥା ଘରୋଇ ଉପଭୋକ୍ତାମାନଙ୍କୁ ସ୍ୱଚ୍ଛ ତଥା ସ୍ୱାବଲମ୍ବୀ ଶକ୍ତି ଯୋଗାଇ ସଶକ୍ତ କରିବା ସହିତ ଦେଶର ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ସୋଲାର ରଥ 'ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା' ସମ୍ପର୍କିତ ସମସ୍ତ ସୂଚନା ସିଧାସଳଖ ଲୋକଙ୍କ ନିକଟରେ ପହଞ୍ଚାଇବ ଏବଂ ତୃଣମୂଳ ସ୍ତରରେ ଏହାର ବ୍ୟାପକ ବ୍ୟବହାରକୁ ଉତ୍ସାହିତ କରିବ।"

ଟିପିଡବ୍ଲ୍ୟୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପ୍ରବୀଣ କୁମାର ବର୍ମା କହିଛନ୍ତି, "୬୧,୦୦୦ରୁ ଅଧିକ ଛାତ ଉପର ସୌର ଶକ୍ତି ସଂଯୋଗ ହାସଲ କରିବା ପଶ୍ଚିମ ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ଆପଣାଇବାର ଦ୍ରୁତ ଅଭିବୃଦ୍ଧିକୁ ଦର୍ଶାଉଛି। ଏହି ସୋଲାର ରଥ, ସୋଲାର ସାଙ୍ଗ ଏବଂ ସୋଲାର ଦିଦିଙ୍କ ମାଧ୍ୟମରେ ଆମେ ସୂଚନା ଓ ଉପଯୁକ୍ତ ପରାମର୍ଶ ସିଧାସଳଖ ଗାଁ ଓ ସହରରେ ପହଞ୍ଚାଉଛୁ, ଯାହାଦ୍ୱାରା ଉପଭୋକ୍ତାମାନେ ସୌର ଶକ୍ତି ବ୍ୟବହାର ସମ୍ପର୍କରେ ସଠିକ୍ ନିଷ୍ପତ୍ତି ନେଇପାରିବେ।"

## ସେବା ସଂକଳ୍ପ ଅଭିଯାନ

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୭।୯/ଏନ୍ଏନ୍ଏସ୍:** ସେବା ସଂକଳ୍ପ ଅଭିଯାନ ଅବସରରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଆଜିଠାରୁ ଅର୍ଥାତ ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଏକ ମାସ ବ୍ୟାପି ଏହି ଅଭିଯାନରେ ରାଜ୍ୟର ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନଙ୍କୁ ବିଭିନ୍ନ ସୁବିଧାସୁଯୋଗ ଉପଲବ୍ଧ କରାଇବା ସହ ସେବା ଯୋଗାଇଦେବା ପାଇଁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଅଭିଯାନ ଉପଲକ୍ଷେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତୀୟ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତ ମାସ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ସାଧାରଣ ବଣ୍ଟନ ବ୍ୟବସ୍ଥାର ହିତାଧିକାରୀଙ୍କ ମଧ୍ୟରେ ବଣ୍ଟନ ପ୍ରକ୍ରିୟା, ଖାଦ୍ୟଶସ୍ୟ ପରିମାଣ, ଅଭିଯୋଗ ସମାଧାନ ସଚେତନତା ଓ ସରକାରୀ ସୁଲଭ ମୂଲ୍ୟ ଦୋକାନ ସଂପର୍କିତ ସୂଚନା ବାବଦରେ ସଚେତନତା ସୃଷ୍ଟି କରାଯିବ। ସେହିଭଳି ଚଳିତ ମାସ ୨୬ରୁ ୩୦ ତାରିଖ ମଧ୍ୟରେ ସେବାସେତୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ରାସନ କାର୍ଡ ସହ ଆଧାର ଓ ମୋବାଇଲ୍ ନମ୍ବର ସଂଯୋଗୀକରଣ, ଇ-କେୱାଇସି ଆଦି ସଂପର୍କିତ ପଡ଼ି ରହିଥିବା ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ଏଥି ସହ ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୩ ତାରିଖ ମଧ୍ୟରେ ରାସନ କାର୍ଡ ସମ୍ବନ୍ଧୀୟ ସମସ୍ୟା, ପରିବାର ସଦସ୍ୟଙ୍କ ନାମ ଯୋଗ ସଂଶୋଧନ ପାଇଁ ରାସନ କାର୍ଡ ଓ ପିଡ଼ିଏସ୍ ସେବା ଶିବିର ଆୟୋଜନ କରାଯିବ। ଏତଦ୍‌ବ୍ୟତୀତ ଅକ୍ଟୋବର ୪ରୁ ୮ ତାରିଖ ମଧ୍ୟରେ ସରକାରୀ ସୁଲଭ ମୂଲ୍ୟ ଦୋକାନଗୁଡ଼ିକରେ ମହଜୁଦ ଖାଦ୍ୟଶସ୍ୟର ପରିମାଣ, ଦର ଓ ବଣ୍ଟନ ରେକର୍ଡ ଯାଞ୍ଚ, ଇ-ପସ୍ ତଥ୍ୟ ଓ ବାସ୍ତବ ବଣ୍ଟନ ଯାଞ୍ଚ କରାଯିବ। କୌଣସି ଅନିୟମିତତା ନଜରକୁ ଆସିଲେ ନିୟମାନୁସାରେ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି ଅକ୍ଟୋବର ୯ରୁ ୧୨ ତାରିଖ ମଧ୍ୟରେ ରାସନ୍ ନ ମିଳିବା, କମ୍ ଓଜନ ଓ ଅନିୟମିତତା ଅଭିଯୋଗ ଗ୍ରହଣ କରିବା ପ୍ରକ୍ରିୟା ଏବଂ ପୂର୍ବରୁ ଥିବା ଅଭିଯୋଗଗୁଡ଼ିକର ସ୍ଥିତାବସ୍ଥା ସଂପର୍କରେ ଅବଗତ କରାଇବା ପାଇଁ ଅଭିଯୋଗ ନିବାରଣ ଓ ସହାୟତା ଶିବିର ଆୟୋଜନ କରାଯିବା ପାଇଁ ବିଭାଗ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅକ୍ଟୋବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ସାଧାରଣ ବଣ୍ଟନ ବ୍ୟବସ୍ଥାରୁ ବଞ୍ଚିତ ଯୋଗ୍ୟ ପରିବାର ଓ ହିତାଧିକାରୀ ଚିହ୍ନଟ, ଆବଶ୍ୟକ ଯାଞ୍ଚ ପରେ ଯୋଗ୍ୟସେବା ପ୍ରଦାନ ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ। ଉକ୍ତ ସେବା ସଂକଳ୍ପ ଅଭିଯାନର ଶେଷ ଦୁଇଦିନ ଅକ୍ଟୋବର ୧୬ ଓ ୧୭ ତାରିଖରେ ହିତାଧିକାରୀମାନଙ୍କୁ ମିଳିଥିବା ସେବାର ସମୀକ୍ଷା କରାଯାଇ ବିଭାଗ ପକ୍ଷରୁ ମିଳିଥିବା ଜିଲ୍ଲାୱାରୀ ରିପୋର୍ଟ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ଉକ୍ତ ଅଭିଯାନ ଖାଦ୍ୟଯୋଗାଣ ବିଭାଗ, ଜିଲ୍ଲା ଯୋଗାଣ ଓ ନିରୀକ୍ଷଣ ଅଧିକାରୀ, ଜିଲ୍ଲା ପ୍ରଶାସନ, ସ୍ୱାୟତ୍ତ ଶାସନ ସଂସ୍ଥା ଓ ବ୍ଲକ୍ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବ।

# ପରିବହନ ବିଭାଗ ପକ୍ଷରୁ 'ସେବା ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ

**ଭୁବନେଶ୍ୱର,୧୭।୯/ଏନ୍ଏନ୍ଏସ୍:** ଆରମ୍ଭ ହୋଇଛି 'ସେବା ସଂକଳ୍ପ ଅଭିଯାନ'। ଏହି ଅବସରରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମାସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯାନ ଚାଳନା ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନରେ(ଆଇଡିଟିଆର), ପାଲୁର, ଗଞ୍ଜାମ ପରିସରରେ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳିତ କରି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ ଏବଂ ସୁସ୍ଥ ଜୀବନ କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇଡିଟିଆରର ସମସ୍ତ କର୍ମଚାରୀ ଏବଂ ଗାଡ଼ି ଚାଳନା ପ୍ରଶିକ୍ଷଣ ନେଉଥିବା ଅନ୍ତେବାସୀମାନେ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହ ସାମିଲ୍ ହୋଇଥିଲେ ଏବଂ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସେହିଭଳି, ଏହି ଅଭିଯାନ ଅନ୍ତର୍ଗତରେ ପରିବେଶ ସୁରକ୍ଷା ଓ ସେବା ମନୋଭାବର ବାର୍ତ୍ତା ଦେଇ ଭୁବନେଶ୍ୱର-୨ ଆରଟିଓ ପରିସରରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ ବୃକ୍ଷରୋପଣ କରିବା ସହ ସମାଜରେ ସେବା ମନୋଭାବ ବୃଦ୍ଧି କରିବା ପାଇଁ ଆହ୍ୱାନ ଦେଇଥିଲେ। କଟକ ସ୍ଥିତ ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା ବ୍ୟବସ୍ଥା କେନ୍ଦ୍ର ପରିସରରେ ପରିବହନ ଆୟୁକ୍ତ ଅମିତାଭ ଠାକୁର ବୃକ୍ଷରୋପଣ କରିବା ସହ ସମସ୍ତଙ୍କୁ ସଡ଼କ ସୁରକ୍ଷା ଶପଥପାଠ କରାଇଥିଲେ। ଏହି ପରିପ୍ରେକ୍ଷୀରେ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ପରିବହନ ଆୟୁକ୍ତ ଅମିତାଭ ଠାକୁର ଭୁବନେଶ୍ୱର ସ୍ଥିତ ମଣିପାଲ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ସେଠାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ଉଦ୍ଦିଷ୍ଟ ପିଏମ-ରାହତ ଯୋଜନାର କ୍ଷେତ୍ରସ୍ତରୀୟ କାର୍ଯ୍ୟକାରିତାର ତଦାରଖ ଓ ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ସେ ଡାକ୍ତର, ହସ୍ପିଟାଲ କର୍ତ୍ତୃପକ୍ଷ, ଚିକିତ୍ସିତ ହେଉଥିବା ବ୍ୟକ୍ତି ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ଏହାସହ ସମସ୍ତ ଦୁର୍ଘଟଣାଗ୍ରସ୍ତ ଯେପରି ଏହି ଯୋଜନାର ସମ୍ପୂର୍ଣ୍ଣ ଲାଭ ପାଇପାରିବେ, ତାହା ନିଶ୍ଚିତ କରିବାକୁ ସେ ସମସ୍ତ ଅନୁବନ୍ଧିତ ହସ୍ପିଟାଲକୁ ନିର୍ଦ୍ଦେଶ ଦେଇଛନ୍ତି। ପିଏମ-ରାହତ ଯୋଜନା ଅଧୀନରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ଯେକୌଣସି ବ୍ୟକ୍ତି ପ୍ରାରମ୍ଭିକ ୭ ଦିନ ପର୍ଯ୍ୟନ୍ତ ସର୍ବାଧିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣା ବା କ୍ୟାସଲେସ ଚିକିତ୍ସା ସୁବିଧା ପାଇପାରିବେ। ବର୍ତ୍ତମାନ ଓଡ଼ିଶାର ୭୮୯ଟି ବେସରକାରୀ ହସ୍ପିଟାଲ ଏହି ଯୋଜନା ଅଧୀନରେ ପଞ୍ଜୀକୃତ ହୋଇ ସେବା ଯୋଗାଇ ଦେଉଛନ୍ତି। ସେବା ସଂକଳ୍ପ ଅଭିଯାନ ଅବସରରେ ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟ ସମେତ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସାମୂହିକ ସଡ଼କ ସୁରକ୍ଷା ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବହନ ଆୟୁକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ୩୦ ଦିନିଆ ବିଶେଷ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ କେବଳ କାଗଜପତ୍ରରେ ସୀମିତ ନ ରଖି ସିଧାସଳଖ ଭାବେ କ୍ଷେତ୍ରସ୍ତରରେ ଲୋକମାନଙ୍କ ପାଖରେ ପହଞ୍ଚାଇବା।



ସତ୍ୟନାରାୟଣ ଫେବ୍ରିକେସନ ପକ୍ଷରୁ ବିଶ୍ୱକର୍ମା ପୂଜା

# କିଟ୍ ଓ କିସ୍ ପକ୍ଷରୁ ମୋଦୀଙ୍କ ଜନ୍ମଦିନ ପାଳନ

**ଭୁବନେଶ୍ୱର,୧୭।୯/ଏନ୍ଏନ୍ଏସ୍:** କିସ୍ ଓ କିଟ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ପାଳିତ ହୋଇଯାଇଛି। ଗୁରୁବାର ସକାଳେ ଓଡ଼ିଶା ସରକାରଙ୍କ ତରଫରୁ ଆୟୋଜିତ ବିଶାଳ ରକ୍ତଦାନ ଶିବିରରେ କିଟ୍ ଓ କିସ୍‌ର ୩ହଜାର ପିଲା ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କିସ୍ ପିଲାଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହାପରେ କିସ୍ ପରିସରରେ କିସର ୪୦ ହଜାର ଛାତ୍ରଛାତ୍ରୀ କେକ୍ କାଟି ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଛାତ୍ରଛାତ୍ରୀ ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବା ମାସ୍କ ପିନ୍ଧି







ଜନ୍ମଦିନ କେକ୍ କାଟି ଅତ୍ୟନ୍ତ ଉତ୍ସାହର ସହ ଏହି ଉତ୍ସବରେ ସାମିଲ ହୋଇଥିଲେ। ପରେ ଶ୍ରୀବାଣୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରରେ କିସ୍‌ର ଜନଜାତି ପିଲାମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘ ଜୀବନ କାମନା କରି ସମୂହ ଦୀପଦାନ କରିଥିଲେ। ଏହା ସହ ଶ୍ରୀବାଣୀକ୍ଷେତ୍ର ବେଦସ୍କୁଲ୍ ବେଦାଧ୍ୟାୟୀଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ପ୍ରଧାନମନ୍ତ୍ରୀ ନେରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ପିଲାମାନଙ୍କୁ ମୋଦୀଙ୍କ ବିଷୟରେ କହିଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଜନକଲ୍ୟାଣକାରୀ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିବା ସହ ଜନଜାତି ସମୁଦାୟର ସଶକ୍ତିକରଣ ଏବଂ ବିକାଶ ଦିଗରେ ତାଙ୍କର ପ୍ରଚେଷ୍ଟା ପାଇଁ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଥିଲେ।

# ପ୍ରେମିକା ଘରେ ପ୍ରେମିକକୁ ଜାଳିଦେଲେ

**ରିଆମାଳ,୧୭।୯/ଏନ୍ଏନ୍ଏସ୍:** ଦେବଗଡ ଜିଲ୍ଲା ରିଆମାଳ ଥାନା ରିଆମାଳ ସଦରମହକୁମାରେ ବୁଧବାର ବିଳମ୍ବିତ ରାତିରେ ପ୍ରେମିକା ଘରେ ପଶିଥିବା ବେଳେ ପ୍ରେମିକକୁ ହତ୍ୟା କରାଯାଇଛି। ମାରପିଟ୍ ପରେ ପ୍ରେମିକକୁ ପେଟ୍ରୋଲ ଢାଳି ଜାଳି ଦେଇଛନ୍ତି ପରିବାର ଲୋକେ। ଏନେଇ ପୁଲିସ୍ ତାଙ୍କ ପ୍ରେମିକାଙ୍କ ସମେତ ୭ ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ତେବେ ପୁଲିସ ତାଙ୍କ ପ୍ରେମିକା ଓ ପ୍ରେମିକାଙ୍କ ବାପାମା'ଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୃତକଙ୍କ ନାଁ ସିଲୁ ରାୟ(୨୮)। ତାଙ୍କ ଘର ବାବରାକୋଟ ଗାଁରେ। ସେ ଜଣେ ଇଞ୍ଜିନିୟର। ୩ ବର୍ଷ ହେଲା ସିଲୁ ଓ ରିଆମାଳର ଜଣେ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। କିନ୍ତୁ ସିଲୁ ଭିନ୍ନ ଜାତିର ହୋଇଥିବାରୁ ଝିଅ ଘର ଲୋକ ବିବାହ ପାଇଁ ରାଜି ହୋଇନଥିଲେ। ଫଳରେ ଦେଢ଼ ବର୍ଷ ତଳେ ଦୁହେଁ ଘର ଛାଡ଼ି ପଳାଇଥିଲେ ଓ ଲିଭ୍ ଇନ୍‌ରେ ରହୁଥିଲେ।

କିଛି ଦିନ ଠିକ୍‌ଠାକ୍ ଚାଲିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସିଲୁ ନିଶା ସେବନ କରି ତାଙ୍କ ପ୍ରେମିକାଙ୍କୁ ବିଭିନ୍ନ ନିର୍ଯାତନା ଦେଉଥିଲେ। ତେଣୁ ସିଲୁଙ୍କୁ ଛାଡ଼ି ପ୍ରେମିକା ତାଙ୍କ ଘରକୁ ଫେରି ଆସିଥିଲେ। ବାପ ଘର ଲୋକେ ଅନ୍ୟତ୍ର ତାଙ୍କ ବିବାହ କରିବାକୁ ଚେଷ୍ଟା କରୁଥିବା ବେଳେ ସିଲୁ ସେଥିରେ ବାଧକ ସାଜିଥିଲେ। ଏନେଇ ରିଆମାଳ ଥାନାରେ ବିଭିନ୍ନ ସମୟରେ ସିଲୁଙ୍କ ବିରୋଧରେ ଅଭିଯୋଗ କରିଥିଲେ ଯୁବତୀଙ୍କ ପରିବାର ଲୋକେ। ଉଭୟ ପକ୍ଷକୁ ଡାକି ପୁଲିସ ବୁଝାମଣା ମଧ୍ୟ କରିଥିଲା। ସିଲୁ ଜଣେ ଇଞ୍ଜିନିୟର ହୋଇଥିବା ବେଳେ ବିଭିନ୍ନ ସମୟରେ ବିଭିନ୍ନ କମ୍ପାନୀରେ ଚାକିରି କରିଥିଲେ। ଗତ ୪ ମାସ ହେଲା ସେ ମୁମ୍ବାଇରେ କୌଣସି ଏକ କମ୍ପାନୀରେ ଥିଲେ। ଗତ ୧୫ ତାରିଖରେ ସେ ଗାଁକୁ ଫେରିଥିଲେ। ବୁଧବାର ରାତିରେ ପୁଣି ଥରେ ସେ ପ୍ରେମିକାଙ୍କ ଘରକୁ ଯାଇ ପାଟିତୁଣ୍ଡ କରିବା ପରେ ସିଲୁଙ୍କ ଉପରେ ହୋଇଥିଲା ସଂଘବଦ୍ଧ ଆକ୍ରମଣ। ଲୁହା ରଡ୍ ତାଙ୍କୁ ପିଟି ହତ୍ୟା କଲା ପରେ ମୃତଦେହ ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ ଅଭିଯୁକ୍ତମାନେ। ଗୌରୀଙ୍କ ଘରେ ନିଆଁ ଲାଗିଥିବା ଦେଖି ପଡ଼ୋଶୀମାନେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇଥିଲା। ନିଆଁ ଲିଭିବା ପରେ ଗୌରୀଙ୍କ ଘର ବାରଣ୍ଡାରେ ଦେଖିବାକୁ ମିଳିଥିଲା ସିଲୁଙ୍କ ଅଧାପୋଡ଼ା ମୃତଦେହ। ସିଲୁଙ୍କୁ ଯୋଜନାବଦ୍ଧ ଭାବେ ଘରକୁ ଡାକି ହତ୍ୟା କରିଥିବା ନେଇ ତାଙ୍କ ବଡ଼ ଭାଇ ଯଶୋଧର ରାୟ ରିଆମାଳ ଥାନାରେ ଅଭିଯୋଗ କରିଛନ୍ତି। ସିଲୁଙ୍କ ପ୍ରେମିକାଓ ତାଙ୍କ ବାପା,ମାଆଙ୍କ ସମେତ ୭ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳ ଯାଞ୍ଚ କରିଛି ପୁଲିସ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ପରେ ସିଲୁଙ୍କୁ ହତ୍ୟା କରି ନିଆଁ ଲଗାଇ ଦିଆଯାଇଥିଲା ନା ନିଆଁ ଲଗାଇ ହତ୍ୟା କରାଯାଇଥିଲା, ତାହା ସ୍ପଷ୍ଟ ହେବ। ଏବେ ଗୌରୀ ଓ ତାଙ୍କ ବାପାମା'ଙ୍କୁ ଅଟକ ରଖି ପଚରାଉଚୁରା ଚାଲିଥିବା ଦେବଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର ସୂଚନା ଦେଇଛନ୍ତି।

# ଜଳ ସମ୍ପଦ ବିଭାଗର ୱାଲମି ପରିସରରେ ବୃକ୍ଷରୋପଣ

**ଭୁବନେଶ୍ୱର,୧୭।୯/ଏନ୍ଏନ୍ଏସ୍:** ସେବା ସଂକଳ୍ପ ଅଭିଯାନ ଅବସରରେ ଜଳ ସଂରକ୍ଷଣ ଓ ପରିବେଶ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରତାପନଗରୀସ୍ଥିତ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ(ୱାଲମି) ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ୭୬ଟି ଦେଶୀୟ ଓ ଜଳବାୟୁ ସହନଶୀଳ ଚାରା ରୋପଣ କରାଯାଇଛି। 'ସେବା ସଂକଳ୍ପ' ଅଭିଯାନର ମୂଳ ଭାବନାକୁ ଆଧାର କରି ସମାଜ ଓ ପରିବେଶ ପ୍ରତି ଦାୟିତ୍ୱବୋଧକୁ ଜନସେବାର ଏକ ସାର୍ଥକ ପଦକ୍ଷେପରେ ପରିଣତ କରାଯାଇଛି। ବୃକ୍ଷରୋପଣ ମାଧ୍ୟମରେ ପ୍ରାକୃତିକ ସମ୍ପଦର ସୁରକ୍ଷା ସହ ଆଗାମୀ ପିଢ଼ି ପାଇଁ ଏକ ସବୁଜ, ସୁସ୍ଥ ପରିବେଶ ଗଠନର ସଂକଳ୍ପକୁ ଦୃଢ଼ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ସ୍ୱତନ୍ତ୍ର ଶାସନ ସଚିବ ପ୍ରଫୁଲ୍ଲ କୁମାର ସ୍ୱାଇଁ, ବିଭାଗର ପୁନର୍ବାସ ଓ ପୁନଃସ୍ଥାପନ ନିର୍ଦ୍ଦେଶକ ଅଶୋକ କୁମାର ବେହେରା, ଅତିରିକ୍ତ ଶାସନ ସଚିବ ସୁବ୍ରତ କୁମାର ନାୟକ, ୱାଲମିର ନିର୍ଦ୍ଦେଶକ ଗୌତମ କୁମାର ସେଠୀ ଓ ବିଭାଗର ବରିଷ୍ଠ ଅଧିକାରୀ, ୱାଲମିର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିନ

# ରାଜ୍ୟ ବିଜେପି ଶିଳ୍ପ ପ୍ରକୋଷ୍ଠ ପକ୍ଷରୁ ଦୀପ ପ୍ରଜ୍ୱଳନ

## ମୋଦୀ ଯୁବପିଢ଼ିଙ୍କୁ ସମାଜରେ ସମ୍ମାନ ଓ ପ୍ରତିଷ୍ଠା ଦେଇଛନ୍ତି

**ଭୁବନେଶ୍ୱର,୧୭।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ଅବସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ 'ସେବା ସଙ୍କଳ୍ପ ଅଭିଯାନ' ଆୟୋଜିତ ହେଉଛି। ଗୁଜରାଟ ସରକାରର ମୁଖ୍ୟଭାବେ ଏବଂ ପରବର୍ତ୍ତୀ ସମୟରେ କେନ୍ଦ୍ରସରକାରର ମୁଖ୍ୟଭାବେ ମୋଦୀଙ୍କ ୨୫ବର୍ଷର ସେବା, ସୁଶାସନ, ସଙ୍କଳ୍ପ ଓ ସମର୍ପଣକୁ ସ୍ମରଣ କରି ଏହି ଅଭିଯାନ ଆୟୋଜିତ ହେଉଛି। ଏହି ଅବସରରେ ରାଜ୍ୟ ବିଜେପି ଶିଳ୍ପ ପ୍ରକୋଷ୍ଠ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହାର ଅଂଶଭାବେ ଗୁରୁବାର ସନ୍ଧ୍ୟା ୭ଟାରେ ଭୁବନେଶ୍ୱରର ଇନ୍‌ଫୋସିଟିଠାରେ "ଆଶୀର୍ବାଦ ଦୀପ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୋଦୀ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଓ ବିକାଶମୂଳକ କାର୍ଯ୍ୟକ୍ରମ ଦ୍ୱାରା ନିଜ ଜୀବନ ଓ ବ୍ୟବସାୟରେ ସକାରାତ୍ମକ ପରିବର୍ତ୍ତନ ଅନୁଭବ କରିଥିବା ବହୁ ସଂଖ୍ୟକ ଷ୍ଟାର୍ଟଅପ୍ ଉଦ୍ୟୋଗୀ ଓ ଏମ୍ଏସ୍ଏମ୍ଇ ଉଦ୍ୟମୀ ଯୋଗଦେଇ ମାଦୀଙ୍କ ୭୬ତମ ଜନ୍ମଦିନକୁ ସ୍ମରଣକରି ୭୬ଟି ଦୀପ ପ୍ରଜ୍ୱଳନ କରିଥିଲେ। ଯୁବ ଉଦ୍ୟୋଗୀମାନଙ୍କ ଦ୍ୱାରା ଅଙ୍କିତ ଆକର୍ଷଣୀୟ ଓ ରଙ୍ଗିନ ରଙ୍ଗୋଲି କାର୍ଯ୍ୟକ୍ରମ ସ୍ଥଳର ଶୋଭା ବଢ଼ାଇଥିଲା। ଏଥିରେ ମୋଦୀ ସରକାରଙ୍କ ବିଭିନ୍ନ ପଦକ୍ଷେପ ଯୋଗୁଁ ସେମାନଙ୍କ ଜୀବନ ଓ ବ୍ୟବସାୟରେ ଆସିଥିବା ସକାରାତ୍ମକ ପରିବର୍ତ୍ତନକୁ ନେଇ ଯୁବ ଉଦ୍ୟୋଗୀମାନେ ନିଜ ଅନୁଭବ ସେୟାର କରିଥିଲେ ଏବଂ ରିଲ୍‌ମାଧ୍ୟମରେ ଏହାକୁ



ପ୍ରକାଶ କରିଥିଲେ।

ଏହି ଅବସରରେ ପୂର୍ବତନ ନାଲ୍‌କୋ ସିଏମ୍‌ଡି ତଥା ଶିଳ୍ପ ପ୍ରକୋଷ୍ଠର ସହ-ସଂଯୋଜକ ଡ. ତପନ ଚାନ୍ଦ କହିଥିଲେ ଯେ, ମୋଦୀଙ୍କ ସୁଶାସନ ଓ ଜନକଲ୍ୟାଣମୂଳକ ପଦକ୍ଷେପ ଦ୍ୱାରା ସମାଜର ସମସ୍ତବର୍ଗ ବିଭିନ୍ନ ଭାବେ ଉପକୃତ ହୋଇଛନ୍ତି। ମୋଦୀ ଯୁବପିଢ଼ିଙ୍କୁ ସମାଜରେ ସମ୍ମାନ ଓ ପ୍ରତିଷ୍ଠା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନଯୋଜନା ମାଧ୍ୟମରେ ୮୦କୋଟିରୁ ଅଧିକ ଲୋକଙ୍କୁ ଖାଦ୍ୟଶସ୍ୟ ଯୋଗାଣ କରାଯାଇଛି। ସେହିପରି, ବିଭିନ୍ନ ସରକାରୀ ଯୋଜନା ଓ ବିକାଶମୂଳକ ପଦକ୍ଷେପ ମାଧ୍ୟମରେ ବହୁଲୋକ ବହୁମାତ୍ରିକ ଦାରିଦ୍ର୍ୟରୁ ବାହାରିବାର ସୁଯୋଗ ପାଇଛନ୍ତି। ଘରେ ଶୌଚାଳୟ ନିର୍ମାଣ ମାଧ୍ୟମରେ ୧୨କୋଟିରୁ ଅଧିକ ମହିଳାଙ୍କ ପାଇଁ ସମ୍ମାନ, ସୁରକ୍ଷା ଓ ମର୍ଯ୍ୟାଦା ବୃଦ୍ଧିପାଇଛି ବୋଲି ସେ ଉଲ୍ଲେଖ କରିଥିଲେ। ଡ. ଚାନ୍ଦ ଆହୁରି କହିଥିଲେ ଯେ, ଷ୍ଟାର୍ଟଅପ ଇଣ୍ଡିଆ ସମେତ ବିଭିନ୍ନ ପ୍ରୋତ୍ସାହନମୂଳକ କାର୍ଯ୍ୟକ୍ରମ ଭାରତୀୟ ଯୁବପିଢ଼ିଙ୍କୁ ପ୍ରଥମଥର ପାଇଁ ବ୍ୟବସାୟ ଓ ଉଦ୍ୟମିତାକୁ ଏକ ସମ୍ମାନଜନକ ଓ ସମ୍ଭାବନାମୟ କ୍ୟାରିୟର ଭାବେ ଗ୍ରହଣ କରିବାର ପ୍ରେରଣା ଦେଇଛି। ଆଜିର ଯୁବ ଷ୍ଟାର୍ଟଅପ୍ ଓ ଉଦ୍ୟୋଗୀମାନେ ଏହି ପଦକ୍ଷେପଗୁଡ଼ିକର ସକାରାତ୍ମକ ପ୍ରଭାବକୁ ସ୍ୱୀକାର କରୁଛନ୍ତି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଭାତ କେଶରୀ ମିଶ୍ର, ସଂଯୋଜକ, ଶିଳ୍ପ ପ୍ରକୋଷ୍ଠ; ଜୟଶ୍ରୀ ମହାନ୍ତି, ଏମ୍‌ଡି, ଲୁମିନସ୍ ଇନେଫୋ ପ୍ରମୁଖ ଉପସ୍ଥିତ ଥିଲେ। ଓମ୍ ପରିଡ଼ା ଏବଂ ଶ୍ରୀ ଚଣ୍ଡୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଆଜିର ଇତିହାସ

- ୧୯୫୦–ଅଭିନେତ୍ରୀ ଶବାନା ଆଜ୍‌ମୀଙ୍କର ଆଜି ଜନ୍ମଦିନ।
- ୧୯୫୮–ସ୍ୱାଧୀନତା ସଂଗ୍ରାମୀ 'ଭାରତ ରତ୍ନ' ଭଗବାନ ଦାସଙ୍କ ନିଧନ ହୋଇଥିଲା।
- ୧୯୮୬–ମୁମ୍ବାଇରୁ ପ୍ରଥମ ଥର ମହିଳା ଚାଳକମାନେ ଜେଟ୍ ବିମାନ ଉଡ଼ାଇଥିଲେ।
- ୨୦୦୮–ଶୋଭନା ଭରତିଆ ଏଚ୍.ଟି ମିଡିଆର ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ।
- ୨୦୦୯–ଏଚ୍‌ସିଏଲ୍‌ର ସଂସ୍ଥାପକ ଶିବ ନାଦାରଙ୍କୁ ବିଜିନେସ୍ ପର୍ସନ୍ ଅଫ୍ ଦ ଇଅର୍‌ରେ ସମ୍ମାନିତ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – ଦିନଟି ମିଶ୍ରିତ ଫଳ ଦେବ। କିଛି ମାମଲାରେ ଚାପର ସମ୍ମୁଖୀନ ହେବେ। ସଫଳତା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। କାରବାରରେ ଲାଭ ପାଇବେ। ଭାବନା ଓ ବିଚାରକୁ ସଂଯମରେ ରଖନ୍ତୁ।

**ବୃଷ** – ଦିନଟି ଖର୍ଚ୍ଚିଲା ରହିବ। ସୁଖ-ସାଧନର ପ୍ରାପ୍ତି ହେବ। ଆର୍ଥିକ ଲାଭ ପାଇବେ। ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱକୁ ପୂରା କରିବେ। ସୁଖ-ସାଧନ ଉପରେ ଖର୍ଚ୍ଚ କରିବେ। ଛାତ୍ରମାନେ ଖୁବ୍ ବଢ଼ିଆ ପ୍ରଦର୍ଶନ କରିବେ।

**ମିଥୁନ** – ଦିନଟି ଖୁବ୍ ଶାନ୍‌ଦାର। କାର୍ଯ୍ୟଶୈଳୀରେ ବରିଷ୍ଠମାନେ ପ୍ରଭାବିତ ହେବେ। ପ୍ରଶଂସିତ ହେବେ। ନେଣ-ଦେଣର ହିସାବ କରିବେ। ବଡ଼ ଖୁସି ଖବର ପାଇବେ। ଜୀବନ ଆନନ୍ଦଦାୟକ ରହିବ।

**କର୍କଟ** – ବୁଦ୍ଧି ଓ ବିବେକ ବଳରେ ଭାଗ୍ୟର ସହଯୋଗ ପାଇବେ। କାରବାରରେ ଆୟ ବୃଦ୍ଧି ହେବ। ସାମାଜିକ ଗତିବିଧିରେ ଭାଗ ନେଇପାରନ୍ତି। ପାରିବାରିକ ଜୀବନରେ ପ୍ରେମ ଓ ସହଯୋଗ ପାଇବେ।

**ସିଂହ** – ଦିନଟି ମିଶ୍ରିତ ଫଳ ଦେବ। କଠିନ ପରିସ୍ଥିତି ପରେ ସଫଳତା ପାଇବେ। ନୂଆ କାମ କରିବା ପୂର୍ବରୁ ବିଚାର କରନ୍ତୁ। ବଡ଼ ଭାଇର ସହଯୋଗ ପାଇବେ। ପୁରୁଣା ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**କନ୍ୟା** – ଦିନଟି ଶୁଭ ଓ ଲାଭଦାୟକ ରହିବ। ସଫଳତା ପାଇବେ। କୁଟନୀତିକ ଉପାୟରେ କାମ ପୂରା କରନ୍ତୁ। ବିତ୍ତୀୟ ପ୍ରବନ୍ଧନ ଜରୁରୀ। ମାତାପିତା ମାର୍ଗଦର୍ଶନ କରେଇବେ। ସୁଖ-ସାଧନ ବୃଦ୍ଧି ହେବ।

**ତୁଳା** – ଅଧିକ ଭାବୁକ ହେବେ। ବାକି କାମ ପୂରା କରିବେ। ଭୌତିକ ସାଧନ ଉପରେ ଖର୍ଚ୍ଚ କରିବେ। ପରିବାରର ସହଯୋଗ ପାଇବେ। ଛୋଟ ବା ଲମ୍ବା ଦୂରର ଯାତ୍ରା ସମ୍ଭବ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ।

**ବିଛା** – କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। କାମକୁ ନେଇ ପ୍ରଶଂସିତ ହେବେ। ବଡ଼ ଡିଲ୍ ମିଳିପାରେ। ଘରର ବଡ଼ ସଦସ୍ୟଙ୍କ ସହଯୋଗ ପାଇବେ। ସାମାଜିକ ପ୍ରଭାବ ଓ ସମ୍ମାନ ପାଇବେ।

**ଧନୁ** – ମିଶ୍ରିତ ଫଳ ପାଇବେ। ପୂର୍ବ ପରିଚିତ ମାଧ୍ୟମରୁ ଲାଭ ମିଳିବ। ଯାତ୍ରା ଉପରେ ଖର୍ଚ୍ଚ କରିବେ। ପ୍ରେମୀମାନଙ୍କ ମଧ୍ୟରେ ଥିବା ବିବାଦ ଦୂର ହେବ। ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦେବେ।

**ମକର** – ଦିନଟି ଅନୁକୂଳ ରହିବ। ଅଟକିଥିବା କାମ ପୂରା ହେବ। ଅଫିସ୍‌ର ପ୍ରଭାବ ପଡ଼ିବ। ସହକର୍ମୀଙ୍କ ପାଇଁ ଚାପଗ୍ରସ୍ତ ହେବେ। ପିତା ଓ ଦାଦାଙ୍କ ଠାରୁ ଅପେକ୍ଷିତ ସହଯୋଗ ପାଇବେ।

**କୁମ୍ଭ** – ବଡ଼ ସଫଳତା ପାଇବେ। ନୂଆ ପ୍ରୋଜେକ୍ଟ ଉପରେ କାମ ଆରମ୍ଭ ହୋଇପାରେ। ପୁରୁଣା ନିବେଶରୁ ବଢ଼ିଆ ରିଟର୍ଣ୍ଣ ପାଇବେ। ମନ ପ୍ରସନ୍ନ ରହିବ। ଆତ୍ମବିଶ୍ୱାସରେ ଭରି ରହିବେ।

**ମୀନ** – ସୁଖ-ସମୃଦ୍ଧି ବୃଦ୍ଧି ହେବ। ରୋମାଞ୍ଚକ ଅବସର ପାଇବେ। ସହଯୋଗ ପ୍ରାପ୍ତି ହେବ। ବିଦ୍ୟାର୍ଥୀମାନେ ଶିକ୍ଷା ଉପରେ ଧ୍ୟାନ ଦେବେ। ପରସ୍ପର ସହିତ ତାଳମେଳ ବଜାୟ ରଖିବେ।

## କଠୋପନିଷଦ୍



ପ୍ରଥମ ଅଧ୍ୟାୟ ପ୍ରଥମ ବଲ୍ଲୀ

ତିସ୍ରୋ ରାତ୍ରୀର୍ୟଦବାତ୍ସୀର୍ଗୃହେ ମେ
ଅନଶ୍ନନ୍ ବ୍ରହ୍ମନ୍ନତିଥିର୍ନମସ୍ୟଃ
ନମସ୍ତେଽସ୍ତୁ ବ୍ରହ୍ମନ୍ ସ୍ୱସ୍ତି ମେଽସ୍ତୁ
ତସ୍ମାତ୍ ପ୍ରତି ତ୍ରୀନ୍ ବରାନ୍ ବୃଣୀଷ୍ୱ। (୧/୧/୯)

(ଯମରାଜ ନଚିକେତାଙ୍କୁ ଯଥୋଚିତ ଅଭ୍ୟର୍ଥନା କରି କହିଲେ)- ହେ ବ୍ରାହ୍ମଣଦେବ, ତୁମେ ଅତିଥି ଏବଂ ମୋର ନମସ୍ୟ; ଅଥଚ ତିନିରାତ୍ରି ମୋ ଗୃହରେ ଅନାହାରରେ ବାସ କରିଛ। ସେଥିପାଇଁ ତୁମକୁ ନମସ୍କାର କରୁଛି; ମୋର ମଙ୍ଗଳ ହେଉ। ଅନାହାରରେ ଯାପନ କରିଥିବା ପ୍ରତି ରାତ୍ରି ପାଇଁ ଗୋଟିଏ ଲେଖାଏଁ ତିନୋଟି ବର ପ୍ରାର୍ଥନା କର।



# ନବଗଠିତ ବାୟୁମଣ୍ଡଳୀୟ ଦଶଭୁଜ

ନିଜର ବିଶାଳକାୟ ରିଙ୍ଗ୍ କାରଣରୁ ପୂରା ସୌରମଣ୍ଡଳରେ ଶନି ଗ୍ରହକୁ ସହଜରେ ଚିହ୍ନି ହୁଏ। ପିଲାଙ୍କୁ ସେମାନଙ୍କର ପସନ୍ଦଯୋଗ୍ୟ ଗ୍ରହ କେଉଁଟି ବୋଲି ପଚାରିଲେ ସେମାନେ ମଧ୍ୟ ଶନି ଗ୍ରହ ବୋଲି କହନ୍ତି। କାରଣ ଶନି ଗ୍ରହର ରିଙ୍ଗ୍ ଏହାର ସବୁଠାରୁ ଆକର୍ଷକ ବିଶେଷତା। ଏହି ଗ୍ରହର ଅନ୍ୟ ବିଶେଷତାଗୁଡ଼ିଏ ମଧ୍ୟ ରହିଛି ଯେଉଁଗୁଡ଼ିକ ଉପରେ ସହଜରେ ଧ୍ୟାନ ଯାଏ ନାହିଁ ବିଶେଷ କରି ଏହାର ଧ୍ରୁବୀୟ ଗତିବିଧି। ଗ୍ରହର ଉତ୍ତର ଧ୍ରୁବୀୟ କ୍ଷେତ୍ରରେ ଦୀର୍ଘ ସମୟରୁ ଜ୍ଞାତ ଷଟଭୁଜ ସାମିଲ ଅଛି। କିନ୍ତୁ ଶନିଙ୍କ ଦକ୍ଷିଣୀ ଧ୍ରୁବୀୟ କ୍ଷେତ୍ରରେ କୌଣସି ପ୍ରକାରର ଗତିବିଧି ହେଉଥିବ ଓ ଏହାଦ୍ୱାରା ବୈଜ୍ଞାନିକମାନଙ୍କୁ ଗ୍ରହ ନିର୍ମାଣ ଓ ବିକାଶ ସମ୍ପର୍କରେ କେଉଁଭଳି ତଥ୍ୟ ସବୁ ମିଳୁଛି ଏହା ଉପରେ ଏକ ରୋମାଞ୍ଚକର ଦିଗର ଅନ୍ୱେଷଣ କରାଯାଇଛି। ଅଧ୍ୟୟନକାରୀମାନେ ନାସାର ହବଲ୍ ସ୍ପେସ୍ ଟେଲିସ୍କୋପ୍ ଓ ଏଠାରେ ଥିବା ଟେଲିସ୍କୋପ୍‌ରୁ ପ୍ରାପ୍ତ ଛବିଗୁଡ଼ିକୁ ନେଇ ବିଶ୍ଳେଷଣ କରିଥିଲେ। ହବଲ୍ ଟେଲିସ୍କୋପ୍‌ରୁ ପ୍ରାପ୍ତ ଛବିଗୁଡ଼ିକ ଆଉଟର୍ ପ୍ଲାନେଟ୍ ଆଟ୍‌ମସ୍‌ଫିଅର୍ସ ଲିଗେସି କାର୍ଯ୍ୟକ୍ରମର ଅଂଶବିଶେଷ ଯାହାର ସ୍ଥାପନା କରାଯାଇଥିଲା ୨୦୧୪ରେ। ଏହି କାର୍ଯ୍ୟକ୍ରମ ବୃହସ୍ପତି, ଶନି, ୟୁରେନସ୍ ଓ ନେପ୍‌ଚ୍ୟୁନ୍ ପରି ବାହ୍ୟ ଗ୍ରହଗୁଡ଼ିକର ବାର୍ଷିକ ଛବି ପ୍ରାପ୍ତ କରିଥାଏ ଯାହାର ଉଦ୍ଦେଶ୍ୟ ସେମାନଙ୍କର ବାୟୁମଣ୍ଡଳୀୟ ସଂରଚନା, ବ୍ୟବହାର ଓ ବିକାଶ ସମ୍ପର୍କରେ ତଥ୍ୟ ପ୍ରାପ୍ତ କରିବା। ୨୦୨୩-୨୫ ମଧ୍ୟରେ ପ୍ରାପ୍ତ କରିଥିବା ଛବିଗୁଡ଼ିକର ବିଶ୍ଳେଷଣ କରିବା ପରେ ଅଧ୍ୟୟନକାରୀମାନେ ଶନିର ଦକ୍ଷିଣ ଧ୍ରୁବୀୟ କ୍ଷେତ୍ରରେ ଏକ ନୂଆ ଦଶଭୁଜା ବାୟୁମଣ୍ଡଳୀୟ ସଂରଚନାର ଚିହ୍ନଟ କରିଛନ୍ତି। ଏହା ଉତ୍ତରୀ ଧ୍ରୁବୀୟ କ୍ଷେତ୍ରରେ ଦୀର୍ଘ ସମୟ ଧରି ନଜର ଆସୁଥିବା ଷଟଭୁଜାକାର ବାୟୁମଣ୍ଡଳୀୟ ସଂରଚନା ଠାରୁ ଭିନ୍ନ। ତେବେ ଉତ୍ତରୀ ଭାଗର ସଂରଚନା ପାଖାପାଖି ସ୍ଥିର ରହିଥିବା ବେଳେ ଦକ୍ଷିଣ ଦଶଭୁଜାକାର ସଂରଚନା ପୂର୍ବ ଦିଗ ଆଡ଼କୁ ଗତି କରୁଛି।

# ଆର୍‌ଏଆର୍‌ବି ଜିନ୍ ଡିସ୍‌ଅର୍ଡର

କିଛି ପିଲା କାନ୍ଦିଲେ ବା ଅଧିକ କିଛି ସମସ୍ୟା ଥିଲେ ତା'ର ନିଃଶ୍ୱାସ ଅଟକିଯିବା ପରି ମନେହୁଏ। ଏପରି ସ୍ଥିତିରେ ଜୀବନ ଯିବାର ଭୟ ରହିଥାଏ। ଏହି ଅଜବ ସ୍ଥିତିରେ ମା' ମଧ୍ୟ ପିଲାଟିର ଜୀବନକୁ ନେଇ ଭୟଭୀତ ହୋଇଯାଏ। ଅନେକ ଥର ପିଲାର ଶରୀର ନୀଳ ପଡ଼ିଯାଏ। ଏହି ସ୍ଥିତିରେ ଜେନେଟିକ୍ ଟେଷ୍ଟ କରାଯାଏ ଯେଉଁଥିରୁ ଆର୍‌ଏଆର୍‌ବି ମ୍ୟୁଟେସନ୍ ଥିବାର ଜଣାପଡ଼େ। ପୂରା ବିଶ୍ୱରେ ଏହି ଜେନେଟିକ୍ ଡିସ୍‌ଅର୍ଡରର ଶହେରୁ ଅଧିକ ମାମଲା ଦେଖିବାକୁ ମିଳିଛି।



**ଆର୍‌ଏଆର୍‌ବି ଜିନ୍ ମ୍ୟୁଟେସନ୍**-ଏହାର ପୂରା ନାମ ରେଟିନୋଇକ୍ ଏସିଡ୍ ରିସେପ୍ଟର ବୀଟା। ଏହା ଶରୀରର ଡେଭଲପ୍‌ମେଣ୍ଟ ସହିତ ଜଡ଼ିତ ଜିନ୍ ମଧ୍ୟରୁ ଅନ୍ୟତମ ଓ ଭିଟାମିନ୍-ଏରୁ ମିଳୁଥିବା ସିଗନାଲ୍‌କୁ ଶରୀରର ସେଲ୍ସ ପର୍ଯ୍ୟନ୍ତ ପହଞ୍ଚାଇବା କାମ କରେ। ମା' ପେଟରେ ପିଲାଟିର ବିକାଶ ସମୟରେ ଭିଟାମିନ୍-ଏ ସହିତ ଜଡ଼ିତ ସିଗନାଲ୍ ଆଖି, ମସ୍ତିଷ୍କ, ଫୁସ୍‌ଫୁସ୍ ଓ ମେରୁଦଣ୍ଡ ହାଡ଼ର ବିକାଶ ପାଇଁ ଏହା ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରେ। କିନ୍ତୁ ଯଦି ଗର୍ଭାବସ୍ଥା ସମୟରେ କୌଣସି ପିଲାର ଆର୍‌ଏଆର୍‌ବି ଜିନ୍‌ରେ କୌଣସି ପରିବର୍ତ୍ତନ ଆସେ ତେବେ ଏହି ପୂରା ପ୍ରକ୍ରିୟା ଉପରେ ପ୍ରଭାବ ପଡ଼େ। ପିଲାଟିଏ ଜନ୍ମ ହେବା ପରେ କିଛି ଲକ୍ଷଣ ଦେଖିବାକୁ ମିଳିଥାଏ କିନ୍ତୁ ଅଧିକାଂଶ ମାମଲାରେ ମାତାପିତା ଏ ସମ୍ପର୍କରେ ଜାଣିପାରନ୍ତି ନାହିଁ। କିନ୍ତୁ ଏହାର କିଛି ଲକ୍ଷଣ ଦେଖାଯାଏ ଯେପରିକି ମୁଣ୍ଡକୁ ସମ୍ଭାଳି ନପାରିବା, କିଛି ସେକେଣ୍ଡ ପାଇଁ ନିଃଶ୍ୱାସ ନନେଇ ପାରିବା ଆଦି। ପ୍ରାରମ୍ଭିକ ଦିନଗୁଡ଼ିକରେ ଏପରି ସ୍ଥିତି ଜଣାପଡ଼େ କିନ୍ତୁ ପରେ ନିଃଶ୍ୱାସ ନେବା ପାଇଁ ମେସିନ୍‌ର ଆବଶ୍ୟକ ହୁଏ। କିନ୍ତୁ ପ୍ରତି ମାମଲାରେ ଏପରି ହୁଏ ନାହିଁ। ପିଲାଟିଏ ଗର୍ଭରେ ରହିଥିବା ସମୟରେ ତା' ଭିତରେ ନୂଆ ପରିବର୍ତ୍ତନ ଦେଖାଦିଏ।

# ବିଶ୍ୱ ବାଉଁଶ ଦିବସ

ପ୍ରତି ବର୍ଷ ଆଜିର ଦିନରେ ବିଶ୍ୱ ସ୍ତରରେ ପାଳନ କରାଯାଏ ବାଉଁଶ ଦିବସ। ଏହି ଦିବସର ଆଧିକାରିକ ଆରମ୍ଭ ହୋଇଥିଲା ୨୦୦୯ରେ ବ୍ୟାଙ୍କକ୍ ଠାରେ ଆୟୋଜିତ ଅଷ୍ଟମ ବିଶ୍ୱ ବାଉଁଶ ସମ୍ମିଳନୀରେ। ଦୈନନ୍ଦିନ ଜୀବନରେ ବାଉଁଶର ଉପଯୋଗକୁ ଆହୁରି ତ୍ୱରାନ୍ୱିତ କରିବା, ପର୍ଯ୍ୟାବରଣ ସଂରକ୍ଷଣ, କୃଷକ ଓ କାରିଗରମାନଙ୍କ ଆଜୀବିକାରେ ସୁଧାର ଆଣିବା ଏହି ଦିବସର ଉଦ୍ଦେଶ୍ୟ। ଦ୍ରୁତଗତିରେ ବୃଦ୍ଧି ପାଉଥିବା ଗଛ ମଧ୍ୟରୁ ବାଉଁଶ ଅନ୍ୟତମ ଯାହାକୁ ସବୁଜ ସୁନା ବୋଲି କୁହାଯାଏ। ପର୍ଯ୍ୟାବରଣ ସନ୍ତୁଳନକୁ ବଜାୟ ରଖିବା ସହିତ ମାଟି ଫାଟିବା ପ୍ରକ୍ରିୟାକୁ ଏହା ରୋକିଥାଏ। ଏହି କ୍ରମରେ ଆଜି ଜାଣିବା ଲୋଟା ବାଉଁଶ ଚାଷ ବିଷୟରେ।

## ଲୋଟା ବାଉଁଶ ଚାଷ

ଲୋଟା ବାଉଁଶ ତା'ର ଅନୋଖା ଆକାର ପାଇଁ ଲୋକମାନଙ୍କୁ ଆକର୍ଷିତ କରିଥାଏ। ଏହାକୁ ଚାଷ କରିବା ପାଇଁ ଆବଶ୍ୟକ ହୁଏ ପର୍ଯ୍ୟାପ୍ତ ପାଣି ଓ ଅନୁକୂଳ ପରିସ୍ଥିତି। ବାଉଁଶ ଗଛର ଶାଖା ଖୋଲିବା ଅପେକ୍ଷା ଲମ୍ବାରେ ବଢ଼ିଯାଏ। ଏହାକୁ ବୋନ୍‌ସାଇର ନମୁନା ଭାବରେ ଖୁବ୍ ପସନ୍ଦ କରାଯାଏ। ଛୋଟ ସ୍ଥାନରେ ସାଜସଜ୍ଜାର ସାମଗ୍ରୀ ଭାବରେ ମଧ୍ୟ ଲୋକମାନେ ଲୋଟା ବାଉଁଶର ବ୍ୟବହାର କରନ୍ତି। ଏହି ବାଉଁଶର ମୁଖ୍ୟ ଭାଗକୁ କାଟି ଲୋଟା ଓ ଗ୍ଲାସ୍ ଭାବରେ ବ୍ୟବହାର କରିପାରିବେ। ବିଶେଷ କରି ପୂର୍ବୋତ୍ତର ଭାରତରେ ଏହି ଚଳନ ବହୁଳ ମାତ୍ରାରେ ଦେଖିବାକୁ ମିଳେ। ତେବେ ଲୋଟା ବାଉଁଶ ଉଷ୍ଣକଟିବନ୍ଧୀୟ ଜଳବାୟୁ ଥିବା କ୍ଷେତ୍ରରେ ଖୁବ୍ ବଢ଼ିଆ ଭାବରେ ଉତ୍ପନ୍ନ ହୋଇପାରେ। ଲୋଟା ବାଉଁଶକୁ ଲୋକମାନେ ବୁଦ୍ଧା ବେଲୀ ବାଉଁଶ ନାମରେ ମଧ୍ୟ ଜାଣନ୍ତି। ଏହାର ଗଣ୍ଠି ଭାଗ ଫୁଲି ଲୋଟା ବା ମାଠିଆ ପରି ଆକାର ନେଇଥାଏ। ଏହାର ଏହି ଖାସ୍ ଗଠନ ପାଇଁ ଅନ୍ୟ ବାଉଁଶ ଗଛ ଠାରୁ ଏହା ଅଲଗା ଦେଖାଯାଏ। ତେବେ ଲୋଟା ବାଉଁଶର ବିଶେଷତା ହେଉଛି ଏହାର ବୃଦ୍ଧି ପାଇବାର କ୍ଷମତା। ପର୍ଯ୍ୟାପ୍ତ ପାଣି ମିଳିଲେ ଏହାର ଶାଖାଗୁଡ଼ିକ ଉପର ଆଡ଼କୁ ବଢ଼ିଥାନ୍ତି। ଅନୁକୂଳ ବାତାବରଣରେ ଏହାର ଉଚ୍ଚତା ୪୦-୫୦ ଫୁଟ୍ ପର୍ଯ୍ୟନ୍ତ ବଢ଼ିଥାଏ। ଏଥିପାଇଁ ଖୋଲା ସ୍ଥାନରେ ଲୋଟା ବାଉଁଶ ଲଗାଇବା ଉଚିତ। କାରଣ ୬-୮ ଘଣ୍ଟା ପର୍ଯ୍ୟନ୍ତ ଗଛକୁ ସୂର୍ଯ୍ୟକିରଣ ମିଳିବା ଆବଶ୍ୟକ। କିନ୍ତୁ ବାଲକନି, ଅଗଣା ଆଦିରେ ଯଦି ଲଗାଇବେ ତେବେ କୁଣ୍ଡ ଭିତରେ ସୀମିତ ସ୍ଥାନ କାରଣରୁ ଏହାର ବୃଦ୍ଧି ନିୟନ୍ତ୍ରିତ ହୋଇ ରହିବ। ତେଣୁ ପରିସ୍ଥିତି ଅନୁସାରେ ଗଛ ପାଞ୍ଚ ଫୁଟ୍ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଏହାର ମୂଳ ଘନ ହୋଇଥିବା କାରଣରୁ ମାଟି ଫାଟିବା ପରି ସ୍ଥିତିକୁ ମଧ୍ୟ ଏହା ନିୟନ୍ତ୍ରଣ କରିଥାଏ। ତେଣୁ ବାଡ଼ ବୁଜିବା ପାଇଁ ଲୋକମାନେ ଲୋଟା ବାଉଁଶର ମଧ୍ୟ ବ୍ୟବହାର କରିଥାନ୍ତି।




# ଅଙ୍କଶାସ୍ତ୍ରରେ ମୂଳାଙ୍କ ୩



ପ୍ରତି ମଣିଷଙ୍କ ସ୍ୱଭାବ ତାଙ୍କ ଜନ୍ମ ତାରିଖ ସହିତ ଅନେକଟା ଯୋଡ଼ିହୋଇ ରହିଥାଏ। ଅଙ୍କଶାସ୍ତ୍ର ଦୁନିଆରେ ପ୍ରତି ତାରିଖର ନିଜର ଏକ ଅଲଗା ମହତ୍ତ୍ୱ ଓ ପ୍ରଭାବ ଥାଏ। କିଛି ତାରିଖରେ ଜନ୍ମ ନେଇଥିବା ଲୋକମାନେ ବହୁତ ସାହସୀ ହୋଇଥିବା ବେଳେ କିଛି ଲୋକ ନିଜ ବୁଦ୍ଧି ପାଇଁ ଜଣାଶୁଣା ହୋଇଥାନ୍ତି। କିନ୍ତୁ ଅଙ୍କଶାସ୍ତ୍ର ଅନୁସାରେ ମାସର ୩, ୧୨, ୨୧ ଓ ୩୦ ତାରିଖରେ ଜନ୍ମ ହୋଇଥିବା ଲୋକମାନେ ଛଳ-କପଟ, ଘୃଣା ଓ ଚାଲାକୀ ଠାରୁ ବହୁ ଦୂରରେ ରହନ୍ତି। ଦୁନିଆର ଭିଡ଼ ଓ ବ୍ୟସ୍ତ ଜୀବନ ମଧ୍ୟରେ ଏମାନଙ୍କ ଭିତରେ ଏକ ଛୋଟ ପିଲାର ନିରୀହପଣ ସବୁବେଳେ ଜୀବିତ ହୋଇ ରହିଥାଏ। ଏହି ତାରିଖରେ ଜନ୍ମିତ ବ୍ୟକ୍ତିମାନଙ୍କ ଉପରେ ଦେବତାମାନଙ୍କର ଗୁରୁ ବୃହସ୍ପତି ଗ୍ରହର ବିଶେଷ କୃପା ରହିଥାଏ। ଗୁରୁଙ୍କ ପ୍ରଭାବ କାରଣରୁ ଏମାନଙ୍କ ଭିତରେ ଏକ ଅଲଗା ସାତ୍ତ୍ୱିକ ଓ ପବିତ୍ର ଊର୍ଜା ଦେଖିବାକୁ ମିଳେ। ଏମାନେ ସ୍ୱଭାବରେ ବହୁତ ସରଳ, ସଚ୍ଚା ଓ ଭାବୁକ ହୋଇଥାନ୍ତି। ଏମାନଙ୍କ ସମ୍ପର୍କରେ କିଛି ବିଶେଷ ତଥ୍ୟ ନିମ୍ନରେ ଦିଆଗଲା।

- ଏମାନେ ଜୀବନର ସବୁ ପରିସ୍ଥିତିକୁ ସକାରାତ୍ମକ ଦୃଷ୍ଟିରେ ଦେଖନ୍ତି। ଖରାପ ପରିସ୍ଥିତି ମଧ୍ୟରୁ ଏମାନେ କିଛି ନା କିଛି ଭଲ ଖୋଜି ନିଅନ୍ତି।
- କାହା ସହିତ ଧୋକା କରିବା ବା ଚାଲାକୀ ଦେଖାଇବା ଏମାନଙ୍କ ସ୍ୱଭାବରେ ନଥାଏ। ମନରେ ଏମାନେ କୌଣସି ପ୍ରକାରର ଘୃଣା ଓ ଦ୍ୱେଷ ଭାବ ରଖନ୍ତି ନାହିଁ।
- ଛୋଟ ପିଲାଭଳି ଏମାନେ ନୂଆ ଜିନିଷକୁ ଦେଖି ଖୁସି ହୋଇଯାଆନ୍ତି। ଏମାନଙ୍କ ଭିତରେ ଏକ ଖାସ୍ ଉତ୍ସାହ ଲୁଚି ରହିଥାଏ।
- ମନରେ ଏମାନେ ଯେଉଁଭଳି କଥା ରଖିଥାନ୍ତି ସେହି କଥା କହନ୍ତି। ଦେଖେଇହେବା ବା ଲୋକଙ୍କ ପଛରେ କିଛି କହିବା ଏମାନେ ପସନ୍ଦ କରନ୍ତି ନାହିଁ।
- ଏମାନେ ନିଃସ୍ୱାର୍ଥ ଭାବ ଦ୍ୱାରା ଅନ୍ୟର ସାହାଯ୍ୟ କରିବା ପାଇଁ ସବୁବେଳେ ପ୍ରସ୍ତୁତ ରହନ୍ତି। ନିରୀହପଣ ଏମାନଙ୍କର ସବୁଠାରୁ ବଡ଼ ଆକର୍ଷଣ।
- ଏହି ମୂଳାଙ୍କର ଲୋକମାନେ ଖୁବ୍ ମିଳନସାର ସ୍ୱଭାବର। ଯେଉଁମାନଙ୍କୁ ଏମାନେ ଜାଣିନଥାନ୍ତି ସେମାନଙ୍କୁ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଏମାନେ ନିଜର କରିପାରନ୍ତି। ପ୍ରତି ସମ୍ପର୍କକୁ ଏମାନେ ସଚ୍ଚୋଟତାର ସହିତ ନିଭେଇଥାନ୍ତି।

# ବିଶାଲ୍‌ଙ୍କ ନୂଆ ଫିଲ୍ମ



ଫିଲ୍ମ 'ହନୁମାନ ଅଂଶ'ର ସଫଳତା ପରେ ନିର୍ଦ୍ଦେଶକ ବିଶାଲ୍ ଚତୁର୍ବେଦୀ 'ରାମ ବୋଲାର' ନାମକ ଏକ ନୂଆ ଫିଲ୍ମ ବିଷୟରେ ଘୋଷଣା କରିଛନ୍ତି। ନୀମ୍ କରୌଲୀ ବାବାଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ 'ହନୁମାନ ଅଂଶ' ୪୦ ଦିନ ହେଲାଣି ବକ୍ସ ଅଫିସ୍‌ରେ ଖୁବ୍ ଆୟ କରିଚାଲିଛି। ଦର୍ଶକମାନଙ୍କର ଭଲପାଇବା, ପ୍ରଶଂସା ମିଳିଛି ଫିଲ୍ମଟିକୁ। କାହାଣୀକୁ ମଧ୍ୟ ଖୁବ୍ ପସନ୍ଦ କରାଯାଉଛି। ବିଶାଲ୍ ଚତୁର୍ବେଦୀଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ଏହି ଫିଲ୍ମଟି ନୀମ୍ କରୌଲୀ ବାବାଙ୍କ ଜୀବନୀ ଓ ଶିକ୍ଷା ଉପରେ ଆଧାରିତ। ଏଥିରେ ଶୋଭିନବ ସତ୍ୟା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ତେବେ ବିଶାଲ୍ ତାଙ୍କର ଆଗାମୀ ଫିଲ୍ମ ସନ୍ଥ ତୁଳସୀଦାସଙ୍କ ଜୀବନୀକୁ ନେଇ ନିର୍ମିତ କରିବେ। ପ୍ରଡକ୍ସନ୍ ବ୍ୟାନର୍, ମହାବୀର ଜୈନ ଫିଲ୍ମସ୍ ନିଜର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟର ଏକ ଜଏଣ୍ଟ ପୋଷ୍ଟ ଜରିଆରେ ଏହି ଘୋଷଣା କରିଛନ୍ତି। ଗୋସ୍ୱାମୀ ତୁଳସୀଦାସଙ୍କ ଜୀବନୀ ଏକ ଅମର କାହାଣୀ। ଫିଲ୍ମଟିର କାହାଣୀ ନିଜେ ବିଶାଲ ଲେଖିବା ସହିତ ନିର୍ଦ୍ଦେଶନା ଭାର ମଧ୍ୟ ଉଠାଇବେ। ଖବର ଅନୁସାରେ ମହାବୀର ଜୈନ, ବିଶାଲ୍ ଚତୁର୍ବେଦୀ, ଅମିତ ଉପାଧ୍ୟାୟ ଓ ରାଘବେନ୍ଦ୍ର ସିଂହ ଫିଲ୍ମଟିକୁ ନିର୍ମାଣ କରିବେ। ମହାକବି ଗୋସ୍ୱାମୀ ତୁଳସୀଦାସ ଷୋଡ଼ଶ ଶତାବ୍ଦୀର ଜଣେ ମହାନ ବୈଷ୍ଣବ ସନ୍ଥ ଓ କବି ଥିଲେ। ଭଗବାନ ରାମଙ୍କ ପ୍ରତି ତାଙ୍କର ପ୍ରଗାଢ଼ ଭକ୍ତି ପାଇଁ ସେ 'ରାମଚରିତମାନସ' ଜରିଆରେ 'ରାମାୟଣ'ର କାହାଣୀକୁ ଲୋକପ୍ରିୟ କରାଇଥିଲେ। କିନ୍ତୁ ସାଧାରଣ କଥିତ ଭାଷା ଅବଧିରେ ଏହାର ରଚନା କରିଥିଲେ ସନ୍ଥ ତୁଳସୀଦାସ। ତେବେ ଦୁଇ କୋଟିର କମ୍ ବଜେଟ୍‌ରେ ନିର୍ମିତ ହୋଇଥିବା ଫିଲ୍ମ 'ହନୁମାନ ଅଂଶ' ରିଲିଜର ପ୍ରଥମ ଦିନରେ ଦେଶରେ ଆୟ କରିଥିଲା ୧୦ ଲକ୍ଷ। ବର୍ତ୍ତମାନ ଫିଲ୍ମଟି ୨୦୦ କୋଟିରୁ ଅଧିକ ଆୟ କରିସାରିଲାଣି। ଫିଲ୍ମଟି ୧୮ ତାରିଖରେ ତେଲୁଗୁ ଭାଷାରେ ରିଲିଜ ହେବ। ଭକ୍ତମାନେ ନୀମ୍ କରୌଲୀ ବାବାଙ୍କୁ ହନୁମାନଙ୍କ ଅବତାର ଭାବରେ ମାନନ୍ତି।




# ଜଣେ ବହୁମୁଖୀ କଳାକାର



ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଏକ ଜଣାଶୁଣା ନାମ-ହେମନ୍ତ ଦାସ। ପ୍ରତି ବୟସର ଲକ୍ଷାଧିକ ପ୍ରଶଂସକ ଅଛନ୍ତି ତାଙ୍କର। ଓଡ଼ିଆ ଫିଲ୍ମର ଏହି ଅନୁଭବୀ ଅଭିନେତା ନିଜର ଭାବପୂର୍ଣ୍ଣ ଅଭିନୟ ଜରିଆରେ ଛାଡ଼ିଯାଇଛନ୍ତି ଏକ ସ୍ୱତନ୍ତ୍ର ଛାପ। ପଚାଶରୁ ଅଧିକ ଓଡ଼ିଆ ଫିଲ୍ମରେ ଅଭିନୟ କରିଥିବା ଏହି ପ୍ରତିଷ୍ଠିତ କଳାକାର ଜଣକ ୧୯୩୩ ମସିହା ଆଜିର ଦିନରେ ଖମାରଙ୍ଗ, ବାଙ୍କୀ ଠାରେ ଜନ୍ମଗ୍ରହଣ କରିଥିଲେ। ଏହି ସୁପରଷ୍ଟାରଙ୍କ କ୍ୟାରିୟରର ଆରମ୍ଭ ହୋଇଥିଲା ନୂଆ ଦିଲ୍ଲୀର ଅଲ୍ ଇଣ୍ଡିଆ ରେଡିଓର ଜଣେ ସମ୍ବାଦ ପାଠକ ଭାବରେ। ଏହାପରେ ସେ ଓଡ଼ିଶା ଆସିଲେ ଓ ୧୯୫୬ରେ ନିତାଇ ପାଲିତଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଭାଇ ଭାଇ' ଚଳଚ୍ଚିତ୍ରରୁ ନିଜର ଫିଲ୍ମି କ୍ୟାରିୟର୍ ଆରମ୍ଭ କରିଥିଲେ। ଅଧିକାଂଶ ଫିଲ୍ମରେ ତାଙ୍କୁ ଜଣେ ସାଧାରଣ ଗ୍ରାମୀଣ ଚରିତ୍ରରେ ଦେଖିବାକୁ ମିଳେ ତେବେ ଫିଲ୍ମ 'ଯାଯାବର' ହେଉ ଅବା 'ଚିଲିକା ତୀରେ'। ସେ ସମୟରେ ହେମନ୍ତ ଦାସଙ୍କ ବିନା କୌଣସି ଫିଲ୍ମ ଯେପରି ଅସମ୍ପୂର୍ଣ୍ଣ ମନେ ହେଉଥିଲା। ତାଙ୍କର ସବୁଠାରୁ ଲୋକପ୍ରିୟ ଫିଲ୍ମ ଥିଲା ଶେଷ ଶ୍ରାବଣ (୧୯୭୬)। ସାଥୀ ମୋର (୨୦୦୯) ଥିଲା ତାଙ୍କର ଶେଷ ଫିଲ୍ମ। ଅଭିନୟ ବ୍ୟତୀତ ରେଡିଓ କଳାକାର ଓ ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ ତାଙ୍କର ପ୍ରସିଦ୍ଧି ରହିଛି। ଆକାଶବାଣୀ, କଟକର ସମାଚାର ବିଭାଗରେ କାମ କରିବା ସହିତ ଅନେକ ଟିଭି ଧାରାବାହିକଗୁଡ଼ିକରେ ମଧ୍ୟ ନଜର ଆସିଥିଲେ ହେମନ୍ତ ଦାସ। ଜୀବନର ଶେଷ ସମୟରେ ବହୁତ କଷ୍ଟ, ଯନ୍ତ୍ରଣା ଓ ପୀଡ଼ା ପାଇ ରୋଗଗ୍ରସ୍ତ ହେବା ପରେ ୨୭ ଏପ୍ରିଲ୍, ୨୦୧୦ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ଗଡ଼ଜାତର ଗାନ୍ଧୀ



ସାରଙ୍ଗଧର ଦାସ ଥିଲେ ଅନ୍ଧାରୀ ମୂଲକର ଶୋଷିତ, ଅତ୍ୟାଚାରିତ ଗଡ଼ଜାତ ପ୍ରଜାମାନଙ୍କର ତ୍ରାଣକର୍ତ୍ତା। ଏଥିପାଇଁ 'ଗଡ଼ଜାତର ଗାନ୍ଧୀ' ଭାବରେ ତାଙ୍କର ପରିଚୟ ରହିଛି। ୧୭ ଅକ୍ଟୋବର, ୧୮୮୬ରେ ଢେଙ୍କାନାଳ ସହର ନିକଟବର୍ତ୍ତୀ ହରେକୃଷ୍ଣପୁର ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ରେଭେନ୍ସା କଲେଜରେ ଶିକ୍ଷା ଗ୍ରହଣ କରୁଥିବା ବେଳେ ତାଙ୍କର ସାଙ୍ଗ ଥିଲେ ନୀଳକଣ୍ଠ ଦାସ। ତାଙ୍କ ଜରିଆରେ ସାରଙ୍ଗଧରଙ୍କର ପରିଚୟ ହୋଇଥିଲା ଗୋପବନ୍ଧୁ, ଆଚାର୍ଯ୍ୟ ହରିହରଙ୍କ ପରି ସଂଗ୍ରାମୀମାନଙ୍କ ସହିତ। ସେମାନଙ୍କ ପ୍ରେରଣାରେ ସେ ଯୋଗ ଦେଇଥିଲେ ସ୍ୱଦେଶ ଆନ୍ଦୋଳନରେ। ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାର ଉନ୍ନତି ଦିଗରେ ସ୍ୱପ୍ନ ଦେଖୁଥିବା ସାରଙ୍ଗଧର ଜାପାନ ଯାଇ ସେଠାରେ ପ୍ରଥମେ ଦିଆସିଲି ଶିଳ୍ପ ସମ୍ପର୍କରେ ଶିକ୍ଷା ହାସଲ କରିଥିଲେ। ପରେ ଆମେରିକାର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ବିଜ୍ଞାନରେ ନାମ ଲେଖାଇଥିଲେ। ସେଠାରୁ ଫେରି ସେ ଢେଙ୍କାନାଳର ବ୍ରହ୍ମକୁଣ୍ଡ ଠାରେ ଚିନି କାରଖାନା ବସାଇଥିଲେ। ଏଥିପାଇଁ ସେ ଋଣଗ୍ରସ୍ତ ହୋଇପଡ଼ିଥିଲେ ଓ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବା ପାଇଁ ତାଙ୍କ ବିବେକ ବାଧା ଦେଇଥିଲା। ତେଣୁ ଗାନ୍ଧିଜୀଙ୍କ ପରାମର୍ଶକ୍ରମେ ସେ ରେଙ୍ଗୁନ ଠାରେ ଏକ ଚିନିକଳରେ ଚାକିରି କଲେ। କିନ୍ତୁ ସେଠାରେ ତାଙ୍କର ମନ ଲାଗିଲା ନାହିଁ ଓ ସେ ସ୍ୱଦେଶକୁ ଫେରି ରାଜାମାନଙ୍କର ହୁକ୍‌ପିଟା ଶାସନ ବିରୁଦ୍ଧରେ ପ୍ରଜାମଣ୍ଡଳ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଏକ ଲଢୁଆ ବାହିନୀରେ ପରିଣତ ହେଲା। ଏହାପରେ ସେ ଯୋଗ ଦେଲେ କଂଗ୍ରେସରେ। ପରେ ସେ ସମ୍ବିଧାନ ସଭାର ସଭ୍ୟ ପ୍ରାର୍ଥୀ ଭାବରେ ବିଜୟୀ ହୋଇଥିଲେ। ଓଡ଼ିଶା ବିଧାନସଭାକୁ ମଧ୍ୟ ନିର୍ବାଚିତ ହୋଇଥିଲେ ସାରଙ୍ଗଧର ଦାସ। ନିଜର ସମସ୍ତ ସମ୍ପତ୍ତିକୁ ସେ ବିଭିନ୍ନ ଟ୍ରଷ୍ଟକୁ ଦାନ କରି ୧୯୫୬ର ଆଜିର ଦିନରେ ଦେହତ୍ୟାଗ କରିଥିଲେ।

# ତୃତୀୟ ଟି-୨୦: ଅଭିଷେକଙ୍କ ଶତକ ପରେ ବୋଲର୍‌ଙ୍କ କମାଲ

# ଟିମ୍ ଇଣ୍ଡିଆର ସିରିଜ୍ କ୍ଲିନ୍ ସ୍ୱିପ୍

**ନୂଆଦିଲ୍ଲୀ,୧୭।୯/ଏଜେନ୍ସି:** ଅଭିଷେକ ଶର୍ମାଙ୍କ ଶତକ ପରେ ବୋଲର୍‌ଙ୍କ କମାଲ୍ ବୋଲିଂ ଫଳରେ ଭାରତ ତୃତୀୟ ଟି-୨୦ରେ ଆଫଗାନିସ୍ତାନକୁ ୧୨୭ ରନ୍‌ରେ ହରାଇ ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍ କ୍ଲିନ୍ ସ୍ୱିପ୍ କରିଛି। ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଅଭିଷେକ ଶର୍ମାଙ୍କ ୧୦୮ ରନ୍‌ର ବିସ୍ଫୋରକ ଶତକ ଓ ସଞ୍ଜୁ ସାମ୍‌ସନ୍‌ଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ୭ ୱିକେଟ୍ ହରାଇ ୨୨୧ ରନ୍‌ର ବିଶାଳ ସ୍କୋର୍ ଛିଡ଼ା କରିଥିଲା। ଜବାବରେ ଆଫଗାନିସ୍ତାନ ୧୪.୧ ଓଭର୍‌ରେ ୯୪ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଭାରତ ପକ୍ଷରୁ ନୀତୀଶ କୁମାର ରେଡ୍ଡୀ ଓ ରବି

## ୧୨୭ ରନ୍‌ରେ ହାରିଲା ଆଫଗାନିସ୍ତାନ

ବିଶ୍ନୋଇ ୩-୩ ୱିକେଟ୍ ନେଇଥିବା ବେଳେ ଅକ୍ଷର ପଟେଲ୍‌ଙ୍କୁ ୨ଟି ସଫଳତା ମିଳିଥିଲା। ଜସ୍‌ପ୍ରୀତ୍ ବୁମ୍‌ରା ଓ ଯଶ୍ ଠାକୁର ୧-୧ ୱିକେଟ୍ ପାଇଥିଲେ। ୨୨୨ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରୁଥିବା ଆଫଗାନିସ୍ତାନ ପ୍ରଥମରୁ ଭଲ ଆରମ୍ଭ କରିଥିଲା। ଦୁଇ ଓପ୍ନର୍ ରହମନୁଲ୍ଲାହ ଗୁରବାଜ୍ ଓ ଇବ୍ରାହିମ୍ ଜାଦରାନ୍ ପ୍ରଥମ ତିନି ଓଭର୍‌ରେ ୩୧ ରନ୍ କରିଥିଲେ। ତେବେ ଚତୁର୍ଥ ଓଭର୍‌ର ପ୍ରଥମ ବଲ୍‌ରେ ଗୁରବାଜ୍‌ଙ୍କୁ ବୋଲ୍ଡ କରି ଅକ୍ଷର ପଟେଲ୍ ଏହି ଯୋଡ଼ି ଭାଙ୍ଗିଥିଲେ। ଗୁରବାଜ୍ ୧୧ ବଲ୍‌ରେ ୧୫ ରନ୍ କରିଥିଲେ। ଏହାପରେ ସେଦିକୁଲ୍ଲାହ ଅଟଲ୍ (୧)ଙ୍କୁ ଅକ୍ଷର ପଟେଲ୍ ନିଜର ଦ୍ୱିତୀୟ ଶିକାର କରିଥିଲେ। ଦାରୱିସ୍ ରସୁଲ୍ ଖାତା ଖୋଲିବା ପୂର୍ବରୁ ବୁମ୍‌ରାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଇବ୍ରାହିମ୍ ଜାଦ୍‌ରାନ୍ ସର୍ବାଧିକ ୨୫ ରନ୍ କରି ଯଶ୍ ଠାକୁରଙ୍କ ଶିକାର ହୋଇଥିଲେ। ଅଜମତୁଲ୍ଲାହ ଓମରଜଇ (୧୭) ଓ ନୁର୍ ଉଲ୍ ରହମାନ୍ (୧୧)ଙ୍କୁ ଛାଡ଼ିଦେଲେ ବାକି ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଶେଷରେ ଟିମ୍ ୧୪.୧ ଓଭର୍‌ରେ ୯୪ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଭାରତ ପକ୍ଷରୁ ଯୁବ ଓପ୍ନର୍ ଅଭିଷେକ ଶର୍ମା ବିସ୍ଫୋରକ ଆରମ୍ଭ କରି ପଡ଼ିଆ ଚାରିଆଡ଼େ ଚୌକା ଛକା ବର୍ଷା କରିଥିଲେ। ନିଜ ଚିର ପରିଚିତ ଅନ୍ଦାଜରେ ଖେଳି ସେ ମାତ୍ର ୩୦ ବଲ୍‌ରେ ଶତକ ପୂରଣ କରିଥିଲେ। ଏହା ଭାରତ ପାଇଁ ଟି-୨୦ ଅନ୍ତର୍ଜାତୀୟରେ ଦ୍ରୁତତମ ଶତକ। ଅଭିଷେକ ୩୪ ବଲ୍‌ରେ ୧୦୮ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳି ଆଉଟ୍ ହୋଇଥିଲେ। ଏହି ଅବସରରେ ତାଙ୍କ ବ୍ୟାଟ୍‌ରୁ ୯ ଚୌକା ଓ ୧୧ ଗଗନଚୁମ୍ବୀ ଛକା ଦେଖିବାକୁ ମିଳିଥିଲା। ଶେଷରେ ରଶିଦ୍ ଖାନ୍ ତାଙ୍କୁ ଆଉଟ୍ କରିଥିଲେ। ଅନ୍ୟପଟେ ସଞ୍ଜୁ ସାମ୍‌ସନ୍ ମଧ୍ୟ ହାତଖୋଲା ସଟ୍ ଖେଳିଥିଲେ। ଅଭିଷେକ ଓ ସଞ୍ଜୁଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୧୪୨ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଏହା ପୂର୍ବରୁ ଦୁହେଁ ପାୱାରପ୍ଲେରେ ୧୦୦ ରନ୍ କରିଥିଲେ, ଯାହା ପାୱାରପ୍ଲେରେ ଭାରତର ସର୍ବାଧିକ ସ୍କୋର୍। ସଞ୍ଜୁ ୩୪ ବଲ୍‌ରେ ଦୁଇ ଚୌକା ଓ ଚାରି ଛକା ସହାୟତାରେ ନିଜର ୫୦ ରନ୍ ପୂରଣ କରିଥିଲେ। ତେବେ ପରବର୍ତ୍ତୀ ବଲ୍‌ରେ ଅଜମତୁଲ୍ଲାହ ଓମରଜଇଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏହି ଇନିଂସ୍ ଅବସରରେ ସଞ୍ଜୁ ଟି-୨୦ କ୍ରିକେଟ୍‌ରେ ନିଜର ୯୦୦୦ ରନ୍ ପୂରଣ କରିଥିଲେ, ଯାହା ତାଙ୍କ କ୍ୟାରିୟର୍‌ର ଏକ ବଡ଼ ମାଇଲଖୁଣ୍ଟ। ଦୁଇ ଓପ୍ନର୍‌ଙ୍କ ଆଉଟ୍ ପରେ ଭାରତୀୟ ମିଡ଼ିଲ୍ ଅର୍ଡର୍ କିଛିଟା ଅସ୍ଥିର ହୋଇପଡ଼ିଥିଲା। ତିଳକ ବର୍ମା ମାତ୍ର ୨ ରନ୍‌ରେ ରନ୍‌ଆଉଟ୍ ହୋଇଥିଲେ। ଏହାପରେ ଶିବମ୍ ଦୁବେ (୧୭ ରନ୍), ଈଶାନ୍ କିଶନ୍ (୧୦ ରନ୍) ଓ ନୀତୀଶ ରେଡ୍ଡୀ (୧ ରନ୍) ଶୀଘ୍ର ପାଭିଲିୟନ୍ ଫେରିଥିଲେ। କ୍ୟାପଟେନ୍ ଶ୍ରେୟସ୍ ଆଇର୍ ଅପରାଜିତ ୨୯ ରନ୍‌ର ଯୋଗଦାନ ଦେଇଥିଲେ। ଅକ୍ଷର ପଟେଲ୍ (୫) ଓ ରବି ବିଶ୍ନୋଇ (୦) ଅପରାଜିତ ରହିଥିଲେ। ଆଫଗାନିସ୍ତାନ ପକ୍ଷରୁ ଓମରଜଇ ୨ଟି ୱିକେଟ୍ ପାଇଥିବା ବେଳେ ରଶିଦ୍ ଖାନ୍ ଓ ଅବଦୁଲ୍ଲାହ ଅହମଦଜଇଙ୍କୁ ୧-୧ ସଫଳତା ମିଳିଥିଲା।




# ଅଭିଷେକଙ୍କ ୩୦ ବଲ୍‌ରେ ଶତକ




### ଟେଷ୍ଟ୍ ଖେଳୁଥିବା ଦେଶ ମଧ୍ୟରେ ଦ୍ରୁତତମ ଟି-୨୦ ଶତକ

### ଦ୍ରୁତତମ ଭାରତୀୟ ଭାବେ ରୋହିତ ଶର୍ମାଙ୍କ ରେକର୍ଡ ଭାଙ୍ଗିଲେ

**ନୂଆଦିଲ୍ଲୀ,୧୭।୯/ଏଜେନ୍ସି:** ଭାରତୀୟ ଓପ୍ନର୍ ଅଭିଷେକ ଶର୍ମା ଆଫଗାନିସ୍ତାନ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚ୍‌ରେ ମାତ୍ର ୩୦ ବଲ୍‌ରେ ଶତକ ହାସଲ କରିଛନ୍ତି। ଏହା ଟେଷ୍ଟ୍ ଖେଳୁଥିବା ଦେଶଗୁଡ଼ିକ ମଧ୍ୟରେ ଟି-୨୦ ଅନ୍ତର୍ଜାତୀୟ ଇତିହାସର ଦ୍ରୁତତମ ଶତକ। ପୂର୍ବରୁ ଭାରତ ପାଇଁ ଏହି ରେକର୍ଡ ରୋହିତ ଶର୍ମାଙ୍କ ନାମରେ ଥିଲା। ରୋହିତ ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ୩୫ ବଲ୍‌ରେ ଶତକ ହାସଲ କରିଥିଲେ। ଏବେ ରୋହିତଙ୍କ ଏହି ରେକର୍ଡକୁ ଅଭିଷେକ ଭଙ୍ଗ କରିଛନ୍ତି। ସାମଗ୍ରିକ ଭାବେ ଟେଷ୍ଟ୍ ଖେଳୁଥିବା ଦେଶଗୁଡ଼ିକର ଖେଳାଳିଙ୍କ ମଧ୍ୟରେ ଫିନ୍ ଆଲେନ୍ ଚଳିତ ବର୍ଷ ସାଉଥ୍ ଆଫ୍ରିକା ବିପକ୍ଷରେ ୩୩ ବଲ୍‌ରେ କରିଥିବା ଶତକକୁ ମଧ୍ୟ ଅଭିଷେକ ପଛରେ ପକାଇ ଦେଇଛନ୍ତି। ଭାରତୀୟ ଓପ୍ନର୍ ୧୬ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ବେଳେ ଶତକରେ ପହଞ୍ଚିବା ପାଇଁ ଆଉ ୧୪ଟି ବଲ୍ ନେଇଥିଲେ। ଶତକ ପୂରଣ ପରେ ଅଭିଷେକ ଚକାମାଡ଼ି ବସିପଡ଼ିବା ସହିତ ଯୋଗମୁଦ୍ରାରେ ଉତ୍ସବ ପାଳନ କରିଥିଲେ।

# ଅଲଗା ହେଲେ ପୃଥ୍ୱୀ ଓ ବାଗ୍‌ଦତ୍ତା ଆକୃତି

**ମୁମ୍ବାଇ,୧୭।୯/ଏଜେନ୍ସି:** ଭାରତୀୟ କ୍ରିକେଟର୍ ପୃଥ୍ୱୀ ଶ' ଏବଂ ତାଙ୍କ ବାଗ୍‌ଦତ୍ତା (ଭାବୀ ପତ୍ନୀ) ଆକୃତି ଅଗ୍ରୱାଲ୍ ଅଲଗା ହୋଇଛନ୍ତି। ଆକୃତି ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଜରିଆରେ ଏହି ସୂଚନା ଦେଇଛନ୍ତି। ପୋଷ୍ଟରେ ଆକୃତି ଲେଖିଛନ୍ତି 'ଆମ ଦୁହିଁଙ୍କ ଭବିଷ୍ୟତ ଲକ୍ଷ୍ୟ ଏବଂ ପରିସ୍ଥିତି ଅଲଗା। ଏହି କାରଣରୁ ଆମେ ପାରସ୍ପରିକ ସମ୍ମତିରେ ଅଲଗା ହେବାର ନିଷ୍ପତ୍ତି ନେଇଛୁ।' ଆକୃତି ପୋଷ୍ଟରେ ଲୋକମାନଙ୍କୁ ସେମାନଙ୍କ ନିଜତା (ପ୍ରାଇଭେସି)ର ସମ୍ମାନ କରିବାକୁ ଅନୁରୋଧ କରିଛନ୍ତି। ଏହା ସହିତ ସେ ଲୋକଙ୍କୁ ନିବେଦନ କରିଛନ୍ତି ଯେ ଏହି ନିଷ୍ପତ୍ତିକୁ ନେଇ କୌଣସି ପ୍ରକାର କଳ୍ପନା ଜଳ୍ପନା ନକରନ୍ତୁ। ଚଳିତ ଜୁଲାଇ ମାସର ପ୍ରଥମ ସପ୍ତାହରେ ଆକୃତି ଅଗ୍ରୱାଲ୍‌ଙ୍କ ଏକ



ଇନ୍‌ଷ୍ଟା ପୋଷ୍ଟକୁ ନେଇ ତାଙ୍କର ଏବଂ ପୃଥ୍ୱୀ ଶ'ଙ୍କ ସମ୍ପର୍କ ଶେଷ ହୋଇଯାଇଥିବା ଅନୁମାନ କରାଯାଉଥିଲା। ଚଳିତ ବର୍ଷ ମାର୍ଚ୍ଚ ୮ ତାରିଖରେ ପୃଥ୍ୱୀ ଓ ଆକୃତି ଅଗ୍ରୱାଲ୍‌ଙ୍କ ନିର୍ବନ୍ଧ ହୋଇଥିଲା। ପୃଥ୍ୱୀ ସୋସିଆଲ୍ ମିଡିଆରେ ଫଟୋ ସେୟାର୍ କରି ସମ୍ପର୍କ ଘୋଷଣା କରିଥିଲେ। ଏବେ ଏହାର ୬ ମାସ ପରେ ଦୁହେଁ ଅଲଗା ହୋଇଛନ୍ତି।

### ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକି

# ପାକିସ୍ତାନର ନ୍ୟୁଟ୍ରାଲ୍ ଭେନ୍ୟୁ ଦାବି ଖାରଜ

**ନୂଆଦିଲ୍ଲୀ,୧୭।୯/ଏଜେନ୍ସି:** ପାକିସ୍ତାନ ହକି ଫେଡେରେସନ୍ (ପିଏଚ୍‌ଏଫ୍)ର ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍ ନ୍ୟୁଟ୍ରାଲ୍ ଭେନ୍ୟୁରେ କରିବା ଦାବିକୁ ହକି ଇଣ୍ଡିଆ ଖାରଜ କରିଦେଇଛି। ଭାରତ-ପାକିସ୍ତାନ ମଧ୍ୟରେ ବର୍ତ୍ତମାନର ଉତ୍ତେଜନା ଏବଂ ସୁରକ୍ଷା କାରଣର ଦୁହାଇଦେଇ ଫେଡେରେସନ୍ ଏହି ଦାବି

### ଖେଳିବାର ଅଛି ତ ଭାରତ ଆସିବାକୁ ହେବ: ହକି ଇଣ୍ଡିଆ



କରିଥିଲା। ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଲାନାଥ ସିଂହ କହିଛନ୍ତି, ପାକିସ୍ତାନକୁ ଟୁର୍ଣ୍ଣାମେଣ୍ଟ ଖେଳିବାର ଅଛି ତ ଭାରତ ଆସିବାକୁ ହେବ। ଯଦି ପାକିସ୍ତାନ ନଆସେ, ତେବେ ତା' ସ୍ଥାନରେ ବାଂଲାଦେଶ କିମ୍ବା ଓମାନ୍ ମଧ୍ୟରୁ କୌଣସି ଗୋଟିଏ ଟିମ୍‌କୁ ସାମିଲ କରାଯାଇପାରେ।


ପାକିସ୍ତାନ ହକି ଫେଡେରେସନ୍ ଅନ୍ତରୀଣ ଅଧ୍ୟକ୍ଷ ମୋହିଉଦ୍ଦିନ୍ ଅହମଦ ବାନୀ କହିଛନ୍ତି, ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟି ରଖି ଖେଳାଳି ଏବଂ ଅଧିକାରୀମାନଙ୍କ ସୁରକ୍ଷା ଜରୁରୀ। ସେ ଏସିଆନ୍ ହକି ଫେଡେରେସନ୍ (ଏଏଚ୍‌ଏଫ୍)କୁ ଟୁର୍ଣ୍ଣାମେଣ୍ଟ ଅନ୍ୟ କୌଣସି ଦେଶରେ କରାଇବା କିମ୍ବା ପାକିସ୍ତାନର ମ୍ୟାଚ୍ ନ୍ୟୁଟ୍ରାଲ୍ ଭେନ୍ୟୁକୁ ସ୍ଥାନାନ୍ତରିତ କରିବାକୁ ଅନୁରୋଧ କରିଛନ୍ତି। ବାନୀ କହିଛନ୍ତି, ପାକିସ୍ତାନ ଏସିଆନ୍ ଚାମ୍ପିଅନ୍ସ ଟ୍ରଫିରେ ଅଂଶଗ୍ରହଣ କରିବ ଏବଂ ଭାରତ ସମେତ ସମସ୍ତ ଏଏଚ୍‌ଏଫ୍ ସଦସ୍ୟ ଦେଶଙ୍କ ବିପକ୍ଷରେ ଖେଳିବାକୁ ପ୍ରସ୍ତୁତ। ସେ ଖେଳକୁ ରାଜନୀତିରୁ ଅଲଗା ରଖିବାକୁ କହିବା ସହିତ ଏଏଚ୍‌ଏଫ୍ ପାକିସ୍ତାନର ପ୍ରସ୍ତାବ ଉପରେ ସକାରାତ୍ମକ ବିଚାର କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି।

ଏହା ପୂର୍ବରୁ ପାକିସ୍ତାନ ୨୦୨୫ରେ ଚେନ୍ନାଇ ଓ ମଦୁରାଇରେ ହୋଇଥିବା ଏଫଆଇଏଚ୍ ପୁରୁଷ ଜୁନିୟର ବିଶ୍ୱକପ୍‌ରୁ ନାମ ପ୍ରତ୍ୟାହାର କରିନେଇଥିଲା। ସେତେବେଳେ ମଧ୍ୟ ସୁରକ୍ଷା ଚିନ୍ତାର ଦୁହାଇ ଦିଆଯାଇଥିଲା। ପାକିସ୍ତାନ ସ୍ଥାନରେ ଓମାନକୁ ଟୁର୍ଣ୍ଣାମେଣ୍ଟରେ ସାମିଲ କରାଯାଇଥିଲା। ପୁରୁଷ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ଅକ୍ଟୋବର ୨୭ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ପଞ୍ଜାବରେ ହେବ। ଟୁର୍ଣ୍ଣାମେଣ୍ଟରେ ଭାରତ, ପାକିସ୍ତାନ, ମାଲେସିଆ, ଚୀନ୍, ଜାପାନ ଓ ଦକ୍ଷିଣ କୋରିଆ ଟିମ୍ ଅଂଶଗ୍ରହଣ କରିବେ। ଜଳନ୍ଧରରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ସେମିଫାଇନାଲ୍ ଓ ଫାଇନାଲ୍ ମ୍ୟାଚ୍ ମୋହାଲୀରେ ଆୟୋଜିତ ହେବ।

# ଇଣ୍ଟର ମିୟାମୀ ପକ୍ଷରୁ ମେସିଙ୍କ ୧୦୦ତମ ଗୋଲ୍

### କ୍ରୁଜ୍ ଏଜୁଲ୍‌କୁ ହରାଇ ଜିତିଲା କାମ୍ପିୟୋନେସ୍ କପ୍

**ମିୟାମୀ,୧୭।୯/ଏଜେନ୍ସି:** ଲିଓନେଲ୍ ମେସି ଇଣ୍ଟର ମିୟାମୀ ପାଇଁ ୧୦୦ତମ ଗୋଲ୍ କରିଛନ୍ତି। ବୁଧବାର ମିୟାମୀର ନ୍ୟୁ ଷ୍ଟାଡିୟମ୍‌ରେ କ୍ରୁଜ୍ ଏଜୁଲ ବିପକ୍ଷ କାମ୍ପିୟୋନେସ୍ କପ୍ ଫାଇନାଲ୍‌ରେ ମେସି ୬୨ତମ ମିନିଟ୍‌ରେ ହେଡର୍



ଜରିଆରେ ଗୋଲ୍ ସ୍କୋର୍ କରିଥିଲେ। ମେସିଙ୍କ ଗୋଲ୍ ଏବଂ ୮୧ତମ ମିନିଟ୍‌ରେ କାସେମିରୋ କରିଥିବା ଗୋଲ୍ ବଳରେ ଇଣ୍ଟର ମିୟାମୀ ମ୍ୟାଚ୍ ୨-୦ରେ ଜିତିଛି। ଏହା ସହିତ ଟିମ୍ ପ୍ରଥମ ଥର କାମ୍ପିୟୋନେସ୍ କପ୍ ଟାଇଟଲ୍ ନିଜ ନାମରେ କରିଛି।

ମ୍ୟାଚ୍‌ର ୬୨ତମ ମିନିଟ୍‌ରେ ଲୁଇସ୍ ସୁଆରେଜ୍‌ଙ୍କ କ୍ରସ୍‌ରେ ମେସିଙ୍କ ହେଡର ଜରିଆରେ ଗୋଲ୍ କରିଥିଲେ। ମ୍ୟାଚ୍‌ର ୮୧ତମ ମିନିଟ୍‌ରେ ମେସିଙ୍କ କର୍ଣ୍ଣର୍ କିକ୍‌ରୁ କାସେମିରୋ ହେଡର୍ ମାଧ୍ୟମରେ ଗୋଲ୍ କରି ଟିମ୍‌କୁ ୨-୦ରେ ଆଗୁଆ କରିଥିଲେ। ଏହା ଇଣ୍ଟର ମିୟାମୀ ପାଇଁ ମେସିଙ୍କ ୧୦୦ ତମ ଗୋଲ୍ ଥିଲା। ସେ ୧୧୫ ମ୍ୟାଚ୍‌ରେ ଏହି ଉପଲବ୍ଧି ହାସଲ କରିଛନ୍ତି। ସୂଚନାଯୋଗ୍ୟ, ମେସି ମିୟାମୀ ପକ୍ଷରୁ ନିଜର ପ୍ରଥମ ଗୋଲ୍ କ୍ରୁଜ୍ ଏଜୁଲ୍ ବିପକ୍ଷରେ ହିଁ କରିଥିଲେ। ୨୦୨୩ ଜୁଲାଇରେ ଡେବ୍ୟୁ ମ୍ୟାଚ୍‌ରେ ସେ ଇଞ୍ଜୁରୀ ଟାଇମ୍‌ରେ ଫ୍ରି-କିକ୍‌ରୁ ଗୋଲ୍ କରି ଟିମ୍‌କୁ ୨-୧ରେ ବିଜୟୀ କରାଇଥିଲେ। ମେସିଙ୍କ ଇଣ୍ଟର ମିୟାମୀରେ ଯୋଗଦେବା ପରେ ଟିମ୍ ଚାରି ଟ୍ରଫି ଜିତିଛି। ମିୟାମୀ ୨୦୨୩ରେ ଲିଗ୍ସ କପ୍, ୨୦୨୪ରେ ସପୋର୍ଟର୍ସ ଶିଲ୍ଡ, ୨୦୨୫ରେ ଏମ୍‌ଏଲ୍‌ଏସ୍ କପ୍ ଏବଂ ଏବେ ୨୦୨୬ରେ କାମ୍ପିୟୋନେସ୍ କପ୍ ନିଜ ନାମରେ କରିଛି।

# ଲଗାତାର ପଞ୍ଚମ ଏଟିପି ଫାଇନାଲ୍ସରେ ଅଲ୍‌କାରାଜ୍

### ସିନର୍-ଜ୍ୱେରେଭ୍‌ଙ୍କ କ୍ଲବ୍‌ରେ ସାମିଲ

**ଟ୍ୟୁରିନ୍,୧୭।୯/ଏଜେନ୍ସି:** ସ୍ପେନ୍‌ର ଷ୍ଟାର୍ ଟେନିସ୍ ଖେଳାଳି କାର୍ଲୋସ୍ ଅଲ୍‌କାରାଜ୍ ୨୦୨୬ ସିଜନ୍ ଅନ୍ତରେ ହେବାକୁ ଥିବା ନିଟ୍ଟୋ ଏଟିପି ଫାଇନାଲ୍ସରେ ସ୍ଥାନ ପକ୍କା କରିଛନ୍ତି। ସେ ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟ ପାଇଁ ଲଗାତାର ପଞ୍ଚମ ଥର ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ସହିତ ଅଲ୍‌କାରାଜ୍ ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଇଟାଲୀର ଜାନିକ୍ ସିନର୍ ଏବଂ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍‌ଙ୍କ ସହ ସାମିଲ ହୋଇଛନ୍ତି।



ଅଲ୍‌କାରାଜ୍‌ଙ୍କ ପାଇଁ ୨୦୨୬ ସିଜନ୍ ବହୁ ଖାସ୍ ରହିଛି। ସେ ମେଲବର୍ଣ୍ଣ ପାର୍କରେ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ୍ ଜିତି କ୍ୟାରିୟର୍ ଗ୍ରାଣ୍ଡ ସ୍ଲାମ୍ ପୂରଣ କରିଛନ୍ତି। ଏହା ବ୍ୟତୀତ ସେ ଦୋହାରେ ମଧ୍ୟ ଟାଇଟଲ୍ ନିଜ ନାମରେ କରିବା ସହିତ ମୋଣ୍ଟେ-କାର୍ଲୋରେ ଏଟିପି ମାଷ୍ଟର୍ସ ୧୦୦୦ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ଖେଳିଥିଲେ। ଏଟିପି ଅନୁସାରେ, ଚଳିତ ସିଜନ୍ ଅଲ୍‌କାରାଜ୍‌ଙ୍କ ଜୟ-ପରାଜୟ ହାରର ରେକର୍ଡ ୨୨-୪ ରହିଛି। ୨୨ ବର୍ଷୀୟ ଏହି ଖେଳାଳି ବର୍ତ୍ତମାନ ସୁଦ୍ଧା ୨୬ ଟୁର୍-ଲେଭଲ୍ ଟାଇଟଲ୍ ଜିତିସାରିଛନ୍ତି। ଅଲ୍‌କାରାଜ୍‌ଙ୍କ ପୂର୍ବରୁ ଜାନିକ୍ ସିନର୍ ଚଳିତ ବର୍ଷର ୱିମ୍ବଲଡନ୍ ଜିତିବା ପରେ ଟୁର୍ଣ୍ଣାମେଣ୍ଟରେ ସ୍ଥାନ ହାସଲ କରିବାରେ ପ୍ରଥମ ଖେଳାଳି ହୋଇଥିଲେ। ସେହିପରି ଜ୍ୱେରେଭ୍ ରୋଲାଣ୍ଡ ଗାରୋସ୍ ଏବଂ ୱିମ୍ବଲଡନ୍‌ରେ ଚମତ୍କାର ପ୍ରଦର୍ଶନ ପରେ ନିଜ ସ୍ଥାନ ପକ୍କା କରିଥିଲେ। ଟ୍ୟୁରିନ୍ ପାଇଁ ବାକି ସ୍ଥାନ ପାଇଁ ଦୌଡ଼ରେ ବେନ୍ ସେଲ୍ଟନ୍, ଫ୍ଲାଭିଓ କୋବୋଲି, ଟ୍ରାବିସ୍ ଟିୟାଫୋ, ଆର୍ଥର ଫିଲ୍ସ, ଡେନିଲ୍ ମେଦଭେଦେବ୍, ଗାଫେଲ୍ ଜୋଡା ଏବଂ ଟେଲର୍ ଫ୍ରିଜ୍‌ଙ୍କ ପରି ସାମିଲ ଅଛନ୍ତି। ଯୁଏସ୍ ଓପନ୍ ପରେ ଶେଲ୍ଟନ୍ 'ଲାଇଭ୍ ରେସ୍ ଟୁ ଟ୍ୟୁରିନ୍'ରେ ତୃତୀୟ ସ୍ଥାନରେ ପହଞ୍ଚିଥିଲେ।

# ମୁଖ୍ୟ ଚୟନକର୍ତ୍ତା ଦୌଡ଼ରେ ପାର୍ଥିବ ଓ ପ୍ରଜ୍ଞାନ

### ଚଳିତ ମାସରେ ସରିବ ଅଜିତ ଅଗରକରଙ୍କ କାର୍ଯ୍ୟକାଳ

**ମୁମ୍ବାଇ,୧୭।୯/ଏଜେନ୍ସି:** ବିସିସିଆଇ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେବାକୁ ଯାଉଛି। ରିପୋର୍ଟ ଅନୁସାରେ ତାଙ୍କୁ ସମ୍ପ୍ରସାରଣ ମିଳିବାର ସମ୍ଭାବନା କମ୍। ତାଙ୍କ ସ୍ଥାନରେ ଏହି ପଦ ପାଇଁ ପୂର୍ବତନ କ୍ରିକେଟର୍ ପାର୍ଥିବ ପଟେଲ୍ ଓ ପ୍ରଜ୍ଞାନ ଓଝାଙ୍କ ନାମ ପ୍ରମୁଖ ଦାବିଦାର ଭାବେ ସାମ୍ନାକୁ ଆସିଛି। ବିସିସିଆଇର ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହେବାର ଅଛି। ଅଗରକର ବୁଧବାର ଅନୁଷ୍ଠିତ ଚୟନ କମିଟି ବୈଠକର ଅଧ୍ୟକ୍ଷତା କରିଥିଲେ। ଏପରି ସ୍ଥିତିରେ ଏହି ବୈଠକ ମୁଖ୍ୟ ଚୟନକର୍ତ୍ତା ଭାବେ ତାଙ୍କର ଅନ୍ତିମ ବୈଠକ ହୋଇପାରେ। ଅଗରକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ କମିଟି ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ହ୍ୱାଇଟ୍-ବଲ୍ ସିରିଜ୍ ଏବଂ ଇରାନୀ ଟ୍ରଫି ପାଇଁ ଟିମ୍‌ର ଘୋଷଣା କରିଛି। ଏହା ବ୍ୟତୀତ ଅଗରକର ଅବଶିଷ୍ଟ ଭାରତ ଟିମ୍ ଚୟନରେ ମଧ୍ୟ ଭୂମିକା ତୁଲାଇଥିଲେ।

ପୂର୍ବତନ ଫାଷ୍ଟ ବୋଲର୍ ଅଗରକରଙ୍କୁ ୨୦୨୩ ଜୁଲାଇରେ ଟିମ୍ ଇଣ୍ଡିଆ ଚୟନ କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା। ଅଗରକରଙ୍କ କାର୍ଯ୍ୟକାଳରେ ଟିମ୍ ଇଣ୍ଡିଆ ୨୦୨୪ରେ ଟି-୨୦ ବିଶ୍ୱକପ୍ ଏବଂ ଗତବର୍ଷ ପ୍ରାରମ୍ଭରେ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ଏହା ବ୍ୟତୀତ ଟିମ୍ ଇଣ୍ଡିଆ ୨୦୨୩ ଦିନିକିଆ





ବିଶ୍ୱକପ୍‌ର ଫାଇନାଲ୍‌ରେ ମଧ୍ୟ ପହଞ୍ଚିଥିଲା। ଫାଇନାଲ୍‌ରେ ଟିମ୍‌କୁ ଅଷ୍ଟ୍ରେଲିଆ ହାତରୁ ପରାଜୟ ମିଳିଥିଲା। ଏହା ବ୍ୟତୀତ ଟିମ୍ ଚଳିତ ବର୍ଷ ଟି-୨୦ ବିଶ୍ୱକପ୍ ଟାଇଟଲ୍ ମଧ୍ୟ ଡିଫେଣ୍ଡ କରିଛି। ଏଣ୍ଟିଟିଭିର ଏକ ସୂତ୍ର ଅନୁସାରେ ଅଗରକରଙ୍କ ସ୍ଥାନରେ ପୂର୍ବତନ ୱିକେଟ୍‌କିପର୍ ପାର୍ଥିବ ପଟେଲ୍ ଏବଂ ପୂର୍ବତନ ସ୍ପିନର୍ ପ୍ରଜ୍ଞାନ ଓଝା ବିସିସିଆଇ ମୁଖ୍ୟ ଚୟନକର୍ତ୍ତା ହେବା ଦୌଡ଼ରେ ସାମିଲ ରହିଛନ୍ତି। ପାର୍ଥିବ ଓ ପ୍ରଜ୍ଞାନ ଆଇପିଏଲ୍‌ରେ ୩-୩ ଥର ଚାମ୍ପିଅନ୍ ଟିମ୍‌ର ସଦସ୍ୟ ରହିସାରିଛନ୍ତି। ପାର୍ଥିବ ଭାରତ ପାଇଁ ୨୫ ଟେଷ୍ଟ, ୩୮ ଦିନିକିଆ ଏବଂ ଦୁଇ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ସେ ଟେଷ୍ଟରେ ୯୩୪, ଦିନିକିଆରେ ୭୩୬ ଏବଂ ଟି-୨୦ ଅନ୍ତର୍ଜାତୀୟରେ ୩୬ ରନ୍ କରିଛନ୍ତି। ୱିକେଟ୍‌କିପର୍ ଭାବେ ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୧୦୩ କ୍ୟାଚ୍ ଏବଂ ୧୯ ଷ୍ଟମ୍ପ କରିଛନ୍ତି। ସେହିପରି ପ୍ରଜ୍ଞାନ ଓଝା ଭାରତ ପାଇଁ ୨୪ ଟେଷ୍ଟ, ୧୮ ଦିନିକିଆ ଓ ୬ ଟି-୨୦ ଅନ୍ତର୍ଜାତୀୟ ଖେଳିଛନ୍ତି। ବାମହାତୀ ସ୍ପିନର୍ ଓଝା ଟେଷ୍ଟରେ ୧୧୩, ଦିନିକିଆରେ ୨୧ରେ ଏବଂ ଟି-୨୦ ଅନ୍ତର୍ଜାତୀୟରେ ୧୦ ୱିକେଟ୍ ନେଇଛନ୍ତି। ଟେଷ୍ଟରେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୬/୪୭ ରହିଛି।

# ଏସିଆନ୍ ଗେମ୍ସ ସେମିଫାଇନାଲ୍‌ରେ ବାଂଲାଦେଶ

### ବର୍ଷା କାରଣରୁ ଚୀନ୍ ବିପକ୍ଷ କ୍ୱାର୍ଟର୍ ଫାଇନାଲ୍ ରଦ୍ଦ

### ପାକିସ୍ତାନ ବି ଅନ୍ତିମ-୪ରେ

**ନିଗାଟା (ଜାପାନ),୧୭।୯/ଏଜେନ୍ସି:** ଏସିଆନ୍ ଗେମ୍ସ ୨୦୨୬ରେ ବାଂଲାଦେଶ ମହିଳା ଟିମ୍ ଗୋଟିଏ ବି ବଲ୍ ନଖେଳି ସେମିଫାଇନାଲ୍‌ରେ ପହଞ୍ଚିଛି। ଚୀନ୍ ବିପକ୍ଷ ଟିମ୍‌ର କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ବର୍ଷା କାରଣରୁ ରଦ୍ଦ ହୋଇଯାଇଛି। ଏହି ମ୍ୟାଚ୍ ଗୁରୁବାର ନିଗାଟାର କୋଗୋଶୀ ସ୍ପୋର୍ଟ୍ସ ପାର୍କରେ ଖେଳାଯିବାର ଥିଲା। ଏହି ପଡ଼ିଆରେ ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ପାକିସ୍ତାନ ୩ ୱିକେଟ୍‌ରେ ଥାଇଲାଣ୍ଡକୁ ହରାଇ ସେମିଫାଇନାଲ୍‌ରେ ସ୍ଥାନ ହାସଲ କରିଛି। ଏହି ମ୍ୟାଚ୍ ୧୧-୧୧ ଓଭର୍ ବିଶିଷ୍ଟ ହୋଇଥିଲା।

ଏସିଆନ୍ ଗେମ୍ସର ଆଧିକାରିକ ଉଦ୍‌ଘାଟନ ସେପ୍ଟେମ୍ବର ୧୯ ତାରିଖରେ ହେବ। କିନ୍ତୁ କ୍ରିକେଟ୍ ମ୍ୟାଚ୍ ସେପ୍ଟେମ୍ବର ୧୭ ତାରିଖରୁ



ପହଞ୍ଚିବ। ଏହି ନିୟମ ଅନୁସାରେ ନିଗାର ସୁଲତାନାଙ୍କ ନେତୃତ୍ୱାଧୀନ ବାଂଲାଦେଶ ଟିମ୍ ସେମିଫାଇନାଲ୍‌ରେ ପହଞ୍ଚିଥିବା ବେଳେ ଚୀନ୍ ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଛି।

ପାକିସ୍ତାନ ଓ ଥାଇଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଅନ୍ୟତମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ବର୍ଷା କାରଣରୁ ୧୧ ଓଭର୍ ବିଶିଷ୍ଟ

ଆରମ୍ଭ ହୋଇଛି। ମହିଳା କ୍ରିକେଟ୍ ମ୍ୟାଚ୍ ସେପ୍ଟେମ୍ବର ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏସିଆନ୍ ଗେମ୍ସ ନିୟମ ଅନୁସାରେ ମ୍ୟାଚ୍ ରଦ୍ଦ ହେଲେ ଉନ୍ନତ ର୍‍ୟାଙ୍କିଙ୍ଗ ଟିମ୍ ପରବର୍ତ୍ତୀ ରାଉଣ୍ଡରେ ହୋଇଥିଲା। ଥାଇଲାଣ୍ଡ ପ୍ରଥମେ ୧୧ ଓଭର୍‌ରେ ୪ ୱିକେଟ୍ ହରାଇ ୯୧ ରନ୍ କରିଥିଲା। ଜବାବରେ ପାକିସ୍ତାନ ୧୦.୪ ଓଭର୍‌ରେ ୭ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି।

### ଟେବୁଲ୍‌ରେ ଭାରତୀୟ ଯୋଡ଼ି ଗ୍ରୁପ୍ ରାଉଣ୍ଡରୁ ବିଦା

**ନାଗୋୟା,୧୭।୯/ଏଜେନ୍ସି:** ଏସିଆନ୍ ଗେମ୍ସର ପ୍ରଥମ ଦିନ ଗୁରୁବାର ଭାରତକୁ ଝଟ୍‌କା ଲାଗିଛି। ଭାରତର ଡେନ୍‌ଜାନ୍ ମାର୍ଶଲ୍ ଜୋଷ୍ଟାଲଭେସ୍ ଓ ମହେଷ୍ୱର ଅନସ ଇନାଗନ୍ ଦେଭେଗ୍ଙ୍କ ଯୋଡ଼ି ପୁରୁଷ ଡବଲ୍ସ ଟେବୁଲ୍ ଇଭେଣ୍ଟରେ ନିଜର ଦୁଇ ଗ୍ରୁପ୍ ମ୍ୟାଚ୍ ହାରି ପଦକ ଦୌଡ଼ରୁ ବାହାରି ପଡ଼ିଛନ୍ତି। ଗ୍ରୁପ୍-ବି'ର ଉଭୟ ମ୍ୟାଚ୍‌ରେ ଗୋଷ୍ଟାଲଭେସ୍-ଦେଭେଗ୍‌ଙ୍କ ଯୋଡ଼ି ୦-୨ରେ ପରାଜିତ ହୋଇଛନ୍ତି। ଭାରତୀୟ ଯୋଡ଼ିକୁ ପ୍ରଥମେ ଭିଏତ୍‌ନାମର ଡୁଙ୍ଗ୍ କିୟାଙ୍ଗ୍ ବା ଓ ଆନ୍ ଖୋଆ ଲେ ୧୨-୧୦, ୧୨-୮ରେ ହରାଇଥିଲେ। ଏହାପରେ ସାଉଥ୍ କୋରିଆର କୁନ୍‌ସୁକ୍ ଲି ଓ ତାଏବିନ୍ କି ୧୨-୪, ୧୨-୬ରେ ମାତ୍ ଦେଇଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra